
ସ୍ୱର୍ଣ୍ଣ ଜିଣିଲେ ସୁରୁଚି-କମଲ୍‌ଜିତ
▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-93 •SATURDAY •26 SEPTEMBER 2026 •PAGE-12 •₹ 7.00 | SAMBALPUR | •ବର୍ଷ-୪୪ •ସଂଖ୍ୟା-୯୩ •ଶନିବାର •୨୬ ସେପ୍ଟେମ୍ବର ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


# ଘେରିଲେ ବିଜେପି ସହଯୋଗୀ

## ମତଭେଦ ସମ୍ପର୍କରେ ମୁହଁ ଖୋଲନ୍ତୁ ଜ୍ଞାନେଶ କୁମାର



■ ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ଭୋଟର ତାଲିକାର ସ୍ପେଶାଲ (ଏସ୍‌ଆଇଆର)କୁ ନେଇ ନିର୍ବାଚନ କମିସନରେ ମତଭେଦ ସଂକ୍ରାନ୍ତ ରିପୋର୍ଟ ସାମ୍ନାକୁ ଆସିବା ପରେ ସାରା ଦେଶରେ ସୃଷ୍ଟି ହୋଇଛି ଆଲୋଡ଼ନ। ବିରୋଧୀ ଦଳଗୁଡ଼ିକ ଏହି ପ୍ରସଙ୍ଗରେ ମୁଖ୍ୟ ନିର୍ବାଚନ କମିସନ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛନ୍ତି। କକ୍ରୋଚ ଜନତା ପାର୍ଟି ପକ୍ଷରୁ ମୁଖ୍ୟ ନିର୍ବାଚନ କମିସନଙ୍କୁ ଇସ୍ତଫା ଦେବାକୁ ୪୮ ଘଣ୍ଟିଆ ଅଲ୍‌ଟିମେଟମ୍ ଦେବା ସହ ଅକ୍ଟୋବର ୨ରୁ ସାରା ଦେଶରେ ଆନ୍ଦୋଳନ ଚେତାବନୀ ଦେଇଛି। ଏହି ସମୟରେ ବିଜେପି ନେତୃତ୍ୱାଧୀନ ଏନ୍‌ଡ଼ିର ତିନି ସହଯୋଗୀ ଦଳ ଟିଡ଼ିପି, ଏଲ୍‌ଜେପି ଓ ଆର୍‌ଏଲ୍‌ଏମ୍ ମଧ୍ୟ ନିର୍ବାଚନ କମିସନଙ୍କ କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରଶ୍ନ ଉଠାଇବା ସହ ସିଇସି ଜ୍ଞାନେଶ କୁମାର ଏହାକୁ ସ୍ପଷ୍ଟ କରିବା କରିବା ଆବଶ୍ୟକ ବୋଲି ଦାବି କରିଛନ୍ତି। କେନ୍ଦ୍ର ସରକାରରେ ଅଂଶୀଦାର ତିନି ରାଜନୈତିକ ଦଳର ଏପରି ଆଭିମୁଖ୍ୟ ପରେ ମୁଖ୍ୟ ନିର୍ବାଚନ କମିସନଙ୍କ ଅଡୁଆ ବଢ଼ିଛି ଓ ଏନ୍‌ଡ଼ିଏ ପାଇଁ ଅସ୍ୱସ୍ତିକର ପରିସ୍ଥିତି ସୃଷ୍ଟି ହୋଇଛି।

ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ମୁଖ୍ୟ ତଥା କେନ୍ଦ୍ରମନ୍ତ୍ରୀ ଚିରାଗ ପାସୱାନ କହିଛନ୍ତି ଯେ ନିର୍ବାଚନ କମିସନ ଏକ ସ୍ୱାଧୀନ ସାମ୍ବିଧାନିକ ସଂସ୍ଥା। ତେଣୁ କମିସନଙ୍କ କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରଶ୍ନ ଉଠିଲେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ▶ପୃଷ୍ଠା-୧୦

**ନିର୍ବାଚନ ପ୍ରକ୍ରିୟା ନେଇ ସନ୍ଦେହ ରହିବା ଚିନ୍ତାଜନକ: ଏଲ୍‌ଜେପି**

**ସ୍ପଷ୍ଟୀକରଣ ଦେବା ଦ୍ୱାରା ଜନସାଧାରଣଙ୍କ ବିଶ୍ୱାସ ବଢ଼ିବ: ଟିଡିପି**

**ନିର୍ବାଚନ କମିଶନରେ ଥିବା ଦ୍ୱନ୍ଦ୍ୱ ତୁରନ୍ତ ସ୍ପଷ୍ଟ ହେଉ: ଆର୍‌ଏଲ୍‌ଏମ୍**

**ଘଟଣାର ତଦନ୍ତ ପାଇଁ ଗଠନ ହେଉ ସଂସଦୀୟ କମିଟି: ୟୁପିପିଏଲ୍**

## ଗାନ୍ଧୀ ଜୟନ୍ତୀରୁ କକ୍ରୋଚ୍ ଆନ୍ଦୋଳନ

■ ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଶନିବାର ସୁଦ୍ଧା ଇସ୍ତଫା ନଦେଲେ ଅକ୍ଟୋବର ୨ରୁ ଦେଶବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଘୋଷଣା କରିଛି କକ୍ରୋଚ ଜନତା ପାର୍ଟି (ସିଜେପି)। ପାର୍ଟିର ପ୍ରତିଷ୍ଠାତା ଅଭିଜିତ ଦୀପକେ ଶୁକ୍ରବାର ଏକ୍ସରେ ଏହି ଘୋଷଣା କରିଛନ୍ତି। ଦୀପକେ କହିଛନ୍ତି ଯେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ମୁମ୍ବାଇରୁ ଆନ୍ଦୋଳନ ଆରମ୍ଭ ହେବ। ପରେ ଏହାକୁ ଦେଶର ବିଭିନ୍ନ ସହରକୁ ନିଆଯିବ। ମୁଖ୍ୟ ନିର୍ବାଚନ କମିସନ ପଦରୁ ଇସ୍ତଫା ଦେବାଲାଗି କକ୍ରୋଚ୍ ପାର୍ଟି ଗତକାଲି ତାଙ୍କୁ ୪୮ ଘଣ୍ଟର ମହଲତ ଦେଇଥିଲା। ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ସହ ଦାବି ପୂରଣ ନହେଲେ 'ଜନ୍ତରମନ୍ତର ୨.୦' ଆନ୍ଦୋଳନର ଚେତାବନୀ ମଧ୍ୟ ଦେଇଥିଲେ। ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ସତ୍ତ୍ୱେ ବିରୋଧୀ ଦଳ କାହିଁକି ନିର୍ବାଚନରେ ▶ପୃଷ୍ଠା-୧୦

**ଦାବି ପୂରଣ ନ ହେଲେ 'ଜନ୍ତରମନ୍ତର ୨.୦'**

## ବିଜେପିର ଯୁକ୍ତି — ଜ୍ଞାନେଶଙ୍କୁ ପଦ୍ମଭୂଷଣ ମିଳୁ



■ କୋଲକାତା, ୨୫।୯ (ଏଜେନ୍ସି): ଏସ୍‌ଆଇଆର୍ ପ୍ରକ୍ରିୟାରେ ନିର୍ବାଚନ କମିଶନ ସଦସ୍ୟଙ୍କ ମଧ୍ୟରେ ମତଭେଦ ପ୍ରସଙ୍ଗକୁ ନେଇ ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ରାଜନୀତି ସରଗରମ ହୋଇ ସାରା ଦେଶ ଉଠୁଛି ପଡ଼ୁଛି। ବିରୋଧୀମାନେ ତାଙ୍କୁ ସମାଲୋଚନା କରିବା ସହିତ ଇସ୍ତଫା ଦାବି କରୁଛନ୍ତି। ହେଲେ ଏପରି ସମୟରେ ଜ୍ଞାନେଶଙ୍କୁ ପଦ୍ମଭୂଷଣ ମିଳୁ ବୋଲି ଦାବି କରିଛନ୍ତି ପଶ୍ଚିମବଙ୍ଗ ବିଜେପି ସଭାପତି ଶମିକ ଭଟ୍ଟାଚାର୍ଯ୍ୟ। ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗରେ ନିର୍ବାଚନ ପ୍ରକ୍ରିୟା ଓ ଭୋଟର ତାଲିକା ସଂଶୋଧନ ନେଇ ହୋଇଥିବା କାମକୁ ପ୍ରଶଂସା କରି ଶମିକ୍ କହିଛନ୍ତି, ପଶ୍ଚିମବଙ୍ଗରେ ଶାନ୍ତିପୂର୍ଣ୍ଣ ▶ପୃଷ୍ଠା-୧୦

## ମୁଖ୍ୟ ନିର୍ବାଚନ କମିସନର୍ ତୁରନ୍ତ ଇସ୍ତଫା ଦିଅନ୍ତୁ: ନବୀନ



■ ଭୁବନେଶ୍ୱର, ୨୫।୯ (ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)କୁ ନେଇ ମୁଖ୍ୟ ନିର୍ବାଚନ କମିଶନଙ୍କ ବିବାଦୀୟ ଭୂମିକା ସାରା ଦେଶରେ ହଟଚମଟ ସୃଷ୍ଟି କରିଛି। ଅନ୍ୟ ଦୁଇଜଣ ନିର୍ବାଚନ କମିସନରଙ୍କ ଆପତ୍ତିକୁ ଅଣଦେଖା କରି ମନଇଚ୍ଛା ନିଷ୍ପତ୍ତି ନେଇଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ସାରା ଦେଶରେ ଜନମତ ତେଜିଛି। ଏହିକ୍ରମରେ ମୁଖ୍ୟ ନିର୍ବାଚନ କମିସନର ତୁରନ୍ତ ଇସ୍ତଫା ଦେବା ଉଚିତ୍ ବୋଲି କହିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।

ଆଜି ବିଧାନସଭା ବାହାରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ନବୀନ କହିଛନ୍ତି ଯେ ନିର୍ବାଚନ କମିଶନରଙ୍କ ମଧ୍ୟରେ ଥିବା ଦୃଢ଼ ଓ ତୀବ୍ର ମତଭେଦ ଯୋଗୁଁ ମୁଖ୍ୟ ନିର୍ବାଚନ କମିଶନର ତୁରନ୍ତ ଇସ୍ତଫା ଦେବା ଉଚିତ। ଏଥିସହ ସମଗ୍ର ଏସ୍‌ଆଇଆର୍ ପ୍ରକ୍ରିୟାର ପୁନଃସମୀକ୍ଷା କରାଯିବା ▶ପୃଷ୍ଠା-୧୦

## ଜ୍ଞାନେଶଙ୍କ ବିରୋଧରେ ଜନସ୍ୱାର୍ଥ ମାମଲା



■ ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ଦୁଇ ଜଣ ନିର୍ବାଚନ କମିସନରଙ୍କ ବିରୋଧ ସତ୍ତ୍ୱେ ବିଭିନ୍ନ ସମୟରେ ଏକତରଫା ନିଷ୍ପତ୍ତି ନେଇ ବିବାଦରେ ଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବି ।।ରୋଧରେ ସୁପ୍ରିମକୋର୍ଟରେ ଆଜି ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟକୁ ଆଧାର କରି ଆଇନଜୀବୀ ଶୈଳେନ୍ଦ୍ର ମଣି ତ୍ରିପାଠୀ ଏହି ମାମଲା ଦାଏର କରିଛନ୍ତି। ଅଭିଯୋଗ କରାଯାଇଛି ଯେ, ନିର୍ବାଚନ ପ୍ରକ୍ରିୟା ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନ୍ୟ ଦୁଇ ନିର୍ବାଚନ କମିସନରଙ୍କ ସମ୍ମତି ବିନା ନିଆଯାଇଛି। ଏଭଳି ନିଷ୍ପତ୍ତି, ନିର୍ଦ୍ଦେଶାବଳୀ ଏବଂ ସଫ୍ଟୱେରରେ କରାଯାଇଥିବା ପରିବର୍ତ୍ତନକୁ ଅସାମ୍ବିଧାନିକ ଘୋଷଣା କରି ଏଗୁଡ଼ିକୁ ରଦ୍ଦ କରାଯାଉ ବୋଲି ଆବେଦନରେ ଦାବି କରାଯାଇଛି। ▶ପୃଷ୍ଠା-୧୦

**ବିନା ସହମତିରେ ହୋଇଥିବା ନିଷ୍ପତ୍ତି, ମାର୍ଗଦର୍ଶିକା, ସଫ୍ଟୱେୟାର ମୋଡିଫିକେସନ ରଦ୍ଦ କରାଯାଉ**

**୧୩ କୋଟି ଭୋଟରଙ୍କ ନାଁ ବାଦ୍ ନେଇ ଏସ୍‌ଆଇଟି ତଦନ୍ତ ଦାବି**

**ବିଭିନ୍ନ ରାଜ୍ୟରେ କଂଗ୍ରେସ ପକ୍ଷରୁ ନିର୍ବାଚନ ଅଫିସ ଘେରାଉ**







# ଉଡ଼ାଣ ପୂର୍ବରୁ ମଦ୍ୟପାନ, ଏୟାର ଇଣ୍ଡିଆ ପାଇଲଟ୍ ନିଲମ୍ବିତ

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ଜୁରିକ୍‌ରୁ ଦିଲ୍ଲୀ ଆସିବାକୁ ଥିବା ଏୟାର ଇଣ୍ଡିଆ ବିମାନର ଉଡ଼ାଣ ପୂର୍ବରୁ ମଦ୍ୟପାନ ଯାଞ୍ଚରେ ବିଫଳ ହୋଇଥିବା ଜଣେସହକାରୀପାଇଲଟ୍‌ଙ୍କୁନିଲମ୍ବିତକରାଯାଇଛି। ସେପ୍ଟେମ୍ବର ୬ରେ ଜୁରିକ୍ ବିମାନବନ୍ଦରରେ ଏହି ଘଟଣା ଘଟିଥିଲା। ମଦ୍ୟପାନ କରିଥିବା ସନ୍ଦେହ ହେବା ପରେ ଉଡ଼ାଣର କିଛି ସମୟ ପୂର୍ବରୁ ତାଙ୍କୁ ବିମାନରୁ ହଟାଇ ଦିଆଯାଇଥିଲା। ଏୟାର ଇଣ୍ଡିଆ ଅଧିକାରୀଙ୍କ ସୂଚନା ଅନୁଯାୟୀ, ପାଇଲଟ୍ ପ୍ରାଥମିକ ମଦ୍ୟପାନ ଯାଞ୍ଚରେ ବିଫଳ ହୋଇଥିଲେ। ଜୁରିକ୍‌ରେ କରାଯାଇଥିବା ଦ୍ୱିତୀୟ ଯାଞ୍ଚର ରିପୋର୍ଟ ଏଯାବତ୍ ମିଳିନାହିଁ। ଚୂଡ଼ାନ୍ତ ଚିକିତ୍ସା ରିପୋର୍ଟ ଆସିବା ପର୍ଯ୍ୟନ୍ତ ସେ ନିଲମ୍ବିତ ରହିବେ। ତାଙ୍କୁ ପରେ ଯାତ୍ରୀ ଭାବେ ଭାରତ ଫେରାଇ ଅଣାଯାଇଥିଲା। ପାଇଲଟ୍‌ଙ୍କୁ ହଟାଯିବା ଯୋଗୁଁ ଏୟାର ଇଣ୍ଡିଆର ଏଆଇ-୧୫୧ ବିମାନ ନିର୍ଦ୍ଧାରିତ ସମୟରେ ଜୁରିକ୍‌ରୁ ଦିଲ୍ଲୀ ଉଡ଼ାଣ କରିପାରିନଥିଲା। ବିମାନଟି ପରଦିନ ଦିଲ୍ଲୀରେ ପହଞ୍ଚିଥିଲା। ଏୟାର ଇଣ୍ଡିଆ କହିଛି ଯେ ସୁରକ୍ଷା, ନିୟମ ଓ କମ୍ପାନିର ପ୍ରୋଟୋକଲ୍ ଉଲ୍ଲଂଘନ ପ୍ରତି ଏହାର 'ଶୂନ୍ୟ ସହନଶୀଳତା' ନୀତି ରହିଛି। କୌଣସି ଉଲ୍ଲଂଘନ ନିଶ୍ଚିତ ହେଲେ ନିୟମ ଓ କମ୍ପାନି ନୀତି ଅନୁଯାୟୀ କଠୋର ପଦକ୍ଷେପ ନିଆଯିବ। ବିମାନ କର୍ମଚାରୀଙ୍କ ପାଇଁ ନିୟମିତ ସଚେତନତା ଓ ଅନୁପାଳନ ପ୍ରଶିକ୍ଷଣ ସହ ମନୋପ୍ରଭାବକାରୀ ପଦାର୍ଥ ଯାଞ୍ଚକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ଏହି ଘଟଣାର କିଛି ସପ୍ତାହ ପୂର୍ବରୁ ଅଗଷ୍ଟ ୪ରେ ଫୁକେଟ୍‌ରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ଏଆଇ-୨୩୭୯ ବିମାନ ଓଡ଼ିଶା ଉପରେ ଉଡୁଥିବା ବେଳେ ହଠାତ୍ ପ୍ରାୟ ୩୦୦ ଫୁଟ୍ ଉଚ୍ଚତା ହରାଇଥିଲା। ଏଥିରେ ୨୦ରୁ ଅଧିକ ଯାତ୍ରୀ ଓ ୪ ଜଣ କର୍ମଚାରୀ ଆହତ ହୋଇଥିଲେ। ବିମାନର କମାଣ୍ଡର ପାଇଲଟ୍ ସୁଦୀପ ବଶିଷ୍ଠଙ୍କ ମାଦକ ଯାଞ୍ଚ ଦୁଇଥର ପଜିଟିଭ୍ ଆସିଥିଲା। ଏହା ପରେ ଏୟାର ଇଣ୍ଡିଆ ସମସ୍ତ ପାଇଲଟ୍‌ଙ୍କ ପାଇଁ ପୁନର୍ବାର ବାଧ୍ୟତାମୂଳକ ମାଦକ ଯାଞ୍ଚ ବ୍ୟବସ୍ଥା କରିଥିଲା।




## ସିବିଏସ୍‌ଇର ନୂଆ ଅଧ୍ୟକ୍ଷ ହେଲେ ମନଦୀପ ଭଣ୍ଡାରୀ

ନୂଆଦିଲ୍ଲୀ, ୨୫।୯(ଏଜେନ୍ସି): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ନୂଆ ଅଧ୍ୟକ୍ଷ ଭାବେ ବରିଷ୍ଠ ଆଇଏଏସ୍ ଅଧିକାରୀ ମନଦୀପ କେ ଭଣ୍ଡାରୀଙ୍କୁ ନିଯୁକ୍ତ କରାଯାଇଛି। ୨୦୦୧ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଭଣ୍ଡାରୀ ବର୍ତ୍ତମାନ ଜମ୍ମୁ-କଶ୍ମୀରର ଉପରାଜ୍ୟପାଳଙ୍କ ପ୍ରମୁଖ ସଚିବ ଭାବେ କାର୍ଯ୍ୟରତ ଥିଲେ। ସିବିଏସ୍‌ଇରେ ଦ୍ୱାଦଶ ଶ୍ରେଣୀ ଉତ୍ତରଖାତା ମୂଲ୍ୟାୟନ ପାଇଁ ବ୍ୟବହୃତ ଅନ୍-ସ୍କ୍ରିନ୍ ମାର୍କିଂ (ଓଏସ୍‌ଏମ୍) ବ୍ୟବସ୍ଥାକୁ ନେଇ ବିବାଦର କିଛି ମାସ ପରେ ଭଣ୍ଡାରୀଙ୍କ ନିଯୁକ୍ତି ହୋଇଛି। ଓଏସ୍‌ଏମ୍ ପ୍ଲାଟ୍‌ଫର୍ମରେ ପ୍ରାଯୁକ୍ତିକ ସମସ୍ୟା ଓ ସେବା କ୍ରୟ ପ୍ରକ୍ରିୟାରେ ଅନିୟମିତତା ନେଇ ଅଭିଯୋଗ ଉଠିଥିଲା। ଏହା ପରେ ସିବିଏସ୍‌ଇ ପକ୍ଷରୁ ସେବା କ୍ରୟ ପ୍ରକ୍ରିୟାର ଯାଞ୍ଚ ଆରମ୍ଭ କରାଯାଇଥିଲା। ଏହି ଘଟଣାକ୍ରମ ମଧ୍ୟରେ ଜୁନ୍ ୨ରେ ତତ୍କାଳୀନ ସିବିଏସ୍‌ଇ ଅଧ୍ୟକ୍ଷ ରାହୁଲ ସିଂହ ଓ ସଚିବ ହିମାଂଶୁ ଗୁପ୍ତାଙ୍କୁ ବୋର୍ଡରୁ ବଦଳି କରାଯାଇଥିଲା। ପରେ ପ୍ରଶାନ୍ତ ଲୋଖାଣ୍ଡେଙ୍କୁ ନୂଆ ସିବିଏସ୍‌ଇ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଥିଲା।



## ୩ ସନ୍ତାନଙ୍କୁ ବିଷ ମିଶା ମିଠା ଖୁଆଇ ହତ୍ୟା ଅଭିଯୋଗ

ଚଣ୍ଡିଗଡ଼, ୨୫।୯(ଏଜେନ୍ସି): ପଞ୍ଜାବର ସଙ୍ଗରୁରରେ ତିନି ସନ୍ତାନଙ୍କୁ ବିଷ ମିଶା ମିଠା ଖୁଆଇ ହତ୍ୟା କରିବା ଏବଂ ଏହାକୁ ଖାଦ୍ୟ ବିଷକ୍ରିୟାର ରୂପ ଦେବାକୁ ମା' ଓ ତାଙ୍କ ପ୍ରେମିକ ଷଡ଼ଯନ୍ତ୍ର କରିଥିବା ପୁଲିସ ଅଭିଯୋଗ କରିଛି। ମାମଲାରେ ମା' ଲଭପ୍ରୀତ କୌରଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ପ୍ରେମିକ ହରଜିତ ସିଂହ ଫେରାର ଥିବାରୁ ତାଙ୍କୁ ଧରିବାକୁ ଚଢ଼ଉ ଜାରି ରହିଛି। ମୃତ ଶିଶୁମାନେ ହେଲେ ୬ ବର୍ଷୀୟ ଜସନୁର କୌର, ୫ ବର୍ଷୀୟ ଅରମାନଦୀପ ସିଂହ ଓ ଅଢେଇ ବର୍ଷୀୟ ରେହାନଦୀପ ସିଂହ। ଅଗଷ୍ଟ ୨୭ରେ ସନ୍ଦେହଜନକ ପରିସ୍ଥିତିରେ ତିନିଜଣଙ୍କ ମୃତ୍ୟୁ ହୋଇଥିଲା। ପ୍ରଥମେ ଏହାକୁ ଖାଦ୍ୟ ବିଷକ୍ରିୟା ବୋଲି ଧରାଯାଇଥିଲା। ଶିଶୁମାନେ ରକ୍ଷାବନ୍ଧନ ଅବସରରେ ବଜାରରୁ ଆସିଥିବା ମିଠା ଖାଇବା ପରେ ଅସୁସ୍ଥ ହୋଇଥିଲେ। କିନ୍ତୁ ସେହି ଦୋକାନରୁ ମିଠା ଖାଇଥିବା ଅନ୍ୟମାନଙ୍କର କୌଣସି ସ୍ୱାସ୍ଥ୍ୟ ସମସ୍ୟା ନ ହେବାରୁ ପୁଲିସର ସନ୍ଦେହ ବଢ଼ିଥିଲା। ତଦନ୍ତରୁ ମିଠାରେ କିଟନାଶକ ଔଷଧ ମିଶାଯାଇଥିବା ସୂଚନା ମିଳିଥିବା ପୁଲିସ କହିଛି। ଶିଶୁମାନଙ୍କ ପିତା ତଥା ଟ୍ରକ୍ ଚାଳକଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ପୁଲିସ ସନ୍ଦେହଜନକ ମିଠା ସମେତ ଅନ୍ୟାନ୍ୟ ସାମଗ୍ରୀର ଫରେନ୍ସିକ୍ ଯାଞ୍ଚ କରୁଛି।

## ନୌସେନା ଅଭ୍ୟାସ ବେଳେ କାଜାଖସ୍ତାନର ୧୪ ସୈନିକ ମୃତ

ଆସ୍ତାନା, ୨୫।୯(ଏଜେନ୍ସି): କାଜାଖସ୍ତାନର କାସ୍ପିଆନ୍ ସାଗରରେ ନୌସେନା ଅଭ୍ୟାସ ସମୟରେ ଅଘଟଣ ଘଟି ୧୪ ଜଣ ସାମରିକ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଘଟଣା ପରେ କର୍ତ୍ତବ୍ୟରେ ଅବହେଳା ଓ ନୌପରିଚାଳନା ନିୟମ ଉଲ୍ଲଂଘନ ଅଭିଯୋଗରେ ୫ ଜଣ ସାମରିକ ଅଧିକାରୀଙ୍କୁ ଅଟକ ରଖାଯାଇଛି। ଗୁରୁବାର ଏକ ପାଟ୍ରୋଲ୍ ନୌକାରୁ ସୈନିକମାନେ ଓହ୍ଲାଉଥିବା ସମୟରେ ହଠାତ୍ ପାଗ ଖରାପ ହୋଇଥିଲା। ପ୍ରବଳ ପବନ ଯୋଗୁଁ ୧୭ ଜଣ ସୈନିକ ସାଗରରେ ଭାସିଯାଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସନ୍ଧାନ ଓ ଉଦ୍ଧାର ଅଭିଯାନ ଶେଷ ହୋଇଥିବା କୁହାଯାଇଛି। ଘଟଣାର ତଦନ୍ତ ପାଇଁ ପ୍ରତିରକ୍ଷାମନ୍ତ୍ରୀ ଦାଉରେନ୍ କୋସାନୋଭଙ୍କ ନେତୃତ୍ୱରେ ଏକ କମିସନ୍ ଗଠନ କରାଯାଇଛି। ଅଟକ ଅଧିକାରୀଙ୍କ ନିଷ୍ପତ୍ତି ସହ ନୌକାର ବୈଷୟିକ ସ୍ଥିତି ଓ ପାଗ ପରିସ୍ଥିତି ମଧ୍ୟ ତଦନ୍ତ କରାଯାଉଛି।

## ବିହାର ପର୍ଯ୍ୟଟନସ୍ଥଳୀରେ ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ

ନୂଆଦିଲ୍ଲୀ, ୨୫।୯(ଏଜେନ୍ସି): ବିହାରର ବାଙ୍କା ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମନ୍ଦାର ପାହାଡ଼ରେ ଜଣେ ମହିଳାଙ୍କୁ ୬ ଜଣ ଅଜଣା ଯୁବକ ଦୁର୍ବ୍ୟବହାର କରିବା ସହ ଚପଲରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସେପ୍ଟେମ୍ବର ୩ର ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ନିକଟରେ ଭାଇରାଲ ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଗତ ୨୨ରେ ସୋସିଆଲ ମିଡିଆ ସେଲ୍‌ଫମାଧ୍ୟମରେ ଭିଡିଓଟି ବୌଁସି ଥାନା ଅଧିକାରୀଙ୍କ ହ୍ୱାଟ୍ସଆପ୍ ନମ୍ବରକୁ ଆସିଥିଲା। ଏହାପରେ ଥାନା ଅଧିକାରୀ ପଙ୍କଜ କୁମାର ଝା ଘଟଣାସ୍ଥଳକୁ ଯାଇ ଭିଡିଓରେ ଦେଖାଯାଇଥିବା ସ୍ଥାନର ଯାଞ୍ଚ କରିଥିଲେ। ପୁଲିସ ନିଜ ଆଡ଼ୁ ମାମଲା ରୁଜୁ କରି ୬ ଜଣ ଅଜଣା ଅଭିଯୁକ୍ତଙ୍କ ବିରୋଧରେ ଅଶ୍ଳୀଳ ଆଚରଣ ଓ ଅଶୋଭନୀୟ କାର୍ଯ୍ୟ ଭଳି ଅଭିଯୋଗ ଲଗାଇଛି। ଭିଡିଓକୁ ତଦନ୍ତର ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଭାବେ ରଖାଯାଇଛି। ଅଭିଯୁକ୍ତ ଓ ପୀଡ଼ିତାଙ୍କ ପରିଚୟ ଜାଣିବା ପାଇଁ ପୁଲିସ ମନ୍ଦାର ପାହାଡ଼ ନିକଟସ୍ଥ ଗାଁର ଲୋକ ଓ ଦୋକାନୀଙ୍କୁ ପଚରାଉଚରା କରିଛି।।

## ଏସ୍‌ଆଇଆର୍ ବିବାଦ
# ଜ୍ଞାନେଶଙ୍କ ଇସ୍ତଫା ଦାବିରେ କଂଗ୍ରେସର ବିକ୍ଷୋଭ



ନୂଆଦିଲ୍ଲୀ, ୨୫।୯(ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକାର ସଂଶୋଧନ (ଏସ୍‌ଆଇଆର୍) ଏବଂ ନିର୍ବାଚନ କମିସନର ନିଷ୍ପତ୍ତି ପ୍ରକ୍ରିୟାକୁ ନେଇ ବିବାଦ ମଧ୍ୟରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ କଂଗ୍ରେସ ପକ୍ଷରୁ ଆଜି ସାରାଦେଶରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ କର୍ମୀମାନେ ନିର୍ବାଚନ ଅଫିସ ଘେରାଉ କରିବା ସହିତ ବିଭିନ୍ନ ସ୍ଥାନରେ ଧାରଣା ଦେଇଛନ୍ତି। ଏହାକୁ ନେଇ ଉତ୍ତେଜନା ସୃଷ୍ଟି ହେବାରୁ ପୁଲିସକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିଛି। ଅନେକ ସହରରେ କଂଗ୍ରେସ କର୍ମୀଙ୍କୁ ଗିରଫ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ପାଟନା ଓ ଚଣ୍ଡିଗଡ଼ରେ ପ୍ରତିବାଦକାରୀଙ୍କୁ ହଟାଇବା ପାଇଁ ପୁଲିସ ଜଳତୋପ ପ୍ରୟୋଗ କରିଛି। ବିକ୍ଷୋଭ ଯୋଗୁଁ ଦିଲ୍ଲୀରେ ନିର୍ବାଚନ କମିସନ କାର୍ଯ୍ୟାଳୟ ବାହାରେ ସୁରକ୍ଷା ବଢ଼ାଯାଇଥିଲା। ମଧ୍ୟପ୍ରଦେଶର ଭୋପାଳ, ଉତ୍ତରାଖଣ୍ଡର ଡେରାଡୁନ୍, ପଶ୍ଚିମବଙ୍ଗର କୋଲକାତା, ଆସାମର ଗୌହାଟୀରେ କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ପଞ୍ଜାବରେ ପ୍ରଦେଶ କଂଗ୍ରେସ ସଭାପତି ଅମରିନ୍ଦର ସିଂହ ରାଜା ୱାରିଂ ଜ୍ଞାନେଶ କୁମାରଙ୍କୁ ହଟାଇବା ଏବଂ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। କର୍ଣ୍ଣାଟକରେ ମଧ୍ୟ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଜ୍ଞାନେଶ କୁମାର ଓ ବିଜେପି ବିଧାୟକ ଅଭୟ ପାଟିଲଙ୍କ ବିରୋଧରେ ପୁଲିସରେ ଅଭିଯୋଗ ଦାଖଲ ହୋଇଛି। ଏହି ମଧ୍ୟରେ ବିରୋଧୀ ଦଳଗୁଡ଼ିକ ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା ପାଇଁ ସଂସଦର ଉଭୟ ସଦନରେ ପ୍ରସ୍ତାବ ଆଣିବାକୁ ପ୍ରସ୍ତୁତି ଚଳାଇଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। କଂଗ୍ରେସ ଅନ୍ୟ ବିରୋଧୀ ଦଳ ସହ ଏନେଇ ଆଲୋଚନା କରୁଥିବା କୁହାଯାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ନିର୍ବାଚନ ପ୍ରକ୍ରିୟାକୁ ନେଇ ଗୁରୁତର ଅଭିଯୋଗ ଉଠାଇ ମୁଖ୍ୟ ନିର୍ବାଚନ କମିସନରଙ୍କ ଇସ୍ତଫା ଦାବି କରିଛନ୍ତି। ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ଏହି ଅଭିଯୋଗକୁ ସମର୍ଥନ କରିଛନ୍ତି। ତେବେ ଏହି ଅଭିଯୋଗକୁ ନିର୍ବାଚନ କମିସନ ଖଣ୍ଡନ କରିଛି। ଆଭ୍ୟନ୍ତରୀଣ ଆଲୋଚନା ସମୟରେ ଭିନ୍ନ ମତ ଓ ପରାମର୍ଶ ଦିଆଯିବା ସାଧାରଣ ପ୍ରକ୍ରିୟା ବୋଲି କମିସନ ସଫେଇ ଦେଇଛନ୍ତି। ଏସ୍‌ଆଇଆର୍ ସମେତ ସମସ୍ତ ଚୂଡ଼ାନ୍ତ ନିଷ୍ପତ୍ତି ସର୍ବସମ୍ମତିରେ ନିଆଯାଇଥିବା ମଧ୍ୟ କମିସନ ସ୍ପଷ୍ଟ କରିଛି। ଅନ୍ୟପକ୍ଷରେ, ଜ୍ଞାନେଶ କୁମାରଙ୍କ କଥିତ ଏକତରଫା ନିଷ୍ପତ୍ତିକୁ ନେଇ ସୁପ୍ରିମକୋର୍ଟରେ ମଧ୍ୟ ଏକ ପିଆଇଏଲ୍ ଦାଏର ହୋଇଛି। ଏଥିରେ ଭୋଟର ତାଲିକାରୁ ପ୍ରାୟ ୧୩ କୋଟି ନାମ ବାଦ ପଡ଼ିଥିବା ଅଭିଯୋଗର ଏସ୍‌ଆଇଟି ତଦନ୍ତ, ମୂଳ 'ଫର୍ମ-୬'ର ପୁନଃସ୍ଥାପନ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏହି ସମସ୍ତ ଅଭିଯୋଗର ଆଇନଗତ ସ୍ଥିତି ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ସମ୍ପୃକ୍ତ ନ୍ୟାୟିକ ପ୍ରକ୍ରିୟା ପରେ ସ୍ପଷ୍ଟ ହେବ।

## ବିରୋଧ ଭୟରେ ଜ୍ଞାନେଶ କୁମାରଙ୍କ ୟୁପି କାର୍ଯ୍ୟକ୍ରମ ସ୍ଥଗିତ

ନୂଆଦିଲ୍ଲୀ, ୨୫।୯(ଏଜେନ୍ସି): ଏସଆଇଆରକୁ ନେଇ ନିର୍ବାଚନ କମିସନରେ ମତଭେଦ ଯୋଗୁଁ ବିବାଦରେ ରହିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଏବେ ବିଭିନ୍ନ ମହଲରେ ପ୍ରବଳ ବିରୋଧରେ ସମ୍ମୁଖୀନ ହୋଇଛନ୍ତି। ତାଙ୍କୁ ହଟାଇବା ଲାଗି ବିଭିନ୍ନ ରାଜନୈତିକ ଦଳ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ୪୮ ଘଣ୍ଟା ମଧ୍ୟରେ ଇସ୍ତଫା ଦେବାଲାଗି କକ୍ରୋଚ ଜନତା ପାର୍ଟି ସମୟ ଦେଇଛି। ଏଭଳି ବିରୋଧ ଭୟରେ ଜ୍ଞାନେଶ କୁମାର ତାଙ୍କର ଉତ୍ତର ପ୍ରଦେଶ କାର୍ଯ୍ୟକ୍ରମକୁ ବାତିଲ କରିଦେଇଛନ୍ତି। ଫଳରେ ତାଙ୍କ ଦ୍ୱାରା ଉତ୍ତରପ୍ରଦେଶରେ ଉଦ୍‌ଘାଟିତ ହେବାକୁ ଥିବା ଦୁଇଟି ନିର୍ବାଚନୀ ସାକ୍ଷରତା କ୍ଲବ୍ ସମ୍ମିଳନୀ ସ୍ଥଗିତ କରାଯାଇଛି। ମିରଠ ଏବଂ ବାରାଣସୀରେ ତାଙ୍କର ଆଉ କିଛି କାର୍ଯ୍ୟକ୍ରମ ମଧ୍ୟ ଥିଲା। ଜ୍ଞାନେଶଙ୍କ ଗସ୍ତ କାର୍ଯ୍ୟକ୍ରମ ବାତିଲ ସଂପର୍କରେ କମିସନଙ୍କ ପକ୍ଷରୁ ସ୍ଥାନୀୟ ପ୍ରଶାସନକୁ ଜଣାଇ ଦିଆଯାଇଛି।

ଅନ୍ୟପକ୍ଷରେ ଏ ସଂପର୍କରେ ନିର୍ବାଚନ କମିସନ କହିଛନ୍ତି ଯେ କାର୍ଯ୍ୟକ୍ରମର ତାରିଖ ପରିବର୍ତ୍ତନ ଏକ ନିୟମିତ ପ୍ରକ୍ରିୟା ଏବଂ ବିଭିନ୍ନ ଲଜିଷ୍ଟିକ୍ ଓ ପ୍ରଶାସନିକ କାରଣରୁ ଏଭଳି ପରିବର୍ତ୍ତନ ହୁଏ। ଏହା ପଛରେ ଅନ୍ୟ କୌଣସି କାରଣ ନାହିଁ ବୋଲି କୁହାଯାଇଛି। ଏହି ଦୁଇ ସମ୍ମିଳନୀ ସ୍ଥଗିତ କରିବାର ନିଷ୍ପତ୍ତି ସେପ୍ଟେମ୍ବର ୨୧ରେ ନିଆଯାଇଥିଲା ବୋଲି ମଧ୍ୟ କମିସନ କହିଛି। ୨୦୨୭ରେ ହେବାକୁ ଥିବା ବିଭିନ୍ନ ରାଜ୍ୟ ନିର୍ବାଚନ ପୂର୍ବରୁ ଭୋଟର ସଚେତନତା ବଢ଼ାଇବା ଲାଗି କମିସନ ପର୍ଯ୍ୟାୟକ୍ରମେ 'ଇଏଲ୍‌ସି ୨.୦' କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହାର ଲକ୍ଷ୍ୟ ଛାତ୍ରଛାତ୍ରୀ ଓ ଯୁବ ଭୋଟରଙ୍କୁ ନିର୍ବାଚନ ପ୍ରକ୍ରିୟା, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ନିର୍ବାଚନୀ ସଂସ୍ଥାଗୁଡ଼ିକର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଅବଗତ କରାଇବା।



# ଜମ୍ମୁ-କଶ୍ମୀର ବିଧାନସଭାରେ ମାର୍‌ପିଟ୍

ଶ୍ରୀନଗର, ୨୫।୯(ଏଜେନ୍ସି): ଜମ୍ମୁ-କଶ୍ମୀରର ପୂର୍ଣ୍ଣ ରାଜ୍ୟ ମାନ୍ୟତା ତୁରନ୍ତ ପୁନଃସ୍ଥାପନ ଦାବିରେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ବିଧାନସଭାରେ ସଂକଳ୍ପ ପ୍ରସ୍ତାବ ଆଗତ କରିବା ପରେ ଶୁକ୍ରବାର ପ୍ରବଳ ହଙ୍ଗାମା ହୋଇଛି। ପ୍ରସ୍ତାବରେ ୨୦୦୦ ମସିହାରେ ତତ୍କାଳୀନ ଜମ୍ମୁ-କଶ୍ମୀର ବିଧାନସଭାରେ ପାରିତ ସ୍ୱାୟତ୍ତତା ସଂକଳ୍ପର ଉଲ୍ଲେଖକୁ ବିଜେପି ବିଧାୟକମାନେ ବିରୋଧ କରିଥିଲେ। ପ୍ରସ୍ତାବ ଆଗତ ହେବାମାତ୍ରେ ଶାସକ ଦଳର ସଦସ୍ୟମାନେ ଡେସ୍କ ବାଡ଼େଇ ସମର୍ଥନ ଜଣାଇଥିଲେ। ଅନ୍ୟପକ୍ଷରେ ବିଜେପି ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ନାରାବାଜି କରିବା ସହ ନ୍ୟାସନାଲ କନ୍‌ଫରେନ୍ସ ସଦସ୍ୟଙ୍କ ସହ ବାକ୍‌ବିତଣ୍ଡାରେ ଜଡ଼ିତଥିଲେ। ପରେ ଘଟଣା ହାତାହାତି ପର୍ଯ୍ୟନ୍ତ ପହଞ୍ଚିଥିଲା। ହଙ୍ଗାମା ମଧ୍ୟରେ ବିଜେପି ବିଧାୟକ ବିକ୍ରମ ରନ୍ଧାୱାଙ୍କୁ ଗୃହରୁ ବାହାର କରାଯାଇଥିଲା। ବିଜେପି ୨୦୦୦ର ସ୍ୱାୟତ୍ତତା ସଂକଳ୍ପକୁ ଉଲ୍ଲେଖ କରାଯିବାରେ ଆପତ୍ତି ଜଣାଇଥିଲା। ଦଳର ବିଧାୟକ ଆର୍‌ଏସ୍ ପଠାନିଆ କହିଥିଲେ, ସ୍ୱାୟତ୍ତତା ପ୍ରସଙ୍ଗରେ ଗୃହରେ ଆଲୋଚନା ହେବାକୁ ଦିଆଯିବ ନାହିଁ। ବିଜେପି ସଦସ୍ୟମାନେ ପ୍ରସ୍ତାବର କପି ମଧ୍ୟ ଚିରିଥିବା ଅଭିଯୋଗ ହୋଇଛି। ବାଚସ୍ପତି ଅବଦୁଲ ରହିମ ରାଦରଙ୍କ ଅନୁରୋଧ ସତ୍ତ୍ୱେ ହଙ୍ଗାମା ନ ଥମିବାରୁ ଗୃହକୁ ପ୍ରଥମେ ୩୦ ମିନିଟ୍ ଏବଂ ପରେ ସେପ୍ଟେମ୍ବର ୨୮ ପର୍ଯ୍ୟନ୍ତ ମୁଲତବୀ କରାଯାଇଛି। ୨୦୦୦ ଜୁନ୍ ୨୬ରେ ଫାରୁକ୍ ଅବଦୁଲ୍ଲାଙ୍କ ନେତୃତ୍ୱାଧୀନ ତତ୍କାଳୀନ ସରକାର ଅଧିକ ସ୍ୱାୟତ୍ତତା ପୁନଃସ୍ଥାପନ ପାଇଁ ସଂକଳ୍ପ ପାରିତ କରିଥିଲା। ୨୦୨୪ ନଭେମ୍ବର ୬ରେ ମଧ୍ୟ ଜମ୍ମୁ-କଶ୍ମୀର ବିଧାନସଭା ବିଶେଷ ମର୍ଯ୍ୟାଦା ପୁନଃସ୍ଥାପନ ପାଇଁ ଆଉ ଏକ ସଂକଳ୍ପ ପାରିତ କରିଥିଲା। ପରେ ଓମାର ଅବଦୁଲ୍ଲା କହିଥିଲେ ଯେ, ବିଜେପି ବିଧାୟକମାନେ ରାଜ୍ୟ ମାନ୍ୟତା ପୁନଃସ୍ଥାପନ ପ୍ରସ୍ତାବ ଉପରେ ଭୋଟିଂରୁ ଦୂରେଇ ରହିବା ପାଇଁ ହଙ୍ଗାମା କରିଥିଲେ।



## ମଣିପୁରରେ ୪ ନାଗାଙ୍କୁ ହତ୍ୟା କଲେ ଉଗ୍ରବାଦୀ

ଇମ୍ଫାଲ, ୨୫।୯(ଏଜେନ୍ସି): ମଣିପୁରର କାମଜୋଙ୍ଗ ଜିଲ୍ଲାରେ ଭାରତ-ମ୍ୟାନମାର ସୀମା ନିକଟରେ ୪ ଜଣ ତାଙ୍ଖୁଲ ନାଗା ନାଗରିକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଗୁରୁବାର ସନ୍ଧ୍ୟାରେ ପିଲୋଙ୍ଗ ନାଗା ଗାଁରେ ଏହି ଘଟଣା ଘଟିଥିବା ପୁଲିସ କହିଛି। ସ୍ଥାନୀୟ ସଂଗଠନଗୁଡ଼ିକ କୁକି ନ୍ୟାସନାଲ ଆର୍ମି-ବର୍ମାର ସଶସ୍ତ୍ର ସଦସ୍ୟଙ୍କ ଉପରେ ହତ୍ୟା ଅଭିଯୋଗ ଆଣିଛନ୍ତି। ମୃତକମାନେ ହେଲେ ଫାମି ଜାଜୋ, ନିଙ୍ଗଥେମ କାସାକ, ବେଟରସନ ଜାଜୋ ଓ ଭ୍ରେଇଶିମ ଜାଜୋ। ଭ୍ରେଇଶିମ ଓ ଫାମି ବାପା-ପୁଅ ଥିଲେ। ସମସ୍ତଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ କାମଜୋଙ୍ଗ ଜିଲ୍ଲା ମୁଖ୍ୟାଳୟକୁ ନିଆଯାଇଛି। ଘଟଣାକୁ ବିରୋଧ କରି ତାଙ୍ଖୁଲ ନାଗା ଲଙ୍ଗ୍ ଶୁକ୍ରବାର ସକାଳ ୭ଟାରୁ ୨୪ ଘଣ୍ଟିଆ ବନ୍ଦ ଡାକରା ଦେଇଛି। ବିଦ୍ୟୁତ୍, ଚିକିତ୍ସା ଓ ଅଗ୍ନିଶମ ଭଳି ଜରୁରୀ ସେବାକୁ ବନ୍ଦରୁ ବାଦ ଦିଆଯାଇଛି। ଶବସତ୍କାର ଓ ଶୋକସଭାରେ ଯୋଗଦେଉଥିବା ଲୋକଙ୍କ ଯାତାୟାତ ମଧ୍ୟ ପ୍ରଭାବିତ ହେବ ନାହିଁ। ସ୍ଥାନୀୟ ସଂଗଠନଗୁଡ଼ିକ ନାଗା ଅଞ୍ଚଳରେ ସୁରକ୍ଷା ବଢ଼ାଇବା ଓ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଚଳିତ ବର୍ଷ ହିଂସାରେ ୪୪ ଜଣଙ୍କ ମୃତ୍ୟୁ ହୋଇଥିବା ସ୍ଥାନୀୟ ସଂଗଠନଗୁଡ଼ିକ ଦାବି କରିଛନ୍ତି।

## 'ମୋତେ ଏନ୍‌କାଉଣ୍ଟର କରିଦେବେ'


ସୋନମ୍ ୱାଙ୍ଗଚୁକ୍

ଶ୍ରୀନଗର, ୨୫।୯(ଏଜେନ୍ସି): ଲଦାଖରେ ଗତବର୍ଷ ପୁଲିସ ଗୁଳିକାଣ୍ଡରେ ୪ ଜଣ ଆନ୍ଦୋଳନକାରୀ ମୃତ୍ୟୁର ବର୍ଷପୂର୍ତ୍ତି ଅବସରରେ ଜଳବାୟୁ କର୍ମୀ ସୋନମ ୱାଙ୍ଗଚୁକ ତାଙ୍କୁ 'ଏନ୍‌କାଉଣ୍ଟର' କରାଯାଇପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ସରକାରଙ୍କ ବିରୋଧରେ ସ୍ୱର ଉଠାଇବା ଯୋଗୁଁ ତାଙ୍କ ବିରୋଧରେ ଆଗକୁ ଆହୁରି ପଦକ୍ଷେପ ନିଆଯାଇପାରେ ବୋଲି ସେ କହିଛନ୍ତି। ୨୪ ସେପ୍ଟେମ୍ବର ୨୦୨୫ର ଗୁଳିକାଣ୍ଡକୁ ସ୍ମରଣ କରି ଆୟୋଜିତ ସଭାରେ ୱାଙ୍ଗଚୁକ ଅଭିଯୋଗ କରିଥିଲେ ଯେ, ଶାନ୍ତିପୂର୍ଣ୍ଣ ଭାବେ ଅଧିକାର ଦାବି କରୁଥିବା ଲଦାଖର ଯୁବକଙ୍କ ଉପରେ ସ୍ୱୟଂଚାଳିତ ଅସ୍ତ୍ରରୁ ଗୁଳି ଚଳାଯାଇଥିଲା। ଘଟଣାର ତଦନ୍ତ ପାଇଁ 'ପିପୁଲ୍ସ ଟ୍ରିବ୍ୟୁନାଲ' ଗଠନ କରିବାକୁ ସେ ଦାବି କରିଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଗଠନ କରିଥିବା ନ୍ୟାୟିକ କମିସନ ଏପର୍ଯ୍ୟନ୍ତ ରିପୋର୍ଟ ଦେଇନଥିବା ସେ କହିଛନ୍ତି। ଗତବର୍ଷର ଆନ୍ଦୋଳନ ତାଙ୍କ ଯୋଗୁଁ ହୋଇଥିବା ଅଭିଯୋଗକୁ ସେ ଖଣ୍ଡନ କରିଥିଲେ। ଲଦାଖକୁ ରାଜ୍ୟ ମାନ୍ୟତା ଓ ଷଷ୍ଠ ଅନୁସୂଚୀରେ ସାମିଲ କରିବା ନେଇ ପୂର୍ବରୁ ପ୍ରତିଶ୍ରୁତି ଦିଆଯାଇଥିଲା ଏବଂ ତାହା ପୂରଣ ନହେବା ଆନ୍ଦୋଳନର ଏକ କାରଣ ବୋଲି ସେ କହିଛନ୍ତି। ଗୁଳିକାଣ୍ଡ ପରେ ୮୧ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ମଧ୍ୟରେ ୱାଙ୍ଗଚୁକ ଥିଲେ। ତାଙ୍କୁ ଜାତୀୟ ସୁରକ୍ଷା ଆଇନରେ ଯୋଧପୁର ଜେଲ୍ ପଠାଯାଇଥିଲା। ୧୭୦ ଦିନ ପରେ ମାର୍ଚ୍ଚ ୧୪ରେ ଅଟକାଦେଶ ପ୍ରତ୍ୟାହାର ହେବାରୁ ସେ ମୁକ୍ତ ହୋଇଥିଲେ। ଏପଟେ ଲେହରେ ଗୁରୁବାର ସମ୍ପୂର୍ଣ୍ଣ ବନ୍ଦ ପାଳନ ହୋଇଥିଲା। ଲୋକଙ୍କୁ ସଭାରେ ଯୋଗଦେବାରୁ ରୋକାଯାଇଥିବା ୱାଙ୍ଗଚୁକଙ୍କ ଅଭିଯୋଗକୁ ପୁଲିସ ଖଣ୍ଡନ କରିଛି। ଅନୁମତିପ୍ରାପ୍ତ ପ୍ରାର୍ଥନା ସଭାରେ ୮୦୦ ଲୋକ ଯୋଗ ଦେଇଥିଲେ।

## ଅଭିଯୁକ୍ତ ଆମେରିକୀୟଙ୍କୁ ଛାଡ଼ିଦେଲେ; କଂଗ୍ରେସର ବିରୋଧ

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ମ୍ୟାନମାରରେ ଉଗ୍ରବାଦୀଙ୍କୁ ଅସ୍ତ୍ର ଓ ଡ୍ରୋନ୍ ଚାଳନା ପ୍ରଶିକ୍ଷଣ ଦେଇଥିବା ଅଭିଯୋଗରେ ମାର୍ଚ୍ଚ ୨୦୨୬ରେ ଗିରଫ ୬ ଜଣ ୟୁକ୍ରେନୀୟ ଓ ଜଣେ ଆମେରିକୀୟ ନାଗରିକଙ୍କୁ ନିଜ ଦେଶକୁ ଯିବାକୁ ଏନ୍‌ଆଇଏ ଅଦାଲତ ଅନୁମତି ଦେଇଛନ୍ତି। ଜାମିନ ବଣ୍ଡ ଦାଖଲ କରିବା ସହ ଏକ ମାସ ପରେ ଭାରତ ଫେରି ଅଦାଲତଙ୍କୁ ସୂଚନା ଦେବା ସର୍ତ୍ତରେ ଏହି ଅନୁମତି ମିଳିଛି। ଏନ୍‌ଆଇଏ କହିଛି, ମାମଲାର ତଦନ୍ତ ଜାରି ରହିଛି। ତେବେ ଏହି ପର୍ଯ୍ୟାୟରେ ଅଭିଯୁକ୍ତଙ୍କ ତୁରନ୍ତ ଉପସ୍ଥିତି ଆବଶ୍ୟକ ନାହିଁ। ବିଦେଶୀ ନାଗରିକଙ୍କ ପରିବାରକୁ ଭେଟିବାର ସାମ୍ବିଧାନିକ ଅଧିକାର ଥିବା ଦର୍ଶାଇ ଅଦାଲତ ଯାତ୍ରାକୁ ଅନୁମତି ଦେଇଛନ୍ତି। ଏନ୍‌ଆଇଏ ଅଭିଯୋଗ ଅନୁଯାୟୀ, ସାତ ଜଣ ପର୍ଯ୍ୟଟକ ଭିସାରେ ଭାରତ ଆସି ଉତ୍ତର-ପୂର୍ବ ଅଞ୍ଚଳକୁ ଯାଇଥିଲେ। ପରେ ମିଜୋରାମ ଦେଇ ବେଆଇନ ଭାବେ ମ୍ୟାନମାର ପ୍ରବେଶ କରି ସେଠାରେ ଜାତିଗତ ସଶସ୍ତ୍ର ଗୋଷ୍ଠୀଙ୍କୁ ଅସ୍ତ୍ର ଓ ଡ୍ରୋନ୍ ଯୁଦ୍ଧ ପ୍ରଶିକ୍ଷଣ ଦେଇଥିବା ଅଭିଯୋଗ ହୋଇଛି। ମାମଲାରେ ୟୁଏପିଏ ଆଇନର ଧାରା ୧୮ ସମେତ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ଲାଗୁ କରାଯାଇଥିଲା। ଡ୍ରୋନ୍, ଡିଜିଟାଲ୍ ଉପକରଣ ଓ ଅନ୍ୟାନ୍ୟ ଜବତ ସାମଗ୍ରୀର ପରୀକ୍ଷା ଏବେ ମଧ୍ୟ ବାକି ଥିବା ଏନ୍‌ଆଇଏ କହିଛି।

ତେବେ କଂଗ୍ରେସ ଏହାର ବିରୋଧ କରିଛି। ପାର୍ଟି କହିଛି ଯେ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ବିଦେଶୀଙ୍କୁ ଆମେରିକା ଚାପରେ ଭାରତ ସରକାର ଛାଡ଼ିଦେଇଛନ୍ତି।

## ମେଟାକୁ ନିର୍ଦ୍ଦେଶ: ମୋଦୀଙ୍କ ମର୍ଫେଡ୍ ଏଆଇ ଫଟୋ ହଟାଅ

ନୂଆଦିଲ୍ଲୀ, ୨୫।୯(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଜଣେ ମହିଳାଙ୍କ ମର୍ଫେଡ୍ ତଥା ଆପତ୍ତିଜନକ ଫଟୋ ହଟାଇବା ନେଇ ଦିଲ୍ଲୀ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହି କ୍ରମରେ ହାଇକୋର୍ଟ ପ୍ରସାରଣ ମାମଲାରେ ମେଟା ପ୍ଲାଟଫର୍ମକୁ ୨୪ ଘଣ୍ଟା ମଧ୍ୟରେ ଉକ୍ତ ବିଷୟବସ୍ତୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଧମକ ମିଳୁଥିବା ଅଭିଯୋଗ କରିଥିବା ମହିଳାଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇବାକୁ ଦିଲ୍ଲୀ ପୁଲିସକୁ କହିଛନ୍ତି। ଜଷ୍ଟିସ୍ ଗିରିଶ କଥପାଲିଆଙ୍କ ଖଣ୍ଡପୀଠ ଏହି ମାମଲାରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନେତା ସୌରଭ ଦାସ, ଅଭିଜିତ ଦିପ୍‌କେ, ଆଶୁତୋଷ ରଙ୍କା ଓ ରତ୍ନା ସିଂହଙ୍କୁ ନୋଟିସ୍ ଜାରି କରିଛନ୍ତି। ମହିଳା ଜଣକ ଅଭିଯୋଗ କରିଛନ୍ତି ଯେ, ଯନ୍ତରମନ୍ତରରେ ସିଜେପିର ପ୍ରତିବାଦ ସମୟରେ ତାଙ୍କ ବ୍ୟକ୍ତିଗତ ଫଟୋ ନିଆଯାଇ ଏଆଇ ଆଧାରିତ ଫେସ୍-ସ୍ୱାପିଂ ପ୍ରଯୁକ୍ତିରେ ଅଶ୍ଳୀଳ ଚିତ୍ର ପ୍ରସ୍ତୁତ କରାଯାଇଥିଲା। ଏହି ଚିତ୍ର ବ୍ୟାନରରେ ପ୍ରଦର୍ଶିତ ହେବା ସହ ଇନ୍‌ଷ୍ଟାଗ୍ରାମ୍ ଓ ଅନ୍ୟ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଥିବା ଅଭିଯୋଗ ହୋଇଛି। ପୁଲିସକୁ ଏକ ସପ୍ତାହ ମଧ୍ୟରେ ତଦନ୍ତର ଅଗ୍ରଗତି ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ କୋର୍ଟ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୪ରେ ହେବ।





**ଖଣି ଆଇନ ସଂଶୋଧନକୁ ବିରୋଧ**

# ବିଧାନସଭା ଅଚଳ, ସର୍ବଦଳୀୟ ବୈଠକ ବିଫଳ




ଭୁବନେଶ୍ୱର,୨୫।୯ (ସମିସ): ଏମଏମଡିଆର ସଂଶୋଧନ ଆଇନକୁ ନେଇ ବିଜେଡି ଓ କଂଗ୍ରେସର ପ୍ରବଳ ହଟ୍ଟଗୋଳ କାରଣରୁ ଆଜି ଚତୁର୍ଥ ଦିନ ପାଇଁ ବିଧାନସଭା ଚାଲିପାରି ନାହିଁ। ସଂଶୋଧିତ ଆଇନ ପ୍ରତ୍ୟାହାର ଦାବିରେ ବିରୋଧୀ ଗୃହରେ ପ୍ରବଳ ହଟ୍ଟଗୋଳ ଜାରି ରଖିଥିବା ବେଳେ ଚତୁର୍ଥ ଦିନରେ ଗୃହ ମାତ୍ର ୯ ମିନିଟ ଚାଲି ପାରିଛି। ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ସର୍ବଦଳୀୟ ବୈଠକ ଡାକି ସମାଧାନର ରାସ୍ତା ବାହାର କରିବାକୁ ଉଦ୍ୟମ କରିଥିଲେ ହେଁ ତାହା ଫଳପ୍ରଦ ହୋଇପାରି ନାହିଁ। ଫଳରେ ସେ ଗୃହକୁ ଆସନ୍ତା ସୋମବାର ସକାଳ ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି। ବିଧାନସଭା ମୁଲତବୀ ହେବା ପରେ ଗୃହ ଭିତରେ ଏବଂ ବାହାରେ ବିଜେଡି ବିଧାୟକମାନଙ୍କର ଅଭିନବ ଶୈଳୀରେ ଏମଏମଡିଆର ସଂଶୋଧିତ ଆଇନର ବିରୋଧ, ସାଧାରଣରେ ଚର୍ଚ୍ଚାର କାରଣ ପାଲଟିଛି।

ଶୁକ୍ରବାର ବିଧାନସଭା ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସର ବିଧାୟକ ଗୃହ ମଧ୍ୟକୁ ମାଡ଼ି ଆସିଥିଲେ। ହାତରେ ପୋଷ୍ଟର, ବ୍ୟାନର ଧରି ନାରାବାଜି କରିବା ସହ ଏମଏମଡିଆର ଆଇନ ପ୍ରତ୍ୟାହାର ଦାବି କରିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଦୁଇଟି ତାରକା ପ୍ରଶ୍ନର ଉତ୍ତର ଯଥାକ୍ରମେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ରଖିଥିଲେ। ତେବେ ବିରୋଧୀ ହୋ ହଲ୍ଲା ଜାରି ରଖିବାରୁ ଉପ ବାଚସ୍ପତି ଗୃହକୁ ୧୦ଟା ୩୪ ମିନିଟରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ତେବେ ଗୃହ ମୁଲତବୀ ହେବା ପରେ ବିଜେଡି ବିଧାୟକମାନେ ଗୃହ ବାହାରେ ଅଭିନବ ଶୈଳୀରେ ଏହି ଆଇନ ବିରୋଧରେ ପ୍ରତିବାଦ ଜଣାଇଥିଲେ। ବିଧାନସଭାରୁ ବାହାରି ସେମାନେ ଏଜି ଛକ ପର୍ଯ୍ୟନ୍ତ ଯାଇ ସେଠାରେ ଲୋକମାନଙ୍କୁ ଏହି ଆଇନ ବାବଦରେ ବିସ୍ତୃତ ଆଲେଖ୍ୟ ଥିବା ଲିଫଲେଟ ବଣ୍ଟନ କରିଥିଲେ। ଏଜି ଛକରେ ଥିବା ଟ୍ରାଫିକ୍ ପୋଷ୍ଟ ଉପରେ ବିଜେଡି ବିଧାୟକ ଡ. ଅରୁଣ ସାହୁ ଚଢ଼ି ଆଇନ ବିରୋଧରେ ଗର୍ଜିଥିଲେ । ବିଜେଡି

**ଏଜି ଛକରେ ସାଧାରଣଲୋକଙ୍କୁ ଲିଫ୍‌ଲେଟ୍ ବାଣ୍ଟିଲେ ବିଜେଡି ବିଧାୟକ**

**ବିଧାନସଭା ଭିତରେ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ମନ୍ତ୍ରୀଙ୍କୁ ଧରାଇଲେ ଲିଫ୍‌ଲେଟ୍**

**ଗୃହ ବାହାରେ ଖଣି ଆଇନ ବିରୋଧରେ ଗର୍ଜିଲେ କଂଗ୍ରେସ ବିଧାୟକଗଣ**

ବିଧାୟକଙ୍କର ବିରୋଧ ଏଇଠାରେ ସରି ନ ଥିଲା। ଏଜି ଛକରୁ ଫେରି ଦଳୀୟ ବିଧାୟକମାନେ ସ୍ଲୋଗାନ ଦେବା ସହ ବିଧାନସଭା ପରିସରରେ ଥିବା ପ୍ରତ୍ୟେକ ମନ୍ତ୍ରୀମାନଙ୍କର ଚାମ୍ବରକୁ ଯାଇଥିଲେ। ପ୍ରତ୍ୟେକ ମନ୍ତ୍ରୀମାନଙ୍କୁ ଏମଏମଡିଆର ସଂଶୋଧନ ଆଇନ ପ୍ରତ୍ୟାହାର ଦାବିକୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। ଏପଟେ ଗୃହ ମୁଲତବୀ ହେବା ପରେ କଂଗ୍ରେସ ବିଧାୟକମାନେ ମଧ୍ୟ ଗୃହ ବାହାରେ ପରିକ୍ରମା କରି ଏହି ଆଇନର ବିରୋଧ କରିଥିଲେ।

ଅପରାହ୍ନ ୪ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ପୁନର୍ବାର ବିରୋଧୀ ସଦସ୍ୟ ନିଜର ପ୍ରତିବାଦ, ନାରାବାଜି ଆରମ୍ଭ କରିଦେଇଥିଲେ। ଗୃହରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ଉପ ବାଚସ୍ପତି ଗୃହକୁ ୪ଟା ୦୧ ମିନିଟରେ ମୁଲତବୀ ରଖି ସର୍ବଦଳୀୟ ବୈଠକ ଡକାଇଥିଲେ। ତେବେ ସର୍ବଦଳୀୟ ବୈଠକକୁ ଉଭୟ ବିରୋଧୀ ବର୍ଜନ କରିଥିଲେ। ଏହାପରେ ବିଭିନ୍ନ ପର୍ଯ୍ୟାୟରେ ଉପ ବାଚସ୍ପତି ଗୃହକୁ ୫ ପର୍ଯ୍ୟାୟ ମୁଲତବୀ ରଖିଥିଲେ। ୫ଟା ୩୦ରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ମଧ୍ୟ ବିରୋଧୀ ନିଜର ପ୍ରତିବାଦ ଜାରି ରଖିଥିଲେ। ଏହି ସମୟ ମଧ୍ୟରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ କାଗଜ ଉପସ୍ଥାପନ କରିଥିଲେ। ପରେ ଉପ ବାଚସ୍ପତି ଗୃହକୁ ୫ଟା ୩୪ରୁ ସୋମବାର ସକାଳ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

# ରଞ୍ଜିତ୍ ମହାନ୍ତି 'ସକାଳ' କାର୍ଯ୍ୟନିର୍ବାହୀ ସମ୍ପାଦକ, ମହେଶ୍ୱର ସାହୁ ବାର୍ତ୍ତା ସମ୍ପାଦକ

ଭୁବନେଶ୍ୱର (ସମିସ): ନନ୍ଦିଘୋଷ ଟିଭି ନେଟୱର୍କ ପ୍ରା.ଲିଃ ପରିଚାଳିତ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପରିଚାଳନା କର୍ତ୍ତୃପକ୍ଷ ଉଭୟ ସଂଗଠନର ପ୍ରଶାସନିକ ସ୍ତରରେ ଏକ ଛୋଟ ଅଦଳବଦଳ କରିଛନ୍ତି। ସମରେନ୍ଦୁ ଦାସ 'ନନ୍ଦିଘୋଷ ଟିଭି' ମୁଖ୍ୟ ସମ୍ପାଦକ ଭାବରେ ଯୋଗ ଦେବା ପରେ 'ସକାଳ'ର ବ୍ୟୁରୋ ମୁଖ୍ୟ ରଞ୍ଜିତ୍ ମହାନ୍ତିଙ୍କୁ ପଦୋନ୍ନତି ଦିଆଯାଇ କାର୍ଯ୍ୟନିର୍ବାହୀ ସମ୍ପାଦକ ଭାବରେ ଅବସ୍ଥାପିତ କରାଯାଇଛି। ଅନୁରୂପ ଭାବରେ 'ସକାଳ'ର ସହ-ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁଙ୍କୁ ବାର୍ତ୍ତା ସମ୍ପାଦକ ପଦକୁ ପଦୋନ୍ନତି ଦିଆଯାଇଛି। ଏହି ନିର୍ଦ୍ଦେଶ ତତ୍‌କାଳ କାର୍ଯ୍ୟକାରୀ କରାଯିବା ନିମନ୍ତେ ନନ୍ଦିଘୋଷ ଟିଭି ନେଟୱର୍କ ପ୍ରା.ଲିଃ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି।

# ଆସନ୍ତା ୩୦ରେ ନବନିର୍ମାଣ କୃଷକ ଓ ଯୁବ ଛାତ୍ର ସଂଗଠନର ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡକରା



ଭୁବନେଶ୍ୱର, ୨୫।୯ (ସମିସ): ପାଠ୍ୟପୁସ୍ତକରେ ତ୍ରୁଟି ଓ ବହି ବିଭ୍ରାଟକୁ ନେଇ ନବନିର୍ମାଣ କୃଷକ ସଂଗଠନ ଏବଂ ନବନିର୍ମାଣ ଯୁବଛାତ୍ର ସଂଗଠନ ପକ୍ଷରୁ ଚଳିତ ମାସ ୩୦ତାରିଖରେ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯିବ ବୋଲି ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସଂଗଠନର ଦାବି ଅନୁଯାୟୀ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ଥିବା ତ୍ରୁଟିର ସମାଧାନ, ନୂତନ ବହି ଛାତ୍ରଛାତ୍ରୀଙ୍କୁ ଯୋଗାଇବା ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ଏହି ଆନ୍ଦୋଳନ ଚାଲିଛି। ଲୋୟର ପିଏମଜିରେ ଚାଲିଥିବା ସତ୍ୟାଗ୍ରହ ୩୭ ଦିନରେ ପହଞ୍ଚିଥିବା ସଂଗଠନ ପକ୍ଷରୁ କୁହାଯାଇଛି। ଗତ ଅଗଷ୍ଟ ୨୦ରୁ ମନୱର ଅଲ୍ଲୀ ଅନଶନ ଆରମ୍ଭ କରି ୧୮ ଦିନ ଅନଶନ କରି ସମାପ୍ତ କରିବା ପରେ ଚଳିତ ମାସ ୬ତାରିଖରୁ ଅକ୍ଷୟ କୁମାର ଅନିର୍ଦ୍ଦିଷ୍ଟକାଳୀନ ଅନଶନରେ ବସିଥିବା ସଂଗଠନ କହିଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଅକ୍ଷୟ କୁମାର ପ୍ରକାଶ କରିଛନ୍ତି।

# ଧାରଣାସ୍ଥଳରେ ପିସିସି ସଭାପତି ଅସୁସ୍ଥ; ଡାକ୍ତରଖାନାରେ ଚିକିତ୍ସାଧୀନ



ଭୁବନେଶ୍ୱର,୨୫।୯ (ସମିସ): ଗାନ୍ଧୀ ମାର୍ଗରେ ଆନ୍ଦୋଳନ ବେଳେ ପିସିସି ସଭାପତି ଭକ୍ତ ଚରଣ ଦାସ ଅସୁସ୍ଥ ହୋଇପଡ଼ିଛନ୍ତି। ଫଳରେ ତୁରନ୍ତ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ଏଆଇସିସି ନିର୍ଦ୍ଦେଶକ୍ରମେ ପିସିସି ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହା ପରେ କଂଗ୍ରେସ ଦଳର ନେତୃବୃନ୍ଦ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବି କରି ଗାନ୍ଧୀ ମାର୍ଗରେ ଧାରଣା ଆରମ୍ଭ କରାଯାଇଥିଲା। ସେଠାରେ ହଠାତ୍ ଭକ୍ତ ଅସୁସ୍ଥ ହୋଇପଡ଼ିଥିଲେ। କଂଗ୍ରେସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ବିଗତ ଆଠ ଦିନ ହେବ ଜ୍ୱର ଜନିତ ଅସୁସ୍ଥତା ପାଇଁ ପିସିସି ସଭାପତି ନିୟମିତ ଔଷଧ ସେବନ କରୁଥିଲେ। ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ବ୍ୟସ୍ତ ରହିବା ଯୋଗୁଁ ଆବଶ୍ୟକୀୟ ବିଶ୍ରାମ ପାଇ ପାରିନଥିଲେ। ଆଜି ପିସିସିର ସମାବେଶ ଏବଂ ଘେରାଉ ଆନ୍ଦୋଳନ ସମୟରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କର ରକ୍ତଚାପ ଓ ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଇଥିବା ବେଳେ ଅମ୍ଳଜାନ ସ୍ତର କମ୍ ଥିବା ଜଣାପଡ଼ିଛି। ତେଣୁ ଏକ ସପ୍ତାହ ପର୍ଯ୍ୟନ୍ତ ହସ୍ପିଟାଲରେ ରହି ଚିକିତ୍ସିତ ହେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି।

**ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

# ସମବାୟ ସଂସ୍ଥା ଅନ୍ନଦାତାଙ୍କ ଜୀବନରେଖା



ଭୁବନେଶ୍ୱର,୨୫।୯ (ସମିସ): ସମବାୟ ସଂସ୍ଥା କୌଣସି ରାଜନୈତିକ ମଞ୍ଚ ନୁହେଁ; ଏହା ଆମର ଅନ୍ନଦାତା ଚାଷୀ ଭାଇଭଉଣୀଙ୍କ ଜୀବନରେଖା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶୁକ୍ରବାର ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ପ୍ୟାକ୍ସ ଓ ଲ୍ୟାମ୍ପ୍‌ସର ମେଗା ସଦସ୍ୟତା ଅଭିଯାନର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ସମ୍ବନ୍ଧ' କେବଳ ଗୋଟିଏ ଯୋଜନାର ଶୁଭାରମ୍ଭ ନୁହେଁ, ବରଂ ଏହା ସରକାର ଏବଂ ରାଜ୍ୟର ପ୍ରତ୍ୟେକ ଚାଷୀ ପରିବାର ମଧ୍ୟରେ ନିବିଡ଼ ସମ୍ପର୍କ ଓ ବିଶ୍ୱାସର ବନ୍ଧନକୁ ସୁଦୃଢ଼ କରିବାର ଏକ ଅଭିନବ ପ୍ରୟାସ। ରାଜ୍ୟର କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ନିର୍ଭରଶୀଳ ଚାଷୀଙ୍କ ଜୀବନରେ ଏହା ଏକ ନୂତନ ଫର୍ଦ୍ଦ ଯୋଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷକମାନଙ୍କୁ ବିପୁଳ ସଂଖ୍ୟାରେ ପ୍ୟାକ୍ସ ଓ ଲ୍ୟାମ୍ପ୍‌ସରେ ଯୋଡ଼ି ହେବାକୁ ଆହ୍ୱାନ ଦେଇଛନ୍ତି।

ଭାରତର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ନିଜର ''ସମବାୟ ନୀତି ୨୦୨୬' ପ୍ରଣୟନ କରିଛି। ଏହି ନୂତନ ନୀତି ଅଧୀନରେ ପ୍ୟାକ୍ସ ଓ ଲ୍ୟାମ୍ପସ୍ ଗୁଡ଼ିକୁ କେବଳ ଋଣ ପ୍ରଦାନ ମଧ୍ୟରେ ସୀମିତ ନରଖି ଗ୍ରାମାଞ୍ଚଳର ''ମଲ୍ଟି-ସର୍ଭିସ୍ ୱାନ୍-ଷ୍ଟପ୍ ସଲ୍ୟୁସନ୍' ସେଣ୍ଟରରେ ପରିଣତ କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୮୫ଟି ରୂପାନ୍ତରିତ ମଣ୍ଡି, ୫୦ଟି କଷ୍ଟମ୍ ହାୟାରିଂ ସେଣ୍ଟର, ୨୫୦ଟି ଜନସେବା କେନ୍ଦ୍ର, ୬୦ଟି ନୂତନ ଉପଭୋକ୍ତା ଗୋଦାମ, ୭୦ଟି ପ୍ୟାକ୍ସର ନୂତନ କାର୍ଯ୍ୟାଳୟ ଓ ଗୋଦାମ ଘର, ୨୧ଟି ପ୍ୟାକ୍ସରେ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟନ କରିବା ସହିତ ୪ଟି ଆଦର୍ଶ ମଣ୍ଡି ଏବଂ ବିଶ୍ୱର ସର୍ବବୃହତ୍ ଶସ୍ୟ ସଂରକ୍ଷଣ ଯୋଜନାରେ ୩ଟି ଶସ୍ୟ ଗୋଦାମଘରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାସହିତ ୩୦୦ଟି ପ୍ୟାକ୍ସରେ ଏନ୍‌ଏଲ୍‌ପିଏସ୍ ମାଧ୍ୟମରେ ଅନ୍‌ଲାଇନ୍ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ରାଜ୍ୟର ଆଖୁ ଚାଷୀଙ୍କ ଆୟ ବୃଦ୍ଧି ଓ ସମବାୟ ଚିନି ଶିଳ୍ପର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ "ସମବାୟ ଚିନି ଶିଳ୍ପ ଅଞ୍ଚଳରେ ଆଖୁ ଉତ୍ପାଦନ ପ୍ରୋତ୍ସାହନ" ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ଅଧୀନରେ ପ୍ରାରମ୍ଭିକ ପର୍ଯ୍ୟାୟରେ ବଡ଼ମ୍ବା ଓ ଆସିକା ସମବାୟ ଚିନି କଳ ଅଞ୍ଚଳର ଚାଷୀମାନଙ୍କୁ ଏକର ପ୍ରତି ୧୫,୦୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମର ୧୧ ଜଣ ସହକାରୀ ଅଧୀକ୍ଷକ, ୧୯ ଜଣ ପଣ୍ୟାଗାର ସହାୟକ ଏବଂ ୩୬ ଜଣ ସମବାୟ ନିରୀକ୍ଷକଙ୍କୁ ଆନୁଷ୍ଠାନିକ ଭାବେ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି।

# ବିଜେପି ଇଙ୍ଗିତରେ ଓଡ଼ିଶାରେ ୨୭.୫ ଲକ୍ଷ ଭୋଟର ବାଦ୍: ବିଜେଡି

**ମୁଖ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟକାରିତା ସନ୍ଦେହଘେରରେ**

**ବିଭିନ୍ନ ସରକାରୀ ସଂସ୍ଥାକୁ ଲଗାଇ ନିର୍ବାଚନ ଜିତିଛି ବିଜେପି**

**ପୁନର୍ବାର ଯାଞ୍ଚ କରାଯାଉ ସମ୍ପୂର୍ଣ୍ଣ ଏସଆଇଆର ପ୍ରକ୍ରିୟା**



ଭୁବନେଶ୍ୱର,୨୫।୯ (ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର-୨୦୨୬) ପ୍ରକ୍ରିୟାରେ ସ୍ୱଚ୍ଛତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଓ ବିଜେପି ଇଙ୍ଗିତରେ ଏସଆଇଆରରେ ରାଜ୍ୟର ୨୭ ଲକ୍ଷ ୫୦ ହଜାର ଭୋଟରଙ୍କୁ ବାଦ ଦିଆଯାଇଛି ବୋଲି ସାଂଘାତିକ ଅଭିଯୋଗ କରିଛି ବିଜେଡି। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ସାଧାରଣ ସମ୍ପାଦକ ବିଜୟ ନାୟକ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଏସ୍‌ଆଇଆର୍ ପ୍ରସଙ୍ଗରେ ଡ଼ବଲ ଇଞ୍ଜିନ୍ ସରକାର ଉପରେ ପ୍ରବଳ ବର୍ଷିଛନ୍ତି।

ଭୃଗୁ ବକ୍ସିପାତ୍ର କହିଛନ୍ତି ଯେ ଡବଲ ଇଞ୍ଜିନ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ବିଜେପିକରଣରେ ଏସଆଇଆର ପ୍ରକ୍ରିୟା ସମ୍ପାଦିତ ହୋଇଛି। ବିଜେପି ଇଙ୍ଗିତରେ ନିର୍ବାଚନ ଅଧିକାରୀ ସମସ୍ତ ନିୟମକୁ ଅବମାନନା କରି ଏହାକୁ ସମ୍ପାଦନ କରିଛନ୍ତି । ବିଜୁ ଜନତା ଦଳ ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ କରିଆସିଛି। ଯୋଗ୍ୟ ଭୋଟର ଯେପରି ଭୋଟର୍ ତାଲିକାରୁ ବାଦ୍ ନ ପଡିବେ, ସେନେଇ ବିଜେଡି ଲଢେଇ ଜାରି ରଖିଛି। ବର୍ତ୍ତମାନ ସାରା ଦେଶରେ ଏସଆଇଆର ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି । ଦେଶର ମୁଖ୍ୟ ନିର୍ବାଚନ କମିଶନର ଏସଆଇଆର ପ୍ରକ୍ରିୟାକୁ ଅଗଣତାନ୍ତ୍ରିକ ଭାବେ ସମ୍ପାଦନ କରିଛନ୍ତି। ତେଣୁ ଇସିଆଇ ତୁରନ୍ତ ଇସ୍ତଫା ପ୍ରଦାନ କରନ୍ତୁ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରତିକ୍ରିୟାରେ କହିଛନ୍ତି । ଅନ୍ୟପକ୍ଷରେ ନିର୍ବାଚନ ଅଧିକାରୀଙ୍କ ପାଇଁ ସଫେଇ ଦେଇ ବିଜେପି ମୁଖପାତ୍ର ମାନେ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଉଛନ୍ତି। ଏସ୍‌ଆଇଆର ପ୍ରକ୍ରିୟାରେ ହୋଇଥିବା ଅନିୟମିତତା ବିଜେପି ଇଙ୍ଗିତରେ ହୋଇଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏସ୍‌ଆଇଆରରେ ଦେଶରେ ୧୩ କୋଟି ଓ ରାଜ୍ୟରେ ୨୭ ଲକ୍ଷ ୫୦ ହଜାର ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଛି।

ବିଜୟ ନାୟକ କହିଥିଲେ ଯେ ଏସଆଇଆର ପ୍ରକ୍ରିୟା ଆରମ୍ଭରୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପ୍ରତିନିଧି ରାଜ୍ୟରୁ ୯ ଲକ୍ଷ ୮୦ ହଜାର ଭୋଟରଙ୍କ ନାମ ବାଦ୍ ପଡିଥିବା ନେଇ ଚିଠି ଦେଇଥିଲେ। ଯେଉଁମାନେ ବିଜେପିକୁ ଭୋଟ୍ ଦେଉନାହାନ୍ତି, ତାଙ୍କ ନାମକୁ ଭୋଟର ତାଲିକାରୁ ବାଦ୍ ଦିଆଯିବ ବୋଲି ଟିଟିଲାଗଡ ବିଧାୟକ ନବୀନ ଜୈନ ଯାହା କହିଥିଲେ; ତାହା ଏବେ ସତ୍ୟ ବୋଲି ପ୍ରମାଣିତ ହୋଇଛି। ପ୍ରକ୍ରିୟା ସମୟରେ ପ୍ରାୟ ୯୦ ପ୍ରତିଶତ ଲୋକଙ୍କୁ ପରିଗଣନା ଫର୍ମ ମିଳିଲା ନାହିଁ। ଏହାକୁ ନେଇ ବିଜେଡି ଅଭିଯୋଗ କରିବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ଆପତ୍ତି ଓ ଅଭିଯୋଗ ପ୍ରଦାନ କରିବା ସମୟରେ ରାଜନୈତିକ ଦଳମାନଙ୍କ ସହ ନିର୍ବାଚନ ଅଧିକାରୀ ଆଲୋଚନା ଓ ବୈଠକ କରିବାର ନିୟମ ରହିଥିବା ବେଳେ ନିର୍ବାଚନ ଅଧିକାରୀ କୌଣସି ବୈଠକ କି ଆଲୋଚନା କଲେ ନାହିଁ। ଫର୍ମ ୭ ଜରିଆରେ ଲୋକେ ଗଦା ଗଦା ଅଭିଯୋଗ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ଜୀବିତ ଲୋକ ମାନଙ୍କୁ ଫର୍ମ ୭ ଜରିଆରେ ବାଦ୍ ଦିଆଯାଇଛି। ଯାହାଫଳରେ ୨୭ ଲକ୍ଷ ୫୦ ହଜାର ଭୋଟର ତାଲିକାରୁ ବାଦ୍ ପଡିଛନ୍ତି। ଡ. ଲେନିନ ମହାନ୍ତି କହିଥିଲେ ଯେ ରାଜ୍ୟରେ ପ୍ରାୟ ୨୭ ଲକ୍ଷ ୫୦ ହଜାର ଭୋଟର ତାଲିକାରୁ ବାଦ୍ ପଡିଥିବାରୁ ସନ୍ଦେହ ସୃଷ୍ଟି ହେଉଛି । ନିର୍ବାଚନ ଅଧିକାରୀଙ୍କ ନାମରେ ଅଭିଯୋଗ ହେଲେ ବିଭାଗୀୟ ଅଧିକାରୀ ମାନେ ଉତ୍ତର ଦେବା କଥା, କିନ୍ତୁ ବିଜେପି ମୁଖପାତ୍ର ଉତ୍ତର ଦେଉଛନ୍ତି। ଯାହାକି ଆହୁରି ସନ୍ଦେହ ସୃଷ୍ଟି କରୁଛି। ଏସଆଇଆର ପ୍ରକ୍ରିୟା ଏବଂ ଗତ ୨୦୨୪ ସାଧାରଣ ନିର୍ବାଚନ ମଧ୍ୟ ସନ୍ଦେହ ଘେରରେ ରହିଛି। ଭୋଟର ତାରତମ୍ୟ ନେଇ ବିଜେଡି ପକ୍ଷରୁ ତଥ୍ୟ ଓ ପ୍ରମାଣ ସହ ରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲା, କିନ୍ତୁ ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଭୋଟର ଯୋଡ଼ିବାକୁ ଗୁରୁତ୍ୱ ଦେଉଥିବା ବେଳେ ବିଜେପି ଭୋଟର ତାଲିକାରୁ ନାମ ବାଦ୍ ଦେଉଛି। ସରକାରୀ ସଂସ୍ଥା ଗୁଡ଼ିକୁ ଲଗାଇ ନିର୍ବାଚନ ଜିତିଛି ବିଜେପି। ତେଣୁକରି ସରକାରୀ ସଂସ୍ଥା ମାନେ ଏପରି କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ। ସମ୍ପୂର୍ଣ୍ଣ ଏସଆଇଆର ପ୍ରକିୟାର ପୁନଃ ଯାଞ୍ଚ କରାଯାଉ ବୋଲି ଡ. ମହାନ୍ତି ଦାବି କରିଛନ୍ତି।

## ଓଲଟ ପାଲଟ



ଓଡ଼ିଶାର ତିନି ବିଜେପି ସାଂସଦ
କେନ୍ଦ୍ରକୁ କଲେ ଗୁହାରି,
ମୋହନ ଶାସନେ ଜନ ହିତ ପାଇଁ
କାମ ହେଉନି କାହାରି,
ଟଙ୍କଧର ଏଣେ ବାଟ ଜଗିଛନ୍ତି
ରଡ଼ି ଛାଡ଼ନ୍ତି ପୂଜାରୀ।
ରାଉରକେଲାରେ ଜୁଏଲ ଓରାମ
କରନ୍ତି ଦବଙ୍ଗ ଗିରି,
ତାଙ୍କ ସହ ଯିଏ ଲଢ଼େଇ କରିବ
ଜୀବନରେ ଦେବେ ମାରି।
ହରି ହରି ହରି ହରି,
ଡବଲ ଇଞ୍ଜିନ ସର୍କାର କବଳୁ
କରିଦିଅ ଶୀଘ୍ର ପାରି॥

-ଯାଯାବର

# ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବି ତେଜିଲା

ଭୁବନେଶ୍ୱର,୨୫।୯ (ସମିସ): ଦେଶର ନିର୍ବାଚନ ପ୍ରକ୍ରିୟାକୁ ''ଚୋରି' କରିବାକୁ ବିଜେପି ନିର୍ବାଚନ ଆୟୋଗକୁ ଅସ୍ତ୍ରଭାବେ ବ୍ୟବହାର କରିଆସୁଛନ୍ତି। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ବିଜେପି ସରକାରର ହାତବାରିସୀ ସାଜି ଦେଶବ୍ୟାପୀ ତ୍ରୁଟିପୂର୍ଣ୍ଣ ସଘନ ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର)

**ବିଶାଳ ରାଲିରେ ଯାଇ ସିଇଓଙ୍କ କାର୍ଯ୍ୟାଳୟ ଘେରିଲା କଂଗ୍ରେସ**

**ଜ୍ଞାନେଶ ନ ହଟିବା ଯାଏ ଜାରି ରହିବ କଂଗ୍ରେସର ଗଣଧାରଣା**

ରେ ଦେଶର ଗଣତାନ୍ତ୍ରିକ ବିଧିବ୍ୟବସ୍ଥାକୁ ହତ୍ୟା କରିବା ପ୍ରମାଣିତ ହୋଇଛି ବୋଲି କଂଗ୍ରେସ କହିଛି। ଦୁଇ ନିର୍ବାଚନ ଆୟୋଗ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇବା ପରେ ତାଙ୍କ ବହିଷ୍କାର ଦାବିରେ ଶୁକ୍ରବାର ଏଆଇସିସି ପକ୍ଷରୁ ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି କ୍ରମରେ ପିସିସି ପକ୍ଷରୁ ମଧ୍ୟାହ୍ନରେ ଭୁବନେଶ୍ୱର ଏଡିଏମ କାର୍ଯ୍ୟାଳୟଠାରୁ ଏକ ବିଶାଳ ରାଲି ବାହାରି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ




ଘେରାଉ କରାଯାଇଛି।

ଏହି ଅବସରରେ କଂଗ୍ରେସ ନେତୃବୃନ୍ଦ ଓ ପୁଲିସ ମଧ୍ୟରେ ଧସ୍ତାଧସ୍ତି ହେବା ସହ ପରେ ଅନେକ କଂଗ୍ରେସ ନେତାମାନଙ୍କୁ ଗିରଫ କରାଯାଇଥିଲା। ଏହାପରେ ପିସିସି ସଭାପତିଙ୍କ ନେତୃତ୍ୱରେ ଲୋଅର ପିଏମଜିରେ ପିସିସି ପକ୍ଷରୁ ଗଣଧାରଣା ଆରମ୍ଭ ହୋଇଥିଲା। ଜ୍ଞାନେଶ କୁମାର ବିଦା ନ ହେବାଯାଏ ଏହି ସତ୍ୟାଗ୍ରହ ଚାଲିବ ବୋଲି କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନଙ୍କ ସହ ପୂର୍ବତନ ସାଂସଦ ଅନନ୍ତ ସେଠୀ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ବିଧାୟକ ତାରାପ୍ରସାଦ ବାହିନୀପତି, ସିଏସ ରାଜନ ଏକ୍କା, ଅଶୋକ ଦାସ, ଓପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଦେବାଶିଷ ପଟ୍ଟନାୟକ, ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ସୁରେଶ ରାଉତରାୟ, ବିଭୁତି ଭୂଷଣ ମହାପାତ୍ର ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଗତ ୧୦ ମାସ ମଧ୍ୟରେ ଦୁଇ ନିର୍ବାଚନ ଆୟୁକ୍ତ ୧୪ ଥର ଆୟୋଗର ବିଭିନ୍ନ ନିଷ୍ପତ୍ତିରେ ଆପତ୍ତି ଉଠାଇଥିଲେ ମଧ୍ୟ ଅଗଣତାନ୍ତ୍ରିକ ପ୍ରକ୍ରିୟାରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ସେମାନଙ୍କୁ ଆଡ଼େଇଯାଇ ନିଜ ଇଚ୍ଛା ଅନୁସାରେ ନିଷ୍ପତ୍ତି ନେଇ ଚାଲିଛନ୍ତି। ନୂତନ ଭୋଟରଙ୍କୁ ସୂଚୀରେ ସାମିଲ କରିବାକୁ ଉଦ୍ଦିଷ୍ଟ ଫର୍ମ-୬କୁ ବେଆଇନ ଭାବେ ବଦଳେଇଦିଆଯାଇଛି। ତିନି ଜଣ ପୂର୍ବତନ ନିର୍ବାଚନ କମିଶନର ଏସୱାଇ. କୁରେସି, ଅଶୋକ ଲଭାସା ଏବଂ ଓପି ରାୱତ ପୃଥକ ପୃଥକ ଟିଭି କାର୍ଯ୍ୟକ୍ରମରେ ଏହି ମୂଳ ଅଭିଯୋଗକୁ ସ୍ୱାଧୀନ ଭାବେ ସମର୍ଥନ କରିଛନ୍ତି। ଫର୍ମ-୬ର ପରିବର୍ତ୍ତନକୁ ''ସମ୍ପୂର୍ଣ୍ଣ ବେଆଇନ' ବୋଲି କହିବା ସହ ଏକାକୀ ନିଷ୍ପତ୍ତି ନେବା ପାଇଁ ମୁଖ୍ୟ ନିର୍ବାଚନ କମିଶନରଙ୍କର କୌଣସି ଅଧିକାର ନାହିଁ ବୋଲି କହିଛନ୍ତି। ଏହି ଅଭିଯୋଗ ପରେ ଅତ୍ୟନ୍ତ ହାସ୍ୟାସ୍ପଦ ଭାବେ ନିର୍ବାଚନ ଆୟୋଗ ପକ୍ଷରୁ ସଫେଇ ଦିଆଯାଇଛି। ବିଜେପିର ମଧ୍ୟ ସିଇସି ଜ୍ଞାନେଶଙ୍କ ସମର୍ଥନରେ ଯୁକ୍ତି ବାଢୁଛି। ଏଥିରୁ କେନ୍ଦ୍ର ସରକାରଙ୍କ ଅଭିପ୍ରାୟ ଓ ଉଦ୍ଦେଶ୍ୟ ଯେ ମନ୍ଦ ଥିଲା ତାହା ପ୍ରମାଣିତ ହୋଇଛି ବୋଲି ଶ୍ରୀ ଦାସ କହିଛନ୍ତି।

**ଭିଜିଲାନ୍ସ ଜାଲରେ ଉପଜିଲ୍ଲାପାଳ କାର୍ଯ୍ୟାଳୟର କନିଷ୍ଠ କିରାଣି**

# ୪୦ ହଜାର ଲାଞ୍ଚ ନେବା ବେଳେ ଗିରଫ

ଯାଜପୁର,୨୫।୯ (ସମିସ): ଜଣେ ଅନୁସୂଚିତ ଜାତିର ଜମି ମାଲିକଙ୍କ ଜମି କିଣିବା ପାଇଁ ଅନୁମତି ପ୍ରଦାନ ପ୍ରକ୍ରିୟାକୁ ସହଜ କରିବା ନିମନ୍ତେ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଯାଜପୁର ସବ୍-କଲେକ୍ଟରଙ୍କ (ଉପ-ଜିଲ୍ଲାପାଳ) କାର୍ଯ୍ୟାଳୟର କର୍ମଚାରୀ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଗିରଫ କର୍ମଚାରୀ ଜଣକ ହେଉଛନ୍ତି ଜେଆର୍‌ଏ ପ୍ରସନ୍ନ କୁମାର ସାହାଣୀ। ସେ ପାଣିକୋଇଲି ଥାନା ଅନ୍ତର୍ଗତ ମହମ୍ମଦ ଜମାଲପୁର ଅଞ୍ଚଳର ବିଜୟ ନାୟକଙ୍କ ଠାରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସୂଚନା ମୁତାବକ ବିଜୟ ନିଜ ମା'ଙ୍କ ନାମରେ ଜଣେ ଅନୁସୂଚିତ ଜାତିର କ୍ରେତାଙ୍କ ଠାରୁ ଜମି କିଣିବାକୁ ଚାହୁଁଥିଲେ। ଏଥିପାଇଁ ଉପଜିଲ୍ଲାପାଳଙ୍କ ଅନୁମତି ଆବଶ୍ୟକ। କିନ୍ତୁ ଏହି ଅନୁମତି ପାଇଁ ବାରମ୍ବାର ବିଜୟ ଦୌଡି ଦୌଡି ନୟାନ୍ତ ହୋଇଥିଲେ। ଏହି ଅନୁମତି ପାଇଁ କାର୍ଯ୍ୟାଳୟର କନିଷ୍ଠ ରାଜସ୍ୱ ସହାୟକ ପ୍ରସନ୍ନ ସାହାଣୀ ଜାଣିଶୁଣି ହଇରାଣ କରୁଥିଲେ। ଆବେଦନକାରୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଅଭିଯୁକ୍ତ ଶ୍ରୀ ସାହାଣୀ ୪୮ ହଜାର ଟଙ୍କା (ଡେସିମିଲ୍ ପିଛା ୩ ହଜାର ଟଙ୍କା) ଲାଞ୍ଚ ଦାବି କରିଥିଲେ। ଯେତେବେଳେ ଆବେଦନକାରୀ ଦାବି କରାଯାଇଥିବା ୪୮ ହଜାର ଟଙ୍କା ଲାଞ୍ଚ ଦେବାରେ ନିଜର ଅସମର୍ଥତା ପ୍ରକାଶ କଲେ, ଅଭିଯୁକ୍ତ ଶ୍ରୀ ସାହାଣୀ ଲାଞ୍ଚ ରାଶିକୁ କମାଇ ୪୦ ହଜାର ଟଙ୍କା କରିଥିଲେ। ଏହି ବିଷୟରେ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଆଜି ଓଡ଼ିଶା ଭିଜିଲାନ୍ସର ଏକ ଟିମ୍ ଶ୍ରୀ ସାହାଣୀଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅଭିଯୋଗକାରୀଙ୍କଠାରୁ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କାବୁ କରିଥିଲେ। ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ଅଭିଯୁକ୍ତ ଶ୍ରୀ ସାହାନୀଙ୍କ ପ୍ରତ୍ୟେକ୍ଷ ହେପାଜତରୁ ଉଦ୍ଧାର କରାଯାଇ ଜବତ କରାଯାଇଛି। ଏହି ଚଢ଼ଉ ପରେ, ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ ଶ୍ରୀ ସାହାଣୀଙ୍କ ଦୁଇଟି ସ୍ଥାନରେ ଏକସଙ୍ଗେ ଚଢ଼ଉ ଜାରି ରହିଛି। ଏ ସମ୍ପର୍କରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

ସକାଳ
THE SAKALA



# ଅବିଶ୍ରାନ୍ତ ବର୍ଷା ଆଣିଲା ବିପ୍ରାତ; ଜନଜୀବନ ଅସ୍ତବ୍ୟସ୍ତ

■ ହାତୀ ନଦୀରେ ବନ୍ୟା ସ୍ଥିତି; ଜଳମଗ୍ନ ଚାଷ ଜମି

## ୧୦ ଗ୍ରାମର ୧୦୧୨ ପ୍ରଭାବିତଙ୍କୁ ଉଦ୍ଧାର ଓ ରନ୍ଧାଖାଦ୍ୟ ଯୋଗାଣ





**ଭବାନୀପାଟଣା, ୨୬।୯ (ସମିସ)**

କଳାହାଣ୍ଡିରେ ଗତ ୩ ଦିନ ଧରି ଲଗାଣ ବର୍ଷା ଓ ଇନ୍ଦ୍ରାବତୀ ମଙ୍ଗଳପୁର ହାତୀ ବ୍ୟାରେଜରୁ ୪ଟି ଗେଟ ଖୋଲିବା ପରେ ଶୁକ୍ରବାର ସକାଳୁ ହାତୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହି ୪ଟି ଗେଟ ଜରିଆରେ ବର୍ତ୍ତମାନ ୫୫୦ କୁମେକ୍ସ ବନ୍ୟାଜଳ ହାତୀନଦୀକୁ ପ୍ରବେଶ କରୁଛି। ହାତୀ ନଦୀରେ ବନ୍ୟା ଆସିବା ଯୋଗୁଁ ତଳ ମୁଣ୍ଡରେ ଥିବା ଜୁନାଗଡ଼ ଓ କଳମପୁର ବ୍ଲକର ବିଭିନ୍ନ ଗାଁରେ ବନ୍ୟା ଜଳ ପଶି ଶତାଧିକ ଏକର ଚାଷଜମି ଜଳମଗ୍ନ ହୋଇଛି। ବିଶେଷ କରି ଜୁନାଗଡ଼ ବ୍ଲକର ହାତୀ ନଦୀ ତଳ ଭାଗରେ ଥିବା ଗ୍ରାମର ଶତାଧିକ ଏକର ଚାଷ ଜମି ଜଳମଗ୍ନ ହୋଇଛି। ସେହିପରି ହାତୀ ନଦୀରେ ବନ୍ୟା ଯୋଗୁଁ ଜୟପାଟଣା ବ୍ଲକ ଅନ୍ତର୍ଗତ ଭିତରପଣ୍ଡି ଗ୍ରାମରେ ଫସି ରହିଥିବା ଗ୍ରାମବାସୀଙ୍କୁ ଓଡ୍ରାଫ୍ ଟିମ ଓ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି।

ଏହି ସମୟରେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଦକ୍ଷିଣ ବନ ଅଧିକାରୀ, ଧର୍ମଗଡ଼ ଉପ ଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ ସମେତ ସ୍ଥାନୀୟ ବିଡିଓ ଧର୍ମରାଜ ମାଝୀ ଏବଂ ତହସିଲଦାର ଦୀପ୍ତିରେଖା ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍ଧାର ହୋଇଥିବା ୧୦ଟି ଗ୍ରାମର ୧୦୧୨ଗ୍ରାମବାସୀଙ୍କୁ ପ୍ରଶାସନ ପକ୍ଷରୁ ଆଶ୍ରୟସ୍ଥଳୀରେ ରହିବା ସହିତ, ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ମଧ୍ୟ କଳାହାଣ୍ଡି ଜିଲାରେ ପ୍ରବଳ ବର୍ଷା ଜାରି ରହିଛି। ଏଥିଯୋଗୁଁ ହାତୀ ଓ ତେଲ ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ନଦୀକୂଳିଆ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ହାତୀ ନଦୀରେ ଏଭଳି ବନ୍ୟା ପରିସ୍ଥିତି ପ୍ରତି ପ୍ରଶାସନ ସଜାଗ ରହିଥିବା କୁହାଯାଇଛି।

## ସିନାପାଲିରେ ସର୍ବାଧିକ ୧୨୦; କୋମନାରେ ସର୍ବନିମ୍ନ ୩୧ ମିମି ବର୍ଷା ରେକର୍ଡ

**ସିନାପାଲି, ୨୬।୯ (ସମିସ):** ଲଘୁଚାପଜନିତ ଲଗାଣ ବର୍ଷାରେ ନୂଆପଡ଼ା ଜିଲ୍ଲା ବେହାଲ ହୋଇପଡ଼ିଛି। ବର୍ଷା ଜାରି ରହିଥିବା ବେଳେ ନଦୀ, ନାଳ, ବିଲ ରେ ବର୍ଷାଜଳ ପ୍ରବାହିତ ହେଉଛି। ଅନେକ ସ୍ଥାନରେ ରାସ୍ତା ଭାଙ୍ଗି ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ଠପ୍ ହୋଇଯାଇଛି।

ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ନୂଆପଡ଼ା ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟକୁ ଶନିବାର ପାଇଁ ଛୁଟି ଘୋଷଣା କରାଯାଇଛି।

**ଶନିବାର ସମସ୍ତ ବିଦ୍ୟାଳୟ ଛୁଟି ଘୋଷଣା**

ଶୁକ୍ରବାର ନୂଆପଡ଼ା ଜିଲ୍ଲାର ସିନାପାଲି ବ୍ଲକରେ ସର୍ବାଧିକ ୧୨୦ ମିଲି ମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କୋମନା ବ୍ଲକରେ ସର୍ବନିମ୍ନ୩୧ ମିଲି ମିଟର ବର୍ଷା ହୋଇଥିବା ବେଳେ ବୋଡେନ ବ୍ଲକରେ୬୮ ମିଲିମିଟର, ଖଡିଆଳରେ ୯୬ ମିଲିମିଟର ଓ ନୂଆପଡ଼ାରେ ୮୪ ମିଲି ମିଟର ବର୍ଷା ରେକର୍ଡ କରାଯାଇଛି। ସିନାପାଲି ବ୍ଲକ ଅଞ୍ଚଳରେ ବର୍ଷା ପରିମାଣ ଅଧିକ ରହିଥିବାବେଳେ କୁସୁମଯୋର ପଞ୍ଚାୟତର ବ୍ରାହ୍ମଣୀଗୁଡା ଗ୍ରାମରୁ ଅଁଟିପଡ଼ାକୁ ସଂଯୋଗ କରୁଥିବା ରାସ୍ତା ଭାଙ୍ଗି ପଡ଼ିଥିବା ବେଳେ ଯୋଗାଯୋଗ ପାଇଁ ଲୋକେ କାଠଭରା ଦେଇ ଯିବା ଆସିବା କରୁଛନ୍ତି। ସେହିପରି ଗୋଡାଳଠାରୁ ମହଗାଁକୁ ସଂଯୋଗ କରୁଥିବା ପେନଖିଅ ନାଲା ଉପରେ ବର୍ଷା ଜଳ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବନ୍ଦ ରହିଛି। ସେହିପରି କେନ୍ଦୁମୁଣ୍ଡା ପଞ୍ଚାୟତ ଧିଙ୍ଗିଆମୁଣ୍ଡା-କୂଳିଆପାଥର ଅଞ୍ଚଳକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଲଗାଣବର୍ଷା ଜାରି ରହିଥିବା ବେଳେ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ୧୨୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ନେଲା ପ୍ରଶାସନ



**କୋକସରା, ୨୬।୯ (ସମିସ):** ଲଗାଣ ବର୍ଷା କୋକସରା ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ମୂଷାପାଲି ଗ୍ରାମ ପଞ୍ଚାୟତ ଗହନାମୁଣ୍ଡା ଗ୍ରାମର ବସ୍ତିପଡ଼ାରେ ବର୍ଷାର ପ୍ରକୋପ ଅଧିକ ଦେଖିବାକୁ ମିଳିଛି। ଏହି ବସ୍ତିର କେତେକ ଲୋକଙ୍କ କଚ୍ଚାଘର ଭୁଶୁଡ଼ି ପଡ଼ିଥିବାବେଳେ କେତେକଙ୍କ ଘର ଭିତରେ ବର୍ଷା ଜଳ ପଶିଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ଘରୁ ପାଣି ନିଷ୍କାସନ କରାଯାଇଥିବା ବେଳେ ଖବର ପାଇ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ହିମାଞ୍ଚଳ ମାଝୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି ଏବଂ ପ୍ରଭାବିତ ପରିବାରଗୁଡ଼ିକ ସହିତ ଆଲୋଚନା କରିଛନ୍ତି। ପ୍ରଭାବିତ ଅଞ୍ଚଳର ୩୦ଟି ପରିବାରର ପ୍ରାୟ ୧୨୦ ଜଣ ସଦସ୍ୟଙ୍କୁ ସ୍ଥାନୀୟ ସ୍କୁଲକୁ ସ୍ଥାନାନ୍ତରିତ କରାଯାଇ ସେମାନଙ୍କ ପାଇଁ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି। ଏନେଇ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀଙ୍କ ପ୍ରତିକ୍ରିୟା ନେବାରୁ ପ୍ରଭାବିତ ଲୋକଙ୍କ ନିମନ୍ତେ ବର୍ତ୍ତମାନ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି, ବର୍ଷା ଥମିବା ପରେ କ୍ଷୟକ୍ଷତି ଆକଳନ କରାଯିବ ବୋଲି କହିଛନ୍ତି।

**ପାହାଡ଼ରୁ ଖସୁଛି ପଥର, ଚିନ୍ତାରେ ଖମାରପଦରବାସୀ**

## ଭୂସ୍ଖଳନ ଯୋଗୁଁ ହାଡସିଲ୍-ତଳପଡ଼ା ରାସ୍ତା ବିପର୍ଯ୍ୟସ୍ତ

**ଥୁଆମୂଳ ରାମପୁର, ୨୬।୯ (ସମିସ):** ଲଘୁଚାପଜନିତ ଲଗାଣ ବର୍ଷାରେ କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଥୁଆମୂଳ ରାମପୁର ବ୍ଲକରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅବିରତ ବର୍ଷାର ପ୍ରଭାବରେ ବ୍ଲକର ବିଭିନ୍ନ ଅଞ୍ଚଳରେ ରାସ୍ତାଘାଟ ଧୋଇଯିବା ସହ ଅନେକ ସ୍ଥାନରେ ଭୂସ୍ଖଳନ ଘଟିଛି। ଅନେକ ଗାଁରେ ଘରଦ୍ୱାର ଭାଙ୍ଗିଥିବା ବେଳେ ବହୁ ଲୋକଙ୍କ ଘରେ ବର୍ଷାଜଳ ପଶିଥିବା ଅଭିଯୋଗ ମଧ୍ୟ ଆସିଛି।

ବିଶେଷକରି ପାଡେପଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖମାରପଦର ଗାଁ ପାଇଁ ଗାଁର ପଶ୍ଚିମ ପଟରେ ଥିବା ତରସମାଳି ପାହାଡ଼ ବିପଦର କାରଣ ପାଲଟିଛି। ପ୍ରବଳ ବର୍ଷା ଯୋଗୁଁ ପାହାଡ଼ରୁ ମାଟି ଅତଡ଼ା ଖସି ତଳକୁ ଆସିବା ଫଳରେ ଅନେକ ଲୋକଙ୍କ ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ଆଗକୁ ମଧ୍ୟ ଏଭଳି ବର୍ଷା ଜାରି ରହିଲେ ପାହାଡ଼ରୁ ବଡ଼ ଧରଣର ମାଟି ଅତଡ଼ା ଖସି ଗାଁ ଆଡ଼କୁ ଆସିବା ଆଶଙ୍କାରେ ଖମାରପଦରବାସୀ ଚିନ୍ତିତ ହୋଇପଡ଼ିଛନ୍ତି।

ଏପଟେ ନିକଟସ୍ଥ ଭାଟିପାସ ଗାଁର ବୁଦ୍ଧୁ ମାଝୀଙ୍କ ଘର ମଧ୍ୟ ବର୍ଷାରେ ଭାଙ୍ଗିଯାଇଛି। ସେହିପରି ହାଡସିଲ୍ ଗାଁରୁ ତଳପଡ଼ାକୁ ଯାଉଥିବା ପାହାଡ଼ିଆ ରାସ୍ତାରେ ଭୂସ୍ଖଳନ ହୋଇଛି। ପାହାଡ଼ରୁ ମାଟି ଅତଡ଼ା ଖସି ରାସ୍ତା ଉପରେ ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହେବା ସହ ରାସ୍ତା ଅବରୋଧ ଭଳି ସ୍ଥିତି ସୃଷ୍ଟି ହୋଇଛି। ସେହିପରି କରଡାପାସ୍ର ଗାଁର କାଲାବତୀ, ପାଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତାରାମୁଣ୍ଡି ଗାଁର ଦେବେନ୍ଦ୍ର ମାଝୀଙ୍କ ଘର ବର୍ଷାରେ ଭାଙ୍ଗିଯାଇଥିବା ବେଳେ ମହାଜାଲ ଗାଁର ମାସ୍କୁ ମାଝୀଙ୍କ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସେହିପରି କୁଟୁମାଲି ଗାଁର ଲାକି ମାଝୀଙ୍କ ଘର ମଧ୍ୟ ବିପଦ ଅବସ୍ଥାରେ। ମାଳିଗାଁ ପଞ୍ଚାୟତ ମୁଷାଜାଲ ଗାଁର ଲାବେନ ନାଏକଙ୍କ ଘର ଭାଙ୍ଗି ପଡ଼ିଛି। ଅନ୍ୟପକ୍ଷରେ ଅଡ୍ରୀ ଗ୍ରାମ ପଞ୍ଚାୟତର ରଜାମୁଣ୍ଡା ପଡ଼ାର ଗୋପୀ ପ୍ରଧାନୀଙ୍କ ଘର ଏବଂ ଅଡ୍ରୀ ଗ୍ରାମର ଅଗ୍ନି ମୁଦୁଲିଙ୍କ ଘର ମଧ୍ୟ ଭାଙ୍ଗିଯାଇଛି। ଏଥିସହ ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ଅଞ୍ଚଳର ଅନେକ ଘରେ ବର୍ଷାଜଳ ପଶିଛି। କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସହାୟତା, ବିପଦସଂକୁଳ ଅଞ୍ଚଳରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଏବଂ ଅବରୋଧ ହୋଇଥିବା ରାସ୍ତାଗୁଡ଼ିକର ତୁରନ୍ତ ମରାମତି ପାଇଁ ପଦକ୍ଷେପ ନିଆଯିବା ଜରୁରୀ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ତେଲନଦୀ ବନ୍ୟାରେ ଫସିଥିବା ସରପଞ୍ଚଙ୍କ ସମେତ ୧୦ ଉଦ୍ଧାର



**ଧର୍ମଗଡ଼, ୨୬।୯ (ସମିସ):** କଳାହାଣ୍ଡି ଜିଲ୍ଲାରେ ଗତ ୩ ଦିନ ଧରି ଲଗାଣ ବର୍ଷା ଜାରି ରହିଥିବା ବେଳେ ଧର୍ମଗଡ଼ ବ୍ଲକ ଦେଇ ପ୍ରବାହିତ ତେଲନଦୀର ଜଳସ୍ତର ଦ୍ରୁତଗତିରେ ବୃଦ୍ଧି ପାଇଛି। ଏହି ସମୟରେ ତେଲିପଲାଶ ନିକଟସ୍ଥ ଫାର୍ମହାଉସ୍‌ରେ ଜଳବନ୍ଦୀ ହୋଇ ଫସି ରହିଥିବା ତମ୍ବାଛଡା ସରପଞ୍ଚ ଆଶୁତୋଷ ପଟ୍ଟଯୋଶୀଙ୍କ ସମେତ ୧୦ ଜଣଙ୍କୁ ଅଗ୍ନିଶମ ବାହିନୀ ସୁରକ୍ଷିତ ଭାବେ ଉଦ୍ଧାର କରିଛି।

ସୂଚନା ଅନୁସାରେ, ଶୁକ୍ରବାର ଅପରାହ୍ନରେ ତମ୍ବାଛଡ଼ା ସରପଞ୍ଚ ଆଶୁତୋଷ ପଟ୍ଟଯୋଶୀ ଅନ୍ୟମାନଙ୍କ ସହ ତେଲିପଲାଶ ସ୍ଥିତ ନିଜ ଫାର୍ମହାଉସ୍‌କୁ ଯାଇଥିଲେ। ତେଲନଦୀର ଜଳସ୍ତର ହଠାତ୍ ବଢ଼ିବାରୁ ବନ୍ୟାଜଳ ମାଡ଼ି ଆସି ଫାର୍ମହାଉସ୍ ଚାରିପାଖରେ ଜମି ଯାଇଥିଲା। ଫଳରେ ସରପଞ୍ଚଙ୍କ ସମେତ ୧୦ ଜଣ ଜଳବନ୍ଦୀ ହୋଇଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀର ଏକ ଟିମ୍ ପହଞ୍ଚି ସମସ୍ତଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ।

## ତେଲ ଓ ଉଦନ୍ତୀ ନଦୀ କୂଳିଆ ଅଞ୍ଚଳ ଜଳମଗ୍ନ; ୧୦ ଉଦ୍ଧାର

**ଧର୍ମଗଡ଼, ୨୬।୯ (ସମିସ):** ଗୋଲାମୁଣ୍ଡା ବ୍ଲକ ଅଞ୍ଚଳରେ ରେକର୍ଡ ସର୍ବାଧିକ ୨୦୦ ମିଲିମିଟର ବର୍ଷା ହୋଇଥିବା ପାଣିପାଗ ବିଭାଗ ରେକର୍ଡ କରିଛି। ଏହି ପ୍ରଳୟଙ୍କରୀ ବର୍ଷାରେ ବ୍ଲକର ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅନେକ ନଦୀକୂଳିଆ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଅଞ୍ଚଳର ମୁଖ୍ୟ ନଦୀ ତେଲ ଏବଂ ଉଦନ୍ତି ନଦୀର ଜଳସ୍ତର ବିପଦ ସଙ୍କେତ ଆଡ଼କୁ ମୁହାଁଉଥିବାବେଳେ ନଦୀ କୂଳିଆ ଅଞ୍ଚଳରେ ବନ୍ୟା ପାଣି ମାଡ଼ି ଯାଇଛି। ନଦୀକୂଳରେ ଥିବା ଶହ ଶହ ହେକ୍ଟର ଚାଷ ଜମିରେ ଏବେ ପାଣି ଲହଡ଼ି ମାରୁଛି। ବ୍ଲକ ଅଞ୍ଚଳର ବହୁ ଛୋଟ ବଡ଼ ନଦୀ ଓ ନାଳର ପୋଲ (ବ୍ରିଜ) ଉପରେ ପ୍ରଖର ସ୍ରୋତରେ ପାଣି ପ୍ରବାହିତ ହେଉଛି। ଫଳରେ ଅନେକ ଗ୍ରାମକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ବିଭିନ୍ନ ସ୍ଥାନରେ ରାସ୍ତା ଧୋଇ ଯିବାରୁ ଜରୁରୀକାଳୀନ ସେବା ମଧ୍ୟ ବାଧାପ୍ରାପ୍ତ ହେଉଛି। ବିଭିନ୍ନ ଗ୍ରାମରେ ଥିବା ଅନେକ ଖପର ଓ ମାଟି ଘର ପ୍ରବଳ ବର୍ଷା ସହ୍ୟ ନକରିପାରି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି କିମ୍ବା କାନ୍ଥ ପଡ଼ି ନଷ୍ଟ ହୋଇଯାଇଛି। ୧୦ ଜଣ ଗ୍ରାମବାସୀଙ୍କୁ ପ୍ରଶାସନିକ ଉଦ୍ଧାରକାରୀ ଦଳ ସୁରକ୍ଷିତ ଭାବେ ଉଦ୍ଧାର କରି ସ୍ଥାନୀୟ ପଞ୍ଚାୟତ ଗୃହକୁ ସ୍ଥାନାନ୍ତରିତ କରାଯାଇଛି। ସେଠାରେ ସେମାନଙ୍କ ରହିବା ଓ ଶୁଖିଲା ଖାଦ୍ୟର ବ୍ୟବସ୍ଥା କରାଯାଇଛି।



## ଲଗାଣ ବର୍ଷାରେ ବେହାଲ ଲାଞ୍ଜିଗଡ଼

### ଭୁଶୁଡିଲା ଘର, ଭାଙ୍ଗିଲା ଗଛ ଓ ବିଦ୍ୟୁତ୍ ଖୁଣ୍ଟ



**ଲାଞ୍ଜିଗଡ଼, ୨୬।୯ (ସମିସ):** ଗତ ୩ ଦିନ ହେଲା ଲାଗି ରହିଥିବା ଲଗାଣ ବର୍ଷାରେ ଲାଞ୍ଜିଗଡ଼ ବ୍ଲକରେ ଜୀବନଯାତ୍ରା ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଲଗାଣ ବର୍ଷାର ପ୍ରଭାବରେ ଅନେକ ସ୍ଥାନରେ କଚ୍ଚା ମାଟି ଘରର କାନ୍ଥ ଭୁଶୁଡି ପଡ଼ିଛି। ଚାଷ ଜମିରେ ୨ ଫୁଟ ପର୍ଯ୍ୟନ୍ତ ପାଣି ଜମି ରହିଥିବାରୁ ଧାନ ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଭବାନୀପାଟଣା - ବିଶାଖାପାଟଣାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର ବଞ୍ଜାରୀ ଘାଟି ରାସ୍ତାରେ ଗଛ ଉପୁଡ଼ି ପଡ଼ିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଭିନ୍ନ ପଞ୍ଚାୟତର ରାସ୍ତା ଘାଟ ସବୁ ବେହାଲ ହୋଇଛି। ପ୍ରବଳ ପବନ ଓ ବର୍ଷାରେ ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଓ ତାର ଛିଣ୍ଡି ଯାଇଛି। ଫଳରେ ଲାଞ୍ଜିଗଡ଼ ବ୍ଲକର ଅଧାରୁ ଅଧିକ ପଞ୍ଚାୟତରେ ଗତକାଲି ରାତିରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଲୋକେ ଅନ୍ଧାରରେ ରହିବାକୁ ବାଧ୍ୟ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ହାତୀ ଆକ୍ରମଣରେ ଜଣେ ମୃତ

**କେସିଙ୍ଗା, ୨୬।୯ (ସମିସ):** ହାତୀ ଆକ୍ରମଣରେ କେସିଙ୍ଗା ବନଖଣ୍ଡ ଅନ୍ତର୍ଗତ ସିରୋଲ ଗ୍ରାମ ପଞ୍ଚାୟତର ପୋଡ଼ଖମ୍ବ ଗ୍ରାମର ଅଙ୍କୁର ହର୍ଣ୍ଣା (୫୦)ଙ୍କ ମୃତ୍ୟୁ ଘଟିଛି।

ଗୁରୁବାର ରାତିରେ ସେ ଘରେ ଶୋଇଥିବାବେଳେ ରାତି ପ୍ରାୟ ୧୦ଟାରେ ହାତୀ ତାଙ୍କ ଧାନଚାଷ ନଷ୍ଟ କରୁଥିବା କାହାଠୁ ଶୁଣିବାକୁ ପାଇ ରାତିରେ ସଙ୍ଗେ ସଙ୍ଗେ ନିଜ ବିଲକୁ ଯାଇଥିଲେ। କାରଣ ୩/୪ ଦିନ ତଳେ ଏକ ୬ ଟିକିଆ ହାତୀପଲ ଅଙ୍କୁରଙ୍କ ସମେତ ଗ୍ରାମର ଅନେକ ଚାଷୀଙ୍କ ଧାନ ଚାଷ ଓ କପା ଚାଷ ନଷ୍ଟ କରିଥିଲେ। ସେ ବିଲକୁ ଯାଉଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀପଲ ଅଙ୍କୁରଙ୍କୁ ଦଳି ଦେଇଥିଲେ। ହାତୀ ଘଉଡ଼ାଇବାକୁ ଯାଇଥିବା ଅନ୍ୟ ଗ୍ରାମବାସୀ ଖବର ପାଇ ଘଟଣା ସ୍ଥଳକୁ ଯାଇ ହାତୀ ଘଉଡ଼ାଇବା ସହ ଶବକୁ ଜଗି କେସିଙ୍ଗା ବନ ବିଭାଗ ଓ ପୁଲିସକୁ ଖବର ଦେଇଥିଲେ। ବନ ବିଭାଗର ବରିଷ୍ଠ ଅଧିକାରୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ରାତି ପ୍ରାୟ ୧ଟା ବେଳେ ପରିବାର ବର୍ଗଙ୍କୁ ବୁଝାସୁଝା କରି ମୃତଦେହ ବ୍ୟବଚ୍ଛେଦ ପାଇଁ କେସିଙ୍ଗା ମେଡିକାଲକୁ ଆଣିଥିଲେ। ଶୁକ୍ରବାର ସକାଳେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଜିଲ୍ଲା ରେଡକ୍ରସରୁ ମୃତକଙ୍କ ପରିବାରକୁ ସଙ୍ଗେ ସଙ୍ଗେ ୩୦ ହଜାର ଟଙ୍କା ପ୍ରଦାନ କରାଯାଇ ଥିବା ବେଳେ ପରେ ଆହୁରି ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ମୃତ ପ୍ରମାଣପତ୍ର, ବ୍ୟବଚ୍ଛେଦ ରିପୋର୍ଟ, ଏଫଆଇଆର କପି ଆସିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା ୧୦ ଲକ୍ଷ ଟଙ୍କାରୁ ପ୍ରଦାନ କରାଯାଇଥିବା ୧ ଲକ୍ଷ ଟଙ୍କା କାଟି ୯ ଲକ୍ଷ ଟଙ୍କା ସହାୟତା ମିଳିବ ବୋଲି କେସିଙ୍ଗା ବନ ବିଭାଗ ଅଧିକାରୀ ପ୍ରକାଶ କରିଛନ୍ତି।



## ଗଞ୍ଜେଇ ଭର୍ତ୍ତି କାର୍ ସହ ଅବକାରୀ ବିଭାଗ ଗାଡ଼ି ମୁହାଁମୁହିଁ ଧକ୍କା

**ମ.ରାମପୁର, ୨୬।୯ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ଅନ୍ତର୍ଗତ ଡ଼ମ୍ବ କର୍ଲାଖୁଣ୍ଟା ଗାଁଠାରେ ଆଜି ସକାଳେ ଏକ ଗଞ୍ଜେଇ ଭର୍ତ୍ତି କାର ସହ ଅବକାରୀ ବିଭାଗର ବୋଲେରୋ ଗାଡି ଧକ୍କା ହୋଇଛି। ଜଣେ ଗଞ୍ଜେଇ ଚାଲାଣକାରୀକୁ ଅବକାରୀ ବିଭାଗ କାବୁ କରି ଅଟକ ରଖିଥିବା ବେଳେ ଦୁଇ ଜଣ ଫେରାର ହୋଇଯାଇଛନ୍ତି। ପ୍ରକାଶ ଯେ, ଗଞ୍ଜେଇ ଭର୍ତ୍ତି ଏକ କାର୍ (ସିଜି୧୩ଏକ୍ସ-୩୯୦୧) ମୋହନଗିରି ଅଞ୍ଚଳରୁ ଚୋରା ଚାଲାଣ କରୁଥିବା ଖବର ପାଇ ମ. ରାମପୁର ଅବକାରୀ ବିଭାଗ ଚଢ଼ଉ ପାଇଁ ଯାଉଥିଲା। ଡ଼ମ୍ବ କର୍ଲାଖୁଣ୍ଟା ଗାଁ' ସ୍କୁଲ ନିକଟରେ ଦ୍ରୁତ ଗତିରେ ଆସୁଥିବା ଗଞ୍ଜେଇ ଭର୍ତ୍ତି କାର୍ ସହିତ ଅବକାରୀ ବିଭାଗ ବୋଲେରୋ ମୁହାଁମୁହିଁ ଧକ୍କା ହୋଇଥିଲା। ପରେ କାର୍‌ରେ ଥିବା ୩ ଜଣ ଚାଲାଣକାରୀଙ୍କ ମଧ୍ୟରୁ ଜଣକୁ ଅବକାରୀ ବିଭାଗ କାବୁ କରିଥିବାବେଳେ ଅନ୍ୟ ୨ଜଣ ଫେରାର ହୋଇଯାଇଥିଲେ। ଅଟକ ବ୍ୟକ୍ତିଙ୍କ ପରିଚୟ କିମ୍ବା କେତେ ପରିମାଣର ଗଞ୍ଜେଇ ଜବତ ହୋଇ ଅବକାରୀ ବିଭାଗ ପକ୍ଷରୁ କୌଣସି ସୂଚନା ମିଳିନାହିଁ।

**ଜଣେ ବ୍ୟକ୍ତି ଅଟକ, ୨ ଫେରାର**



## ବିଏସ୍‌ପି ନେତା ସତ୍ୟବାନ ନାଏକଙ୍କ ପରଲୋକ

**ଧର୍ମଗଡ଼, ୨୬।୯ (ସମିସ):** ବିଶିଷ୍ଟ ଆମ୍ବେଦକରବାଦୀ ତଥା ବହୁଜନ ସମାଜ ପାର୍ଟି (ବିଏସପି) ନେତା ସତ୍ୟବାନ ନାଏକଙ୍କ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ପରଲୋକ ଘଟିଛି। ତାଙ୍କ ବିୟୋଗ ଖବର ପ୍ରଚାରିତ ପରେ ଧର୍ମଗଡ଼ ଅଞ୍ଚଳ ସମେତ ବହୁଜନ ସମାଜରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗ ଖବର ପାଇ ଧର୍ମଗଡ଼ ଅଲ୍ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେସନର ସଭାପତି ବିରଞ୍ଚି ନାରାୟଣ ଜାଲ, ସମ୍ପାଦକ ପ୍ରଭାକର ଜାଲ, ଆଇନଜୀବୀ ଦିଗାମ୍ବର ଦୁରିଆ, ଜିଲ୍ଲାପରିଷଦ ସଦସ୍ୟ ଗୋପୀନାଥ ମହାନନ୍ଦ, ଢଗ ନାଏକ, କାମେଶ ନାଗ, ଗୌନ୍ତିଆ ଶ୍ରୀକାନ୍ତ ମୁଣ୍ଡ, ଝାଙ୍କର ତ୍ରିଭୁବନ ମାଝୀ, ଗ୍ରାମରକ୍ଷୀ ସୁଶାନ୍ତ ସାଗର, ପୂର୍ବତନ ସରପଞ୍ଚ ବୀରକିଶୋର ନାଏକ, ସୁବାଷଚନ୍ଦ୍ର ଧଙ୍ଗଡ଼ାମାଝୀ, ଜୟନ୍ତ କୁମାର ମୁଣ୍ଡଙ୍କ ସମେତ ବହୁ ଅଞ୍ଚଳବାସୀ ଶୋକବ୍ୟକ୍ତ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।



**ଓଡ଼ିଶାରେ ଛତିଶଗଡ଼ ପୁଲିସର ଚଢ଼ଉ**

## ଦାଦାନ ଚାଲାଣ ରାକେଟ୍‌ର ୫ ଗିରଫ

**ସିନାପାଲି, ୨୬।୯ (ସମିସ)**

ମାନବ ଚାଲାଣ ସିଣ୍ଡିକେଟ୍ ଉପରେ ଛତିଶଗଡ଼ ମହାସମୁନ୍ଦ ପୁଲିସର ସର୍ଜିକାଲ୍ ଷ୍ଟ୍ରାଇକ୍। ନୂଆପଡ଼ା ପୁଲିସର ସହଯୋଗରେ ଦାଦନ ସର୍ଦ୍ଦାରଙ୍କୁ ଗିରଫ କରାଯାଇଛି।

ପ୍ରକାଶ ଯେ, ଛତିଶଗଡ଼ରୁ ଚାଲାଣ ହୋଇଥିବା ନାବାଳିକାକୁ ଶାରୀରିକ ଶୋଷଣ ଏବଂ ପରେ ସେ ଗର୍ଭବତୀ ହେବା ହସ୍ପିଟାଲ ମେମୋ ପରେ ତଦନ୍ତ ଆରମ୍ଭ କରାଯାଇ ପୁରା ସିଣ୍ଡିକେଟର ଖୁଲାସା କରିଛି ପୁଲିସ। ଓଡ଼ିଶା ଏବଂ ଛତିଶଗଡ଼ରେ ଥିବା ୧୦ଟି ଠିକଣାରେ ଚଢ଼ଉ କରି ୧କୋଟି ୪୮ ଲକ୍ଷ ୫୪ହଜାର ୭୫୦ ନଗଦ ଟଙ୍କା ସହ ବହୁ କାଗଜପତ୍ର, ମୋବାଇଲ୍, ଓ ବ୍ୟାଙ୍କ ପାସ୍‌ବୁକ୍ ଜବତ କରାଯାଇଛି। ସିଣ୍ଡିକେଟର ପାଞ୍ଚ ମୁଖ୍ୟଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ, ମୁକେଶ ଚନ୍ଦ୍ରାକର (୫୦) ବେଲଟୁକରୀ, ନୂଆପଡ଼ା, ନସୀମ ବାନୋ ଓରଫ ଲତା ଶବର (୫୫) ଖରିଆର ରୋଡ୍, ନୂଆପଡ଼ା, ମନୀଷ ଗୁପ୍ତା, (୩୨) ପଟପରପାଲୀ, ମହାସମୁନ୍ଦ, ନନ୍ଦକୁମାର ମହାନ୍ତି (ନନ୍ଦୁ) (୫୨) ପିଥୌରା, ପିୟୂଷ ଅଗ୍ରୱାଲ (୩୭) ଲହରୌଦ, ପିଥୌରା। ସେମାନଙ୍କ ଠିକଣାରୁ ମିଳିଥିବା ରେଜିଷ୍ଟର ଅନୁସାରେ ପ୍ରତ୍ୟେକ ତସ୍କର ବର୍ଷକୁ ବିନା ସରକାରୀ ଅନୁମତିରେ ୨୦୦୦ ରୁ ୫୦୦୦ ବନ୍ଧୁଆ ଶ୍ରମିକଙ୍କୁ ଅଣପଞ୍ଜୀକୃତ ଇଟା ଭାଟିରେ ବିଭିନ୍ନ ରାଜ୍ୟରେ ୬ ମାସ ପର୍ଯ୍ୟନ୍ତ ରଖି ବନ୍ଧୁଆ ଶ୍ରମ କରାଉଥିଲେ। ସେମାନଙ୍କ ମୋବାଇଲ ସିଡିଆର ରେକର୍ଡ ଏବଂ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଉଛି।

ବିବରଣୀରୁ ପ୍ରକାଶ, ଗତ ୨୧ ତାରିଖରେ ଆଦିତ୍ୟ ହସ୍ପିଟାଲ ଏବଂ ମାର୍ଟନିଟି ହୋମର ଡା. ଜ୍ୟୋତି କାଳିକୋଟିଙ୍କ ଦ୍ୱାରା ସ୍ୱାକ୍ଷରିତ ଏକ ହସ୍ପିଟାଲ ମେମୋ ମିଳିଥିଲା। ଏନେଇ ପୀଡ଼ିତା ଗର୍ଭବତୀ ଥିବା ସହ ମାନବଚାଲାଣର କରୁଣ କାହାଣୀ ଜଣାପଡ଼ିଥିଲା। ତଦନ୍ତରୁ ମୁଖ୍ୟ ମାଷ୍ଟରମାଇଣ୍ଡ ଠିକାଦାର ମୁକେଶ ଚନ୍ଦ୍ରାକର (ବେଲଟୁକରୀ, ଓଡ଼ିଶା) ବୋଲି ଜଣାପଡ଼ିବା ପରେ ଛତିଶଗଡ଼ ପୁଲିସ ଓଡ଼ିଶା ଆସି ଚଢ଼ଉ କରିଥିଲା।



## ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା; ଯୁବକ ଗିରଫ

**ରାଉରକେଲା, ୨୫।୯ (ସମିସ):** ଜଣେ ଯୁବତୀଙ୍କ ସହ ପ୍ରଥମେ ପ୍ରେମ ସମ୍ପର୍କ ଏବଂ ପରେ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ଓ ଶେଷରେ ପ୍ରତାରଣା ଅଭିଯୋଗରେ ସୁନ୍ଦରଗଡ଼ ଜିଲ୍ଲା ହାତିବାରୀ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ବୀରମିତ୍ରପୁର ଥାନା ଅନ୍ତର୍ଗତ ମହୁଆଟୋଲି ଗାଁର ସୁମିତ କଛପ(୨୬)।

ସୂଚନା ମୁତାବକ, ହାତୀବାରୀ ଥାନା ଅଞ୍ଚଳର ୨୧ ବର୍ଷୀୟ ଜଣେ ଯୁବତୀଙ୍କ ସହ ଗତ ନଭେମ୍ବର ୨୦୨୪ ଠାରୁ ସୁମିତଙ୍କର ପ୍ରେମ ସମ୍ପର୍କ ସ୍ଥାପନ ହୋଇଥିଲା। ବିବାହର ପ୍ରତିଶ୍ରୁତି ଦେଇ ସୁମିତ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ତେବେ ଅଗଷ୍ଟ ୨୦୨୬ରେ ସୁମିତ ଚାକିରି ପାଇଁ ବାହାରକୁ ଚାଲିଯାଇଥିଲେ। ଏହାପରେ ଯୁବତୀଙ୍କୁ ବିବାହ କରିବାକୁ ମନା କରି ଦେଇଥିଲେ। ପରେ ସୁମିତ ଅନ୍ୟ ଜଣେ ଯୁବତୀଙ୍କୁ ଭଲ ପାଇ ପ୍ରତାରଣା କରୁଥିବା ଜାଣିବା ପରେ ଯୁବତୀ ଜଣକ ହାତୀବାରୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଯୁବକକୁ ଗତକାଲି ଗିରଫ କରିଥିବା ବେଳେ ଆଜି କୋର୍ଟ ଚାଲାଣ କରିଛି।

## ଡାଲମିଆ ମହାବିଦ୍ୟାଳୟରେ ଏନ୍ଏସ୍ଏସ୍ ଦିବସ



**କୁତ୍ରା, ୨୫।୯(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡାସ୍ଥିତ ଡାଲମିଆ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲଙ୍କ ଦ୍ୱାରା ଏନ୍ଏସ୍ଏସ୍ ପତାକା ଉତ୍ତୋଳନ କରାଯାଇଥିଲା। ଅଧ୍ୟକ୍ଷ ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ସେବା ଯୋଜନାର ଆଭିମୁଖ୍ୟ ଓ ଗୁରୁତ୍ୱ ସମ୍ବନ୍ଧରେ ଅବଗତ କରାଇଥିବା ସ୍ଥଳେ ଡ. ତବୋସୁମ ବାନୋ ପ୍ରେରଣାତ୍ମକ ଅଭିଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟିର ଆୟୋଜନ କରିଥିଲେ ଏନ୍ ଏସ୍ ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ବିନୟ କୁମାର ମାଝୀ, ଅଧ୍ୟାପିକା ଶ୍ରୀମତୀ ପ୍ରୀତି ମିଶ୍ରା ଏବଂ ଛାତ୍ରଛାତ୍ରୀ ଗଣ।

## ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା



**କୁତ୍ରା, ୨୫।୯ (ସମିସ):** କୁତ୍ରା ବ୍ଲକର ତୁନମୁରା ସ୍ଥିତ ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଡ ଅମରେଶ ସାହୁଙ୍କ ତତ୍ତ୍ୱାବଧାନରେ ଜିଲ୍ଲାସ୍ତରୀୟ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଓ ସମାଜ ବିଷୟବସ୍ତୁକୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ଚୟନ ହୋଇଥିବା ବିଦ୍ୟାଳୟଗୁଡିକର ଛାତ୍ରଛାତ୍ରୀମାନେ ଏକାଧିକ ସଚେତନତାମୂଳକ ନାଟକ ପରିବେଷଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ସାରଙ୍ଗଧର ବରିହା ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଜେଏସଡବ୍ଲୁ ସିଏସଆର ମୁଖ୍ୟ ସଂଗ୍ରାମ ରାଉତ, ସୁନିଲ ନାଥ, ଅଧୀକ୍ଷକ ଅଲେଖ ଦଲାଇ, କୁତ୍ରା ବ୍ଲକ ଶିକ୍ଷା ଅଧିକାରୀ ଅନନ୍ତ ନାଏକ, ରାଜଗାଙ୍ଗପୁର ଶିକ୍ଷାଅଧିକାରୀ ଅଶୋକ ଲାକ୍ରା, ବିଦ୍ୟାଳୟର ପ୍ରତିଷ୍ଠାତା ବଇଲୋ କିଶାନ ଓ ଅନ୍ୟାନ୍ୟ ଅତିଥିମାନେ ଯୋଗ ଦେଇଥିଲେ। ସେହିପରି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ଼ ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ସଦାନନ୍ଦ ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ କୁତ୍ରା ବ୍ଲକ ଅତିରିକ୍ତ ଶିକ୍ଷାଅଧିକାରୀ ନିରଞ୍ଜନ ରାଉଲ, ରାଜଗାଙ୍ଗପାରୁ ଅତିରିକ୍ତ ଶିକ୍ଷାଅଧିକାରିଣୀ ସଂନ୍ଧ୍ୟାରାଣୀ ମହାପାତ୍ର, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଚନ୍ଦ୍ରଶେଖର ସା, ଖାନ ଏକାଡେମୀର ଦୀପକ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ମନସ୍କ ହେବା ସହିତ ବୈଜ୍ଞାନିକ ଚିନ୍ତାଧାରାକୁ ସମାଜରେ ପ୍ରସାର କରିବାକୁ ଆହ୍ୱାନ ଦେଇଥିଲେ। ଏହି ପ୍ରତିଯୋଗିତାରେ ବିଶ୍ରା ବ୍ଲକର ଆରଇସି ଉଚ୍ଚ ବିଦ୍ୟାଳୟ ପ୍ରଥମ, କୁତ୍ରା ବ୍ଲକର ସାର୍ଗୁକିଶାନ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ କୁଆରମୁଣ୍ଡା ବ୍ଲକର ହରିହର ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ବଣାଇଁଗଡ଼ରେ 'ବେଟି ବଚାଓ, ବେଟି ପଢ଼ାଓ' କାର୍ଯ୍ୟକ୍ରମ

**ବଣାଇଁଗଡ଼, ୨୫।୯(ସମିସ):** ବଣାଇଁଗଡ଼ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ 'ବେଟି ବଚାଓ, ବେଟି ପଢ଼ାଓ' ଅଭିଯାନ ଅନ୍ତର୍ଗତ ପ୍ରକଳ୍ପ ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବୀଣାପାଣି ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ନିର୍ମଳ ଲୁଗୁନ, ସିଆରସିସି କଳାକର ସାହୁ, ବିକାଶ ପ୍ରତିଷ୍ଠାନର ସମ୍ପାଦକ ରମାକାନ୍ତ ଭଞ୍ଜ, ଡବ୍ଲୁଇଓ ରଶ୍ମି ରଞ୍ଜନ ମହାନ୍ତ, ଶ୍ରମ ବିଭାଗର ବିକାଶ ଚନ୍ଦ୍ର ପ୍ରଧାନ, ବଡ଼ଗୋଗୁଆ ପିଇଓ ସୌମେନ୍ଦୁ କବି, ନିୟତି ଫାଉଣ୍ଡେସନର ଚିତ୍ତରଞ୍ଜନ ହେମ୍ବ୍ରମ ଏବଂ ବଣାଇଁଗଡ଼ କଲେଜର ଏନସିସି ଅଧିକାରୀ ହେମନ୍ତ ବା ପ୍ରମୁଖ ଯୋଗଦେଇଥିଲେ।

ଏଥିସହ ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଅଙ୍ଗନବାଡି କର୍ମୀ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମଣ୍ଡଳ ପରିଦର୍ଶିକା ବିଳାସିନୀ ସାହୁ ଓ ଅନସୂୟା ନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମଣ୍ଡଳ ପରିଦର୍ଶିକା ଅରୁଣାବାଳା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଆକ୍ସନ ମୋଡ୍‌ରେ ରାଉରକେଲା ଡିଏଫ୍‌ଓ

# ତେତେରକେଲା ବାଲିଘାଟରେ ରାତିଅଧିଆ ଚଢ଼ଉ; ୫ ଗାଡ଼ି ଜବତ

**ରାଉରକେଲା, ୨୫।୯ (ସମିସ)**

ନୂତନ ଟେଣ୍ଡର ହେଉ ନାହିଁ। ଗତ ବର୍ଷ ଅକ୍ଟୋବର ୧୫ ତାରିଖ ଜିଲ୍ଲାର କୌଣସି ନଦୀ ବୈଧ ଟେଣ୍ଡର ନଥିବାରୁ ବାଲି ମାଫିଆମାନେ ଅବାଧରେ ଲୁଟ୍ କରି ଚାଲିଛନ୍ତି ବାଲି ପରି ଜାତୀୟ ସମ୍ପତି। ତହସିଲ ବିଭାଗ ହାତରୁ ଦାୟିତ୍ୱ କାଢି ଖଣି ବିଭାଗକୁ ଦିଆଯିବା ପରେ ବାଲି ମାଫିଆମାନଙ୍କ କଢେ ପୁଅ ବାର୍। ରାତି ତମାମ ହାଇୱା, ଟ୍ରାକ୍ଟରରେ ଶହ ଶହ ଟ୍ରିପ ବାଲି ଲୋଡିଂ ହୋଇ ଚୋରାଚାଲାଣ ଚାଲିଛି ବାଲି ଜେସିବି ଓ ଲୋଡରରେ ନଦୀ ଗର୍ଭ ଚିରି ମାଫିଆମାନେ ଲୁଟିବାରେ ଲାଗିଛନ୍ତି ବାଲି। ତେବେ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ ହେଉଥିବା ବେଳେ ଏଥିରୁ ଟଙ୍କାଟିଏ ବି ରାଜସ୍ୱ ପାଉନାହାନ୍ତି, ବରଂ ପୁଲିସ, ଖଣି ବାବୁ, ତଥାକଥିତ ଦଲାଲଙ୍କ ପକେଟ ଗରମ ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ ତଥା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶନ ପରେ ବି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଫଳରେ ୫ ବର୍ଷ ପୂର୍ବେ ସାଇକେଲ ଖଣ୍ଡେ ନଥିବା ବାଲି ମାଫିଆ ପାଖରେ ଏବେ କୋଟି କୋଟି ଟଙ୍କାର ସମ୍ପତି।

ଏପରି ସ୍ଥଳେ ବାଲି ଚୋରାଚାଲାଣ ଏବଂ ବାଲି ମାଫିଆଙ୍କ ବିରୋଧରେ ଏବେ ଆକ୍ସନ ମୋଡ୍‌କୁ ଆସିଛନ୍ତି ରାଉରକେଲା ଡିଏଫଓ ରବିକାନ୍ତ ମୀନା। ବିଶ୍ରା ଥାନା ଅନ୍ତର୍ଗତ ତେତେରକେଲା ବାଲିଘାଟରେ କୋଏଲ ନଦୀ ଘାଟରେ ବେଆଇନ ଭାବେ ବାଲି ପରିବହନ ହେଉଥିବା ନେଇ ସୂଚନା ପାଇବା ପରେ ଡିଏଫ୍‌ଓ ରବିକାନ୍ତ ମୀନାଙ୍କ ନିର୍ଦ୍ଦେଶରେ ଏସିଏଫ ସୁଜିତ କୁମାର ସାହୁ ଓ ଏସିଏଫ ଗଜେନ୍ଦ୍ର ମାଥୁରଙ୍କ ନେତୃତ୍ୱରେ ରାଉରକେଲା ବନ ବିଭାଗର ୨୪ ଜଣିଆ ଏକ ସ୍ୱତନ୍ତ୍ର ଟିମ୍ ଗୁରୁବାର ରାତି ପ୍ରାୟ ୨ଟାରେ ଚଢ଼ଉ କରିଥିଲା। ଏହି ସମୟରେ ୩ଟି ହାଇୱା ଓ ୨ଟି ଟ୍ରକ୍‌କୁ ଅଟକାଇ ଜବତ କରାଯାଇଥିଲା। ଘଟଣା ସ୍ଥଳରୁ ୫ ଜଣ ଡ୍ରାଇଭରଙ୍କୁ ମଧ୍ୟ ବନ ବିଭାଗ ଅଟକ ରଖି ପଚରାଉଚରା କରିଛି। ଏନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ଡିଏଫଓ ଶ୍ରୀ ମୀନା କହିଛନ୍ତି।




ସୂଚନାଯୋଗ୍ୟ ଯେ, ବିଶ୍ରା ଥାନା ଅନ୍ତର୍ଗତ ତେତେରକେଲା ନଦୀ ଘାଟରୁ ପ୍ରତିଦିନ ସଂଧ୍ୟା ୮ ଟାରୁ ଆରମ୍ଭ ହେଉଛି ବାଲି ଚୋରାଚାଲାଣ। ଶହ ଶହ ସଂଖ୍ୟାରେ ହାଇୱା ଧାଡି ହୋଇ ତେତେରକେଲା ବାଲିଘାଟରେ ଛିଡା ହୋଇ ରହିବା ସହ ରାତି ସାରା ଜେସିବି ଓ ଲୋଡର ସାହାଯ୍ୟରେ ନଦୀରୁ ବାଲି ଖନନ କରାଯାଇ ଲୋଡିଂ ହେଉଛି। ପ୍ରତି ହାଇୱା ପିଛି ୫ରୁ ୭ ହଜାର ଟଙ୍କା ଦାଦାବଟି ଆଦାୟ ହେଉଥିବା ଚର୍ଚ୍ଚା ହେଉଥିବା ବେଳେ ରାଉରକେଲା ସମେତ ସୁନ୍ଦରଗଡ଼ ଜିଲ୍ଲାରେ ୨୦ରୁ ୨୨ ହଜାର ଟଙ୍କାରେ ବିକ୍ରି କରାଯାଉଛି। ଏହି ବାଲି ପଡୋଶୀ ରାଜ୍ୟକୁ ଚୋରା ଚାଲାଣ କରାଯାଇଛି, ଯାହା ୨୭ରୁ ୩୦ ହଜାର ଟଙ୍କାରେ ବିକ୍ରୀ ହେଉଛି। ମାତ୍ର ଖଣି ବିଭାଗ ସବୁ ଦେଖି ଆଖି ବୁଜି ଦେଇଛି।

ସେହିପରି ଝିରପାଣି ଅଞ୍ଚଳର ଜଣେ ବାଲି ମାଫିଆ ତଳୁ ଉପର ପର୍ଯ୍ୟନ୍ତ ସମସ୍ତଙ୍କୁ ଧରାଧରି କରି ଜବା ଘାଟଠାରେ ବାଲି ଚାଲାଣ କରୁଛନ୍ତି। ସେ ପୂର୍ବରୁ ଝିରପାଣି ଠାରେ କୋଏଲନଦୀରୁ ବାଲି ଉଠାଉଥିଲେ। ଜନୈକ ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ବାଲିଘାଟରେ ଝିରପାଣି ପୁଲିସ ଚଢଉ କରି ଟ୍ରକ, ଟ୍ରାକ୍ଟର, ଜେସିବି ଜବତ କରାଯାଇ ସମ୍ପୃକ୍ତ ବାଲିମାଫିଆଙ୍କ ପର୍ଦ୍ଦାଫାଶ କରିଥିଲା। ଏହାପରେ ସମ୍ପୃକ୍ତ ବାଲିମାଫିଆ କୋଏଲନଦୀର ଜବାଘାଟ ବାଲିଘାଟରୁ ଦୈନନ୍ଦିନ ବାଲି ଚୋରାଚାଲାଣ କରିଥିବା ଅଭିଯୋଗ ହୋଇଛି। ସେହିପରି ଶଙ୍ଖ ନଦୀ, କୋଏଲ ନଦୀରେ ଥିବା ଅନେକ ବାଲିଘାଟରୁ ବେଆଇନ୍ ଭାବେ ସେହି ଘାଟଗୁଡିକରୁ ବାଲି ଚୋରାଚାଲାଣ ଚାଲିଥିବା ଜଣାପଡ଼ିଛି। ସେହିପରି

**ଖଣି, ପୁଲିସ ଓ ବାଲି ମାଫିଆଙ୍କ ତ୍ରିକୋଣୀୟ ମଧୁଚନ୍ଦ୍ରିକା**

**ସନ୍ଦେହ ଘେରରେ ଜିଲ୍ଲା ଖଣି ବିଭାଗ**

ଲାଠିକଟା ଓ ଚାନ୍ଦିପୋଷ ଅନ୍ତର୍ଗତ ଆଖପାଖ ଅଞ୍ଚଳରେ ଥିବା ବାଲିଘାଟରେ ଦୈନିକ ଟ୍ରକ ଟ୍ରକ ବାଲି ଚୋରା ଚାଲାଣ ହେଉଛି।

ଏପରି ସ୍ଥିତିରେ ନୂତନ ଭାବେ ଯୋଗଦାନ କରିଥିବା ରାଉରକେଲା ଡିଏଫଓ ରବିକାନ୍ତ ମୀନା ପ୍ରଥମ କରି ରାଉରକେଲା ତଥା ଆଖପାଖ ଅଞ୍ଚଳରେ ହେଉଥିବା ଏତେ ବଡ଼ ଲୁଟ୍‌ର ଖୁଲାସା ପାଇଁ ଅଣ୍ଟା ଭିଡିଥିବାରୁ ସାଧାରଣରେ ଏହାକୁ ସ୍ୱାଗତ କରାଯାଇଛି।

## ଅର୍ଚ୍ଚନା ପାତ୍ରଙ୍କ ଗଳ୍ପ ସଂକଳନ 'ଆଉ ଏକ ରଙ୍ଗ' ଲୋକାର୍ପିତ

**ରାଉରକେଲା, ୨୫।୯(ସମିସ):** ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ଇସ୍ପାତ୍ ସାହିତ୍ୟ ସଂସଦ' ଆନୁକୂଲ୍ୟରେ ସେକ୍ଟର-୭ ସ୍ଥିତ କାର୍ଯ୍ୟାଳୟ ଠାରେ ସଂସଦର ସଦସ୍ୟା ଅର୍ଚ୍ଚନା ପାତ୍ରଙ୍କ ଲିଖିତ ତଥା ୨୦୨୫ ବର୍ଷର 'ଟାଇମ ପାସ ପ୍ରଥମା ପୁରସ୍କାର' ପ୍ରାପ୍ତ ଗଳ୍ପ ସଙ୍କଳନ 'ଆଉ ଏକ ରଙ୍ଗ', ସଂସଦର ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ପୌରୋହିତ୍ୟରେ ଲୋକାର୍ପିତ ହୋଇଯାଇଛି।

କବି ସୁସ୍ମିତା ମହାପାତ୍ରଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ଭୂପେନ ମହାପାତ୍ର, ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ କବି ରାଜୀବ ପାଣି, ପୁସ୍ତକ ସମୀକ୍ଷକ ଭାବରେ କବି ବିଜୟିନୀ ଜେନା ଓ ଗାଳ୍ପିକ ସଞ୍ଜିବ କୁମାର ଭୋଇ ଯୋଗଦାନ କରିଥିଲେ।

ମଞ୍ଚାସୀନ ଅତିଥିଙ୍କ ସମେତ ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦ, ଲେଖିକା ସୁନୀତା ସାହୁ, ପଙ୍କଜ କୁମାର ପାତ୍ର, ଦିବ୍ୟଦର୍ଶିକା ପାତ୍ର ପ୍ରମୁଖ ପୁସ୍ତକ ଅନାବରଣ ବେଳେ ମଞ୍ଚରେ ଉପସ୍ଥିତ ଥିଲେ। ଗାଳ୍ପିକା ଶ୍ରୀମତୀ ପାତ୍ର ତାଙ୍କର ସାହିତ୍ୟିକ ଜୀବନର କ୍ରମବିକାଶ ବାବଦରେ ବର୍ଣ୍ଣନାପୂର୍ବକ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଗାଳ୍ପିକ ଗୌତମ ଦାସ ଲୋକାର୍ପିତ ପୁସ୍ତକରୁ ଏକ ନିର୍ବାଚିତ ଗଳ୍ପ ପାଠ କରିଥିଲେ।

କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ପ୍ରତାପ କୁମାର ପଣ୍ଡା, ଉପେନ୍ଦ୍ର ବସ୍ତିଆ, ପ୍ରକାଶ ଚନ୍ଦ୍ର ସେଠୀ, ସୂର୍ଯ୍ୟନାରାୟଣ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ଏବଂ କବି ଗୀତାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## ଆର୍ଏସ୍‌ପିରେ ଦକ୍ଷତା ବୃଦ୍ଧି ତାଲିମ୍ କାର୍ଯ୍ୟକ୍ରମ ଶୁଭାରମ୍ଭ

**ରାଉରକେଲା, ୨୫।୯ (ସମିସ):** ରାଉରକେଲା ଇସ୍ପାତ କାରଖାନାର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗ (ଏଲ୍ଆଣ୍ଡଡି) ଠାରେ ରାଉରକେଲା ସରକାରୀ ଆଇଟିଆଇ ଛାତ୍ରଛାତ୍ରୀଙ୍କ ପାଇଁ ଡୁଆଲ୍ ସିଷ୍ଟମ୍ ଅଫ୍ ଟ୍ରେନିଂ (ଡି.ଏସ.ଟି.) ଅଧୀନରେ ୬ ମାସିଆ 'ଶିଳ୍ପ-ଶିକ୍ଷାନୁଷ୍ଠାନ ସହଯୋଗିତା ତାଲିମ୍ କାର୍ଯ୍ୟକ୍ରମ' ଆରମ୍ଭ ହୋଇଛି। ଗୋପବନ୍ଧୁ ପ୍ରେକ୍ଷାଗୃହରେ ଏହି ଓରିଏଣ୍ଟେସନ୍/ଇଣ୍ଡକ୍ସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ଭାରପ୍ରାପ୍ତ ମହାପ୍ରବନ୍ଧକ, ମାନବ ସମ୍ବଳ-ଏଲ୍ ଆଣ୍ଡ ଡି ଏବଂ ଓ.ଡି ଆର.କେ. ବର୍ମା ପୌରୋହିତ୍ୟ କରିଥିଲେ। ସରକାରୀ ଆଇ.ଟି.ଆଇ., ପାନ୍‌ପୋଷର ଅଧ୍ୟକ୍ଷ ଆର.କେ. କର ଏବଂ ସହକାରୀ ମହାପ୍ରବନ୍ଧକ (ଏଲ୍ ଆଣ୍ଡ ଡି) ଡି. ସାହୁ ମଧ୍ୟ ଏ ଅବସରରେ ମଞ୍ଚାସୀନ ଥିଲେ। ସରକାରୀ ରାଉରକେଲା ଆଇ.ଟି.ଆଇର ପାଞ୍ଚଟି ଭିନ୍ନ ଭିନ୍ନ ଟ୍ରେଡ୍‌ରୁ ମୋଟ ୧୪୬ ଜଣ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



ଆର୍ଥିକ ବର୍ଷ ୨୦୨୬-୨୭ ରେ ଡୁଆଲ୍ ସିଷ୍ଟମ୍ ଅଫ୍ ଟ୍ରେନିଂ (ଡି.ଏସ.ଟି.) କାର୍ଯ୍ୟକାରୀ କରିବା ପାଇଁ ଚଳିତ ବର୍ଷ ମଇ ୨୭ ତାରିଖରେ ଆର.ଏସ.ପି.ର ଏଲ୍ ଆଣ୍ଡ ଡି କେନ୍ଦ୍ରରେ ସେଲ୍‌ଫ, ଆର.ଏସ.ପି. ଏବଂ ସରକାରୀ ଆଇ.ଟି.ଆଇ., ରାଉରକେଲା ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର ଅନୁଯାୟୀ ଏହି ପଦକ୍ଷେପ ନିଆଯାଇଛି।

## କଳିଙ୍ଗ ସେନା ଚାରିଟେବୁଲ ଟ୍ରଷ୍ଟର ପ୍ରସ୍ତୁତି ବୈଠକ

**ରାଉରକେଲା, ୨୫।୯ (ସମିସ):** ସ୍ଥାନୀୟ ଉଦିତନଗର କାର୍ଯ୍ୟାଳୟରେ 'କଳିଙ୍ଗ ସେନା ଚାରିଟେବୁଲ ଟ୍ରଷ୍ଟ' ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା କାଲି ଆୟୋଜିତ ହେବାକୁ ଥିବା ଯୋଗଦାନ ଶିବିର (ଜଏନିଂ କ୍ୟାମ୍ପ) ତଥା ଟ୍ରଷ୍ଟ ଦ୍ୱାରା ହାତକୁ ନିଆଯିବାକୁ ଥିବା ବିଭିନ୍ନ ସମାଜକଲ୍ୟାଣମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି ବୈଠକ ଶୁଭ୍ରାଂଶୁ ପାଣିଗ୍ରାହୀ, ନୀଲ ପଲ୍, କରଣ ସିଂ, ଆଲୋକ ପୃଷ୍ଟି ଓ ଅଭିଷେକ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ସଂଗଠନର ଅନ୍ୟାନ୍ୟ ସଦସ୍ୟ ତଥା ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ। ଆଗାମୀ ଶନିବାର ହେବାକୁ ଥିବା ଯୋଗଦାନ ଶିବିରକୁ ସଫଳ କରିବା ସହ ସମାଜର ମଙ୍ଗଳ ପାଇଁ ବିଭିନ୍ନ କଲ୍ୟାଣକାରୀ ଓ ଦାତବ୍ୟ କାର୍ଯ୍ୟ ଜାରି ରଖିବାକୁ ସଂକଳ୍ପ ନେଇ ବୈଠକ ଶେଷ ହୋଇଥିଲା।

## ଇଏସ୍‌ପି ଟ୍ରାନ୍ସଫର୍ମର ପାଇଁ ଏଆଇ ଆଧାରିତ ଅଗ୍ନି ଚିହ୍ନଟ ବ୍ୟବସ୍ଥା ବିକଶିତ

**ରାଉରକେଲା, ୨୫।୯(ସମିସ):** ରାଉରକେଲା ଇସ୍ପାତ କାରଖାନାର 'ଯନ୍ତ୍ର ଦୃଷ୍ଟି' କ୍ୟୁସି ଟିମ୍ ସିଣ୍ଟର ପ୍ଲାଣ୍ଟ-୩ର ଇଲେକ୍ଟ୍ରୋଷ୍ଟାଟିକ୍ ପ୍ରିସିପିଟେଟର (ଇଏସ.ପି) ଟ୍ରାନ୍ସଫର୍ମର ଗୁଡ଼ିକର ସୁରକ୍ଷା ପାଇଁ ନିଜସ୍ୱ ଜ୍ଞାନକୌଶଳରେ ଏକ ଏଆଇ ଆଧାରିତ ରିଅଲ-ଟାଇମ୍ ଶିଳ୍ପ ଅଗ୍ନି ଏବଂ ଧୂଆଁ ଚିହ୍ନଟ ବ୍ୟବସ୍ଥା ବିକଶିତ କରିବା ସହ ସଫଳତାର ସହ କାର୍ଯ୍ୟକାରୀ କରିଛି। ଏହି ପଦକ୍ଷେପ ଇଏସପି ଟ୍ରାନ୍ସଫର୍ମରଗୁଡ଼ିକରେ ଆକସ୍ମିକ ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବା ନିଆଁର ବିପଦକୁ ପ୍ରଶମିତ କରିବ।

ଡିଜିଟାଲାଇଜେସନ୍ ବିଭାଗର ଡିଜିଟାଲ୍ କ୍ୟୁସି ଟିମ୍ 'ଯନ୍ତ୍ରଦୃଷ୍ଟି' ଦ୍ୱାରା ବିକଶିତ ଏହି ସମାଧାନଟି ପ୍ରଚଳିତ ସିସିଟିଭି/ଆଇ.ପି. କ୍ୟାମେରା ନେଟୱାର୍କ ସହିତ ଏକ ଏଆଇ ଆଧାରିତ ମଡେଲକୁ ସଂଯୋଗ କରି କାର୍ଯ୍ୟ କରେ। ରିଅଲ-ଟାଇମ୍ ନଜର ରଖିବା, ଆଲାର୍ମ ସୃଷ୍ଟି କରିବା ଏବଂ ସୂଚନା ପ୍ରଦାନ ପ୍ରକ୍ରିୟାକୁ ସକ୍ଷମ କରିବା ପାଇଁ କ୍ୟାମେରା, ସର୍ଭର ଏବଂ ନେଟୱାର୍କ ବ୍ୟବସ୍ଥା ସମେତ ଆବଶ୍ୟକୀୟ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଥିଲା। ଅନ୍-ସାଇଟ୍ ମୂଲ୍ୟାଙ୍କନ ପାଇଁ ଇ.ଏସ.ପି. ଟ୍ରାନ୍ସଫର୍ମର ନିକଟରେ ଏକ ନମୁନା (ପ୍ରୋଟୋଟାଇପ) ସ୍ଥାପନ କରାଯାଇଥିଲା।



ଏହାର ରିଅଲ-ଟାଇମ୍ ଚିହ୍ନଟ କ୍ଷମତା, ସତର୍କତା ସୂଚନା ସୃଷ୍ଟି ପ୍ରକ୍ରିୟା, ପ୍ରତିକ୍ରିୟା ସମୟ ଏବଂ ସମଗ୍ର ନିର୍ଭରଯୋଗ୍ୟତାକୁ ଯାଞ୍ଚ କରିବା ପାଇଁ ପ୍ଲାଣ୍ଟର ପ୍ରକୃତ କାର୍ଯ୍ୟକ୍ଷମ ପରିସ୍ଥିତି ମଧ୍ୟରେ ଏହି ବ୍ୟବସ୍ଥାର ଟ୍ରାଏଲ୍ ରନ୍ କରାଯାଇଥିଲା। ଏହି ଟ୍ରାଏଲ୍ ଗୁଡ଼ିକ ଧୂଳି, ବାଷ୍ପ, ଆଲୋକର ପରିବର୍ତ୍ତନ ଏବଂ ଉଚ୍ଚ-ତାପମାତ୍ରା ପରିବେଶ ଭଳି ଜଟିଳ ଶିଳ୍ପ ପରିସ୍ଥିତିକୁ ଅନ୍ତର୍ଭୁକ୍ତ କରିଥିଲା, ଯାହା ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ସ୍ଥାନଗୁଡ଼ିକରେ ତୁରନ୍ତ ପଦକ୍ଷେପ ଗ୍ରହଣ ଏବଂ ଅଗ୍ନି-ବିପଦ ହ୍ରାସ କରିବାରେ ଏ.ଆଇ ସକ୍ଷମ ଭିଜୁଆଲ୍ ସର୍ଭେଲାନ୍ସର ସାମର୍ଥ୍ୟକୁ ଦର୍ଶାଇଥାଏ। ଏହି ପଦକ୍ଷେପ ମୁଖ୍ୟ ମହାପ୍ରବନ୍ଧକ (ଏନ୍.ପି.ଏମ୍. ଏବଂ ଡିଜିଟାଲାଇଜେସନ୍) ଆର୍. କେ. ମୁଦୁଲିଙ୍କ ମାର୍ଗଦର୍ଶନରେ କାର୍ଯ୍ୟକାରୀ ହୋଇଥିଲା। ଡିଜିଟାଲାଇଜେସନ୍ ବିଭାଗର ସହକାରୀ ପ୍ରବନ୍ଧକ ଏ. ବେହେରା ଟିମ୍ ର ନେତୃତ୍ୱ ନେଇଥିବା ବେଳେ ଏଚ୍. ବି.ପି. ନାୟକ, କେ. ମୁର୍ମୁ, ଟି.କେ. ମିଶ୍ର, (ସମସ୍ତେ ଇଞ୍ଜିନିୟରିଂ ଏସୋସିଏଟ୍) ଏବଂ ସୁଶ୍ରୀ ପି. ସରକାର (ଜୁନିୟର ଇଞ୍ଜିନିୟରିଂ ଏସୋସିଏଟ୍) ଡିଜିଟାଲ୍ କ୍ୟୁସି ଟିମ୍ 'ଯନ୍ତ୍ରଦୃଷ୍ଟି' ର ସଦସ୍ୟ ଥିଲେ।

### କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ଯୁଗ୍ମ ସଚିବଙ୍କ ସୁନ୍ଦରଗଡ଼ ଗସ୍ତ

# ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହିତ ସମୀକ୍ଷା ବୈଠକ

**ରାଉରକେଲା, ୨୫।୯ (ସମିସ)**

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଯୁଗ୍ମ ସଚିବ ତଥା ସୁନ୍ଦରଗର ଜିଲ୍ଲା ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାର କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ୨ ଦିନିଆ ସୁନ୍ଦରଗଡ଼ ଜିଲ୍ଲା ଗସ୍ତରେ ଆସିଛନ୍ତି। ଏହି ଅବସରରେ କ୍ଷେତ୍ର ପରିଦର୍ଶନ କରିବା ସହିତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ବୈଠକ କରିଥିଲେ।

ସଦର ବ୍ଲକ ଅନ୍ତର୍ଗତ ସେମିନାଠାରେ ଛେଳି ପାଳନ ୟୁନିଟ ବୁଲି ଦେଖିବା ସହ ହିତାଧିକାରଙ୍କ ସହିତ ଆଲୋଚନା କରିଥିଲେ। ସେହିପରି କୋପସିଂଘା ଠାରେ ନିର୍ମାଣାଧୀନ ଥିବା ଇନ-ଷ୍ଟ୍ରିମ ସଂରକ୍ଷଣ ପ୍ରକଳ୍ପ ଏବଂ ବିଲେଗଡ଼ ଠାରେ ଥିବା ବୃହତ୍ ଉଠା ଜଳ ସେଚନ ପ୍ରକଳ୍ପ ପରିଦର୍ଶନ କରିବା ସହ ବିଭାଗୀୟ ଅଧିକାରୀ ଏବଂ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହା ସହ ସେ ମୃତ୍ତିକା ସଂରକ୍ଷଣ କେନ୍ଦ୍ର ମଧ୍ୟ ବୁଲି ଦେଖିଥିଲେ।



ଦ୍ୱିତୀୟ ଦିନରେ ଟାଙ୍ଗରପାଲି ବ୍ଲକର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପରିଦର୍ଶନ କରିଥିଲେ। ସେ ରଙ୍ଗିଆମୁଣ୍ଡାର ମିଲେଟ୍ ପ୍ରକ୍ରିୟାକରଣ ୟୁନିଟ୍, ଉଜ୍ଜଳପୁରର ମଞ୍ଜି ପ୍ରକ୍ରିୟାକରଣ କେନ୍ଦ୍ର, ଦୁଗ୍ଧ ସମବାୟ ସମିତି ଏବଂ ବଲ୍କ ମିଲ୍କ କୁଲର ୟୁନିଟ୍ ବୁଲି ଦେଖିଥିଲେ।

ଏହି ଅବସରରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, କୃଷି ଓ କୃଷକ ବିଭାଗ, ଏବଂ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ପ୍ରଧାନ ମନ୍ତ୍ରୀ ଧନଧାନ୍ୟ ଯୋଜନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯୁଗ୍ମ ସଚିବ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ଅଗ୍ରଗତି, କାର୍ଯ୍ୟାନ୍ୱୟନ ଏବଂ ଫଳପ୍ରଦତା ଉପରେ ବିସ୍ତୃତ ସମୀକ୍ଷା କରିଥିଲେ।

କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ସୁରଞ୍ଜନ ସାହୁ, ମୁଖ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ସୁଷମା ବିଲୁଙ୍ଗ ଏବଂ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଲାକୋ ବଦ୍ରାଙ୍କ ଜୟନ୍ତୀ ସମାରୋହ



**କୋଇଡା, ୨୫।୯(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ ହୋ ସମାଜ କମିଟି ଆନୁକୂଲ୍ୟରେ ବାଲିଜୁଡି ଠାରେ ଜିଲ୍ଲାସ୍ତରୀୟ ୧୦୭ ତମ ଲାକୋ ବଦ୍ରାଙ୍କ ଜନ୍ମଜୟନ୍ତୀ ପାଳନ ସମାରୋହ ମହାଆଡମ୍ବର ସହକାରେ ସମ୍ପନ୍ନ ହୋଇଛି। ମୁଖ୍ୟ ଅତିଥି ଭାବେ ବଡବିଲ ଉପଖଣ୍ଡ ପୁଲିସ୍ ଅଧିକାରୀ ଦେବେନ୍ଦ୍ରନାଥ ପିଙ୍ଗୁଆ ଓ ଅନ୍ୟ ଅତିଥି ଗହଣରେ କୋଇଡା ଅତିରିକ୍ତ ତହସିଲଦାର ନିର୍ମଳ ବିଶ୍ୱାଳ, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ୟୁନିଟ୍ ମୁଖ୍ୟ ସଞ୍ଜୟ ସର୍ଦ୍ଦାର, ଆଦିବାସୀ ହୋ ସମାଜ ମହାସଭା ସଭାପତି ଗୌରଚନ୍ଦ୍ର ମୁଣ୍ଡା, ଡ. ମହେନ୍ଦ୍ର ସୋୟ, ମୟୂରଭଞ୍ଜ ହୋ ସମାଜ ବୀରସିଂ ବିରୁଲି, ଜୁରିଆ ମୁଣ୍ଡା, ଦେବାନନ୍ଦ ହେମ୍ବ୍ରମ ପ୍ରମୁଖ ଯୋଗଦେଇ ପ୍ରଥମେ ଗୁରୁ ଲାକୋ ବଦ୍ରା ଓ ବୀର ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ, ପୁଷ୍ପମାଲ୍ୟ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ହୋ ଭାଷାକୁ ଓଡ଼ିଶାର ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ଏବଂ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ପାଇଁ ଆଲୋକପାତ କରାଯାଇଥିଲା। ବିଭିନ୍ନ ପ୍ରାନ୍ତରୁ ହୋ ସମାଜ ସଦସ୍ୟ ଓ ସଦସ୍ୟା ମାନେ ଆଦିବାସୀ ପରମ୍ପରା ଅନୁସାରେ ଗୀତ ବାଦ୍ୟ ନୃତ୍ୟ ପରିବେଷଣ କରିଥିଲେ। ହୋ ସମାଜ କମିଟି ପକ୍ଷରୁ ସୁନିଆ ମୁଣ୍ଡା, ବାଟୁ ମୁଣ୍ଡା, ବୁଧୁରାମ ମୁଣ୍ଡା, ସୁରେଶ ମୁଣ୍ଡା, ବାସମତୀ ମୁଣ୍ଡା, ସୁବାସ ମୁଣ୍ଡା, ପାଣ୍ଡୁ ମୁଣ୍ଡା ପ୍ରମୁଖଙ୍କ ସହ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଯଦି ତୁମେ ଶାନ୍ତି ପ୍ରତିଷ୍ଠା କରିବାକୁ ଆଗ୍ରହୀ, ତେବେ ପ୍ରଥମେ ଶତ୍ରୁ ସହିତ ମିଶି କାମ କର। ଆପେ ଆପେ ସେ ତୁମର ମିତ୍ର ହୋଇଯିବ ଏବଂ ଅଶାନ୍ତି ଦୂର ହୋଇଯିବ।
-ନେଲ୍‌ସନ୍ ମାଣ୍ଡେଲା

## ଗଣମାଧ୍ୟମର ଜୟଗାନ

ଭାରତର ନିର୍ବାଚନ ଆୟୋଗ ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ କାର୍ଯ୍ୟଶୈଳୀକୁ ନେଇ ସୃଷ୍ଟି ହୋଇଥିବା ସାମ୍ପ୍ରତିକ ବିବାଦ ଗଣତନ୍ତ୍ରରେ ଏକ ସ୍ୱାଧୀନ ଓ ଦାୟିତ୍ୱବାନ ଗଣମାଧ୍ୟମର ଗୁରୁତ୍ୱକୁ ପୁନର୍ବାର ପ୍ରମାଣିତ କରିଛି। ଏହାର ମୂଳରେ ରହିଛି 'ଦ ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଏକ ରିପୋର୍ଟ, ଯେଉଁଥିରେ ଅଭିଯୋଗ କରାଯାଇଛି ଯେ ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ'(ଏସ୍‌ଆଇଆର) ଏବଂ ଅନ୍ୟାନ୍ୟ ବିଷୟ ସହ ଜଡ଼ିତ ନିଷ୍ପତ୍ତି ଉପରେ ବିଭିନ୍ନ ସମୟରେ ଆନୁଷ୍ଠାନିକ ଭାବେ ୧୦ ମାସ ମଧ୍ୟରେ ଅତିକମରେ ୧୪ଟି ଆପତ୍ତି ଉପସ୍ଥାପନ କରିଥିଲେ ମଧ୍ୟ ସେମାନଙ୍କ ମତାମତକୁ ଗୁରୁତ୍ୱ ଦିଆଯାଇନାହିଁ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ସୁନିଶ୍ଚିତ କରୁଥିବା ସାମ୍ବିଧାନିକ ସଂସ୍ଥା ଯଦି ଅଗଣତାନ୍ତ୍ରିକ ହୋଇପଡ଼େ ତେବେ ଗଣତନ୍ତ୍ରର ମୌଳିକତା ହିଁ ସ୍ୱତଃସନ୍ଦେହ ଘେରକୁ ଆସିଯିବ। ଏ ବିଷୟରେ ଆମେ ଏହି ସ୍ତମ୍ଭରେ ପୂର୍ବରୁ ବିସ୍ତୃତ ଭାବେ ଉଲ୍ଲେଖ କରିଥିଲୁ। ଗଣତନ୍ତ୍ରର ପ୍ରହରୀ କୁହାଯାଉଥିବା ନିର୍ବାଚନ ଆୟୋଗଙ୍କ ବିଭିନ୍ନ ବିତର୍କିତ ଓ ବିବାଦୀୟ କାର୍ଯ୍ୟକଳାପ ଲୋକଲୋଚନକୁ ଆଣି ଗଣତନ୍ତ୍ର ଉପରେ ଆସ୍ଥା ପୁନଃସ୍ଥାପନରେ ନିଜର କର୍ତ୍ତବ୍ୟ ନିର୍ବାହ କରିଥିବା ଗଣମାଧ୍ୟମର ପ୍ରଶଂସନୀୟ ଭୂମିକା ସମ୍ପର୍କରେ ଏଥର ଆଲୋଚନା କରିବାକୁ ଉଚିତ ମଣୁଛୁ।

ଗଣମାଧ୍ୟମର ପ୍ରଥମ ଦାୟିତ୍ୱ ହେଉଛି ଗଣତନ୍ତ୍ର ଓ ଗଣବିଶ୍ୱାସ ସହିତ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ସାର୍ବଜନୀନ କରି ବିଚାରବିମର୍ଶ ଜରିଆରେ ସୁଧାର ପାଇଁ କ୍ଷେତ୍ରପ୍ରସ୍ତୁତ କରିବା। 'ଦ ଇଣ୍ଡିଆନ୍ ଏକ୍ସପ୍ରେସ' ଏହି କାର୍ଯ୍ୟଟିକୁ ଅତି ଦକ୍ଷତା ଓ ନିଷ୍ଠାର ସହ ସମ୍ପନ୍ନ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ରିପୋର୍ଟ ଭୋଟର ତାଲିକା ପରିବର୍ତ୍ତନ, ଭୋଟର ତଥ୍ୟାବଳୀ ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛି, ଯାହା ସ୍ୱଚ୍ଛ ଓ ନିରପେକ୍ଷ




ନିର୍ବାଚନ ଏବଂ ଗଣତନ୍ତ୍ରର ସ୍ୱାସ୍ଥ୍ୟ ସହିତ ଜଡ଼ିତ। ଯେତେବେଳେ ଭାରତୀୟ ଗଣମାଧ୍ୟମ 'କୋଳାଶ୍ରିତ ଗଣମାଧ୍ୟମ'ର ଅପବାଦ ମୁଣ୍ଡାଇ ଚାଲିଛି ସେତିକିବେଳେ ଏପରି ତଦନ୍ତକାରୀ ସାମ୍ବାଦିକତାର ଏକ ଅପରିହାର୍ଯ୍ୟ ଆବଶ୍ୟକତା ଥିଲା। ତେଣୁ ଏହା ବହୁକାରଣରୁ ନିର୍ଣ୍ଣାୟକ ସାବ୍ୟସ୍ତ ହେବାକୁ ଯାଉଛି। ସାମ୍ବାଦିକତାର 'ପ୍ରହରୀ' ଭୂମିକାର ଅର୍ଥ ପକ୍ଷ ନେବା ନୁହେଁ। ଜନ ଅଭିଯୋଗଗୁଡ଼ିକର ତଦନ୍ତ କରିବା ସହିତ ସମ୍ପୃକ୍ତ ସଂସ୍ଥାକୁ ଦର୍ପଣ ଦେଖାଇବାରେ ଏକ ସୁଯୋଗ ଦେବା। ଏହି କାର୍ଯ୍ୟଟି ମଧ୍ୟ ସୁଚାରୁ ରୂପେ ସମ୍ପାଦିତ ହୋଇଥିବା ମନେ ହୁଏ।

ଏବେ ଅଭିଯୋଗ ହେଉଛି ଯେ ଭାରତୀୟ ଗଣତନ୍ତ୍ର ସହିତ ଜଡ଼ିତ ଅନେକ ସମ୍ବେଦନଶୀଳ ପ୍ରସଙ୍ଗ ଓ ଜଟିଳ ସମସ୍ୟାର ସମାଧାନ ଟେଲିଭିଜନ ବିତର୍କ ଏବଂ ଆକର୍ଷଣୀୟ ଶିରୋନାମା ଅଧୀନରେ ବ୍ୟାଖ୍ୟାନ ମାଧ୍ୟମରେ ସମ୍ପାଦିତ ହେଉଛି। ଏହି ଅଭିଯୋଗରେ ସତ୍ୟତା ରହିଛି। ଏଭଳି ବ୍ୟାଖ୍ୟାନଗୁଡ଼ିକ ପ୍ରମାଣସିଦ୍ଧ ହେଉ ନଥିବାରୁ ଗଣମାଧ୍ୟମ ଆସ୍ଥା ହରାଇବା ପରି ସ୍ଥିତିକୁ ଚାଲିଯାଉଛି। ଏହି ପୃଷ୍ଠଭୂମିରେ ଉପରୋକ୍ତ ରିପୋର୍ଟ ଭାରତୀୟ ଗଣମାଧ୍ୟମ ପ୍ରତି ଜନଗଣଙ୍କ ମନରେ ପୁଣି ଏକ ଆସ୍ଥା ଓ ଆଶାର ସଞ୍ଚାର କରିଛି। ବାସ୍ତବତା ଓ ବ୍ୟାଖ୍ୟାନ ଭିତରେ ଫରକକୁ ମଧ୍ୟ ଲୋକଲୋଚନକୁ ଆଣିବାରେ ଗଣମାଧ୍ୟମର ବିଶେଷ ଭୂମିକା ରହିଛି। ସଂକ୍ଷେପରେ କହିଲେ ଗଣମାଧ୍ୟମର ଦାୟିତ୍ୱ ନାଗରିକମାନଙ୍କୁ ସୂଚନା ପ୍ରଦାନ କରିବା; କିନ୍ତୁ ରାଜନୈତିକ ଦାବିକୁ ପ୍ରତିଷ୍ଠିତ ତଥ୍ୟରେ ପରିଣତ କରିବା ନୁହେଁ। କାରଣ ଏକ ସୁସ୍ଥ ଗଣମାଧ୍ୟମ ସରକାର କିମ୍ବା ବିରୋଧୀ ଦଳର ସ୍ୱର ହୁଏ ନାହିଁ। ଏହାର ଦାୟିତ୍ୱ ହେଉଛି ଉଭୟଙ୍କୁ ପ୍ରଶ୍ନ କରିବା। ବିରୋଧୀ ନେତାମାନେ ନିର୍ବାଚନ ଆୟୋଗ ଏବଂ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ତେଣୁ ଅଭିଯୋଗ ପଛରେ ଥିବା ପ୍ରମାଣକୁ ଗଣମାଧ୍ୟମ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ସହିତ ଆୟୋଗଙ୍କ ପ୍ରତିକ୍ରିୟା, ସାମ୍ବିଧାନିକ ଓ ନିର୍ବାଚନ ବିଶେଷଜ୍ଞଙ୍କ ପରାମର୍ଶ, ଆଇନଗତ କାର୍ଯ୍ୟପନ୍ଥା ଯାଞ୍ଚ ଆଦିକୁ ପ୍ରାଥମିକତା ଦେବା ଉଚିତ।

ନିର୍ବାଚନ କେବଳ ଆଇନ ଏବଂ ଅନୁଷ୍ଠାନ ଉପରେ ନୁହେଁ; ବରଂ ଜନସାଧାରଣଙ୍କ ବିଶ୍ୱାସ ଉପରେ ମଧ୍ୟ ନିର୍ଭର କରେ। ଯେତେବେଳେ ନାଗରିକମାନେ ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା କିମ୍ବା ସ୍ୱଚ୍ଛତା ଉପରେ ସନ୍ଦେହ କରିବାକୁ ଆରମ୍ଭ କରନ୍ତି, ସେତେବେଳେ ପରିଣାମ କେବଳ ବିବାଦରେ ସୀମିତ ରହେ ନାହିଁ, ଏହା ପରିଣାମକୁ ଜନ୍ମ ଦିଏ। ଏହି ପୃଷ୍ଠଭୂମିରେ ଗଣମାଧ୍ୟମର ଦ୍ୱିଗୁଣିତ ଦାୟିତ୍ୱ ରହିଛି। ପ୍ରମାଣ ଥିବା ସ୍ଥାନରେ ପ୍ରକୃତ ସାଂଗଠନିକ ତ୍ରୁଟିଗୁଡ଼ିକୁ ପ୍ରକାଶ କରିବା ସହିତ ଅତିରଞ୍ଜିତ କିମ୍ବା ଅସମ୍ପୂର୍ଣ୍ଣ ଖବର ପ୍ରକାଶ ମାଧ୍ୟମରେ ବିଭ୍ରାନ୍ତି ସୃଷ୍ଟି କରିବା ପ୍ରୟାସରୁ ମଧ୍ୟ ଦୂରେଇ ରହିବା ଉଚିତ।

ଏହା ମଧ୍ୟ ଏକ ଅପ୍ରିୟ ସତ୍ୟ ଯେ ଗଣମାଧ୍ୟମର ବିଶ୍ୱସନୀୟତା ଏହାର ସ୍ୱାଧୀନତା ଉପରେ ନିର୍ଭର କରେ। ତେଣୁ ଖବରକାଗଜ, ଟେଲିଭିଜନ ଚ୍ୟାନେଲ ଓ ଡିଜିଟାଲ୍ ମଞ୍ଚଗୁଡ଼ିକ ରାଜନୈତିକ ଦଳ, ସରକାର, ଶିଳ୍ପସ୍ୱାର୍ଥ ଓ ସାମାଜିକ ଗଣମାଧ୍ୟମ ଅଭିଯାନର ଚାପକୁ ପ୍ରତିରୋଧ କରିବା ଉଚିତ। ଏବେ ଭାରତୀୟ ସାମ୍ବାଦିକତା ପାଇଁ ଏକ ପରୀକ୍ଷାର ମୁହୂର୍ତ୍ତ। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଗଣମାଧ୍ୟମ ନିଜ ଭାବମୂର୍ତ୍ତି ସୁଧାରି ପାରିବ ଏବଂ ସର୍ବୋପରି ଗଣତନ୍ତ୍ର ପ୍ରତି ଜନବିଶ୍ୱାସ ଏବଂ ନିର୍ବାଚନ ପ୍ରତି ଭରସା ପୁନଃଜୀବିତ କରିପାରିବ। ଭାରତୀୟ ଗଣମାଧ୍ୟମରେ ନିରାଶାର ପଙ୍କମଧ୍ୟରୁ ଯେଉଁ ଆଶାର ପଦ୍ମଟିଏ ଜନ୍ମ ନେଇଛି ତାହା ସା।ମ୍ବାଦିକତାର ଆଦର୍ଶ ଓ ମୂଲ୍ୟବୋଧର ସଞ୍ଜୀବନୀ ରୂପେ ଗ୍ରହଣୀୟ ହେବା ଆବଶ୍ୟକ। ●

## ଓଡ଼ିଆ ସିନେମାର ଅପେକ୍ଷା କେବେ ସରିବ!

ରଞ୍ଜନ କୁମାର ରାୟ

ବର୍ଷୀୟାନ୍ ଅଭିନେତା ଅନନ୍ତ ନାଗଙ୍କୁ ୨୦୨୪ ବର୍ଷ ପାଇଁ ଦାଦାସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଛି। ପାଞ୍ଚଦଶନ୍ଧିରୁ ଅଧିକ ସମୟର କ୍ୟାରିୟରରେ ସେ ୩୦୦ରୁ ଅଧିକ ଚଳଚ୍ଚିତ୍ରରେ କାମ କରିଛନ୍ତି। କନ୍ନଡ଼ ସିନେମା ସହ ହିନ୍ଦୀ ଓ ଅନ୍ୟ ଭାଷାରେ ମଧ୍ୟ ତାଙ୍କର ଅବଦାନ ରହିଛି। କିନ୍ତୁ ଭାରତୀୟ ଚଳଚ୍ଚିତ୍ର ଜଗତର ସର୍ବୋଚ୍ଚ ସମ୍ମାନ 'ଦାଦାସାହେବ ଫାଲ୍‌କେ' ପୁରସ୍କାର ପୁଣି ଥରେ ଏକ ପୁରୁଣା ପ୍ରଶ୍ନକୁ ସାମ୍ନାକୁ ଆଣିଛି। ଓଡ଼ିଆ ସିନେମାର ଶତାବ୍ଦୀପୁରୁଣା ଯାତ୍ରାରୁ ଆଜି ପର୍ଯ୍ୟନ୍ତ ଏମିତି କେହି ନାହାନ୍ତି କି, ଯାହାଙ୍କ ଦୀର୍ଘକାଳୀନ ଅବଦାନକୁ ଜାତୀୟସ୍ତରରେ ଏହି ସମ୍ମାନ ପାଇଁ ବିଚାର କରାଯାଇପାରେ? ସମୃଦ୍ଧ ଚଳଚ୍ଚିତ୍ର ଐତିହ୍ୟ ଥାଇ ମଧ୍ୟ ଓଡ଼ିଆ ସିନେମାର ଜଣେ ବ୍ୟକ୍ତିତ୍ୱ ଆଜି ପର୍ଯ୍ୟନ୍ତ ଏହି ସମ୍ମାନର ବିଚାର ପରିସରରେ ଦୃଶ୍ୟମାନ କାହିଁକି ହୋଇପାରିଲେ ନାହିଁ? ଏପର୍ଯ୍ୟନ୍ତ ଓଡ଼ିଶା ଏହି ପୁରସ୍କାରରୁ ବଞ୍ଚିତ ହେଉଛି କାହିଁକି?

ଏହି ପ୍ରଶ୍ନର ଉତ୍ତର କେବଳ 'କେନ୍ଦ୍ର ଓଡ଼ିଶାକୁ ଅବହେଳା କରୁଛି' ବୋଲି ଦେଇଦେବା ସହଜ। କିନ୍ତୁ ଏହା ସମ୍ପୂର୍ଣ୍ଣ ନିରପେକ୍ଷ ଉତ୍ତର ନୁହେଁ। ଫାଲ୍‌କେ ପୁରସ୍କାର କୌଣସି ରାଜ୍ୟ ପାଇଁ ସଂରକ୍ଷିତ ସମ୍ମାନ ନୁହେଁ। ଜଣେ ବ୍ୟକ୍ତିଙ୍କର ଭାରତୀୟ ସିନେମା ପ୍ରତି ଦୀର୍ଘକାଳୀନ ଓ ବିଶେଷ ଅବଦାନକୁ ଆଧାର କରି ଚୟନ ହୁଏ। ତେଣୁ ଓଡ଼ିଆ ବ୍ୟକ୍ତିତ୍ୱଙ୍କୁ ଏହି ସମ୍ମାନ ମିଳି ନ ଥିବାର ପ୍ରଶ୍ନ ସହିତ ଆଉ ଏକ ପ୍ରଶ୍ନ ମଧ୍ୟ ଉଠିବା ଉଚିତ ଯେ ଆମେ ଆମର ଶ୍ରେଷ୍ଠ ପ୍ରତିଭାକୁ ଜାତୀୟ ମଞ୍ଚରେ କେତେ ଯଥାର୍ଥ ଭାବେ ଉପସ୍ଥାପନ କରିଛୁ। ଓଡ଼ିଆ ସିନେମାରେ ଏହି ତାଲିକା ଛୋଟ ନୁହେଁ। ପ୍ରଶାନ୍ତ ନନ୍ଦଙ୍କ ଅଭିନୟ, ନିର୍ଦ୍ଦେଶନା ଓ ଚଳଚ୍ଚିତ୍ର ସୃଷ୍ଟିରେ ଦୀର୍ଘ ଅଭିଜ୍ଞତା ଓ ଅବଦାନ ରହିଛି। ବିଜୟ ମହାନ୍ତି ଓଡ଼ିଆ ଅଭିନୟ ଜଗତର ଏକ ସ୍ୱତନ୍ତ୍ର ଅଧ୍ୟାୟ। ଉତ୍ତମ ମହାନ୍ତି, ମହାଶ୍ୱେତା ରାୟ, ସାଧୁ ମେହେର, ସବ୍ୟସାଚୀ ମହାପାତ୍ରଙ୍କ ଭଳି ବହୁ ପ୍ରତିଭା ଓଡ଼ିଆ ସିନେମାକୁ ନିଜସ୍ୱ ପରିଚୟ ଦେଇଛନ୍ତି। ଏହି ନାମଗୁଡ଼ିକୁ ଏକାଠି କରି ତାଙ୍କ ଜାତୀୟ ଅବଦାନର ନିରପେକ୍ଷ ମୂଲ୍ୟାଙ୍କନ କରିବା ମଧ୍ୟ ଆମର ଦାୟିତ୍ୱ। ଓଡ଼ିଆ ସିନେମା ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ନିଜ ଉପସ୍ଥିତି ପ୍ରମାଣ କରିଆସିଛି। 'ଆଦିମ ବିଚାର', 'ପାହାଡ଼ର ଲୁହ', 'ହେଲୋ ଆର୍ସି', 'ସାଲା ବୁଢ଼ାର ବଦଲା', 'କାଲିର ଅତୀତ', 'ପ୍ରତୀକ୍ଷା', 'ଦମନ' ଓ 'ପୁଷ୍କରା' ଭଳି ଚଳଚ୍ଚିତ୍ର ଜାତୀୟସ୍ତରରେ ସମ୍ମାନ ପାଇଛି। ୨୦୨୩ ବର୍ଷ ପାଇଁ 'ପୁଷ୍କରା' ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ଜାତୀୟ ପୁରସ୍କାର ପାଇଛି। ଅର୍ଥାତ୍ ଓଡ଼ିଆ ସିନେମାରେ ପ୍ରତିଭା ନାହିଁ - ଏଭଳି ଯୁକ୍ତି ଚଳିବ ନାହିଁ।

ତେବେ ସମସ୍ୟା କେଉଁଠି ରହିଛି ବୋଲି ମନରେ ପ୍ରଶ୍ନ ଉଙ୍କିମାରେ। ସମସ୍ୟାର ଗୋଟିଏ ବଡ଼ ଅଂଶ ହେଉଛି ଦୃଶ୍ୟମାନତା। ମୁମ୍ବଇ, ଚେନ୍ନାଇ, ହାଇଦରାବାଦ, ବେଙ୍ଗାଲୁରୁ କିମ୍ବା କୋଲକାତାର ଚଳଚ୍ଚିତ୍ର ଶିଳ୍ପ ଯେପରି ନିଜର କଳାକାରଙ୍କ କାର୍ଯ୍ୟକୁ ଜାତୀୟ ଆଲୋଚନାରେ ରଖିପାରୁଛି, ଓଡ଼ିଶା ସେହି କ୍ଷେତ୍ରରେ ଅନେକ ପଛରେ। ଆମର ଚଳଚ୍ଚିତ୍ର ଇତିହାସ ନେଇ ନିୟମିତ ଗବେଷଣା କେତେ ହେଉଛି? ପୁରୁଣା ଚଳଚ୍ଚିତ୍ରର ନେଗେଟିଭ୍, ପୋଷ୍ଟର, ପାଣ୍ଡୁଲିପି, ଗୀତ, ସଙ୍ଗୀତ, ସାକ୍ଷାତକାର ଓ ଅନ୍ୟାନ୍ୟ ଦଲିଲ କେତେ ସୁରକ୍ଷିତ? ଏକ ଶିଳ୍ପର ଇତିହାସ କେବଳ ସ୍ମୃତିରେ ବଞ୍ଚିପାରେ ନାହିଁ। ତାହାକୁ ଦଲିଲରେ ବଞ୍ଚାଇବାକୁ ପଡ଼େ। ଜାତୀୟସ୍ତରରେ ଚଳଚ୍ଚିତ୍ର ଇତିହାସ ଲେଖୁଥିବା ଗବେଷକଙ୍କ ହାତରେ ଓଡ଼ିଆ ସିନେମାର ତଥ୍ୟ ସହଜରେ ପହଞ୍ଚିବା ଦରକାର।

ଏଠି ଆସେ 'ସାବତ ମା' ମନୋଭାବ ବା ଅବହେଳାର କଥା। ଓଡ଼ିଆ ଚଳଚ୍ଚିତ୍ର ଜଗତର ଅନେକଙ୍କ ଅଭିଯୋଗ ଯେ ସରକାରୀ ସ୍ତରରେ ଏହି ଶିଳ୍ପକୁ ଯେତିକି ଗୁରୁତ୍ୱ ମିଳିବା ଦରକାର, ସେତିକି ମିଳୁନାହିଁ। ଏହି ଅଭିଯୋଗକୁ ଭାବପ୍ରବଣତାରେ ଖାରଜ କରିଦେବା ଠିକ୍ ନୁହେଁ। କିନ୍ତୁ ଏହାକୁ ପ୍ରମାଣ କରିବା ପାଇଁ ମଧ୍ୟ ଆବଶ୍ୟକ ତଥ୍ୟ, ନୀତି ଓ ଦୀର୍ଘକାଳୀନ ତୁଳନା ଦରକାର। ରାଜ୍ୟ ନିଜେ ମଧ୍ୟ ଏହି ଶିଳ୍ପ ପ୍ରତି କେତେ ଗମ୍ଭୀର, ସେ ପ୍ରଶ୍ନ ଏଡ଼ାଇ ହେବ ନାହିଁ। ଓଡ଼ିଶାର ଚଳଚ୍ଚିତ୍ର ପୁରସ୍କାର ପ୍ରଣାଳୀ ରହିଛି। 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର' ଭଳି ସମ୍ମାନ ଦୀର୍ଘଦିନ ଧରି ଓଡ଼ିଆ ସିନେମାର ଅବଦାନକୁ ସ୍ୱୀକୃତି ଦେଇଆସୁଛି। ପ୍ରଶାନ୍ତ ନନ୍ଦ, ଉତ୍ତମ ମହାନ୍ତି ଭଳି ବ୍ୟକ୍ତିତ୍ୱ ଏହି ସମ୍ମାନ ପାଇଛନ୍ତି। କିନ୍ତୁ ରାଜ୍ୟ ପୁରସ୍କାର ଓ ଜାତୀୟ ସ୍ୱୀକୃତି ଦୁଇଟି ଭିନ୍ନ ବିଷୟ। ଓଡ଼ିଶା ନିଜର ପ୍ରତିଭାକୁ ସମ୍ମାନ ଦେବା ସହିତ ସେହି ପ୍ରତିଭାକୁ ଦେଶର ଚଳଚ୍ଚିତ୍ର ଆଲୋଚନାରେ କିପରି ଆଗକୁ ଆଣିବ, ତାହା ମଧ୍ୟ ଭାବିବା ଦରକାର। ଏହା କେବଳ ସରକାରଙ୍କ କାମ ନୁହେଁ। ଓଡ଼ିଆ ଚଳଚ୍ଚିତ୍ରଶିଳ୍ପର ନିଜସ୍ୱ ଦାୟିତ୍ୱ ମଧ୍ୟ କମ୍ ନୁହେଁ। ଶିଳ୍ପର ଭିତରେ ଗୋଷ୍ଠୀବାଦ, ପରସ୍ପରକୁ ଛୋଟ କରିବାର ପ୍ରବୃତ୍ତି, ପୁରୁଣା ପ୍ରତିଭାଙ୍କୁ ଭୁଲିଯିବା ଓ ନିଜ ଇତିହାସକୁ ଯଥେଷ୍ଟ ଭାବେ ଲିପିବଦ୍ଧ ନକରିବା - ଏସବୁ ନେଇ ମଧ୍ୟ ଆତ୍ମସମୀକ୍ଷା ଆବଶ୍ୟକ।

ଜଣେ କଳାକାରଙ୍କୁ ଫାଲ୍‌କେ ପୁରସ୍କାର ମିଳିବା ପାଇଁ କେବଳ ରାଜନୈତିକ ପ୍ରଭାବ ଦରକାର ବୋଲି କହିଦେବା ମଧ୍ୟ ତଥ୍ୟଭିତ୍ତିକ ନୁହେଁ। ପୁରସ୍କାରର ଚୟନ ପ୍ରକ୍ରିୟା ନିଜସ୍ୱ ମାନଦଣ୍ଡ ଏବଂ ଚୟନ କମିଟିର ସୁପାରିସ ଉପରେ ନିର୍ଭର କରେ। ସେଥିପାଇଁ ଓଡ଼ିଆ କଳାକାରଙ୍କୁ ଏପର୍ଯ୍ୟନ୍ତ ସମ୍ମାନ ମିଳି ନ ଥିବାକୁ ସିଧାସଳଖ 'ବୈଷମ୍ୟ' ବୋଲି ଘୋଷଣା କରିବା ପୂର୍ବରୁ ତଥ୍ୟ ଯାଞ୍ଚ ଆବଶ୍ୟକ। ତଥାପି ଏକ ଅସ୍ୱସ୍ତିକର ସତ୍ୟ ରହିଯାଏ। ଯେତେବେଳେ ଅନ୍ୟ ଆଞ୍ଚଳିକ ଚଳଚ୍ଚିତ୍ର ଶିଳ୍ପର ପ୍ରତିଭା ଜାତୀୟସ୍ତରରେ ଦଶକ ପରେ ଦଶକ ସ୍ୱୀକୃତି ପାଉଛନ୍ତି, ସେତେବେଳେ ଓଡ଼ିଆ ସିନେମାର ପ୍ରତିନିଧିତ୍ୱ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଅନନ୍ତ ନାଗଙ୍କ ପୁରସ୍କାର ପରେ କନ୍ନଡ଼ ସିନେମା ଏହି ସମ୍ମାନର ଦ୍ୱିତୀୟ ପ୍ରତିନିଧି ପାଇଲା। ଏହା ଓଡ଼ିଶା ପାଇଁ ନିଜର ଚଳଚ୍ଚିତ୍ର ଐତିହ୍ୟକୁ ନୂଆ ଦୃଷ୍ଟିରେ ଦେଖିବାର ଅବସର।

ଏବେ କ'ଣ କରିବା ବା ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଭବିଷ୍ୟତ ପନ୍ଥା କ'ଣ ବୋଲି ପ୍ରଶ୍ନ ପଚରାଯାଇପାରେ। ପ୍ରଥମେ ଓଡ଼ିଆ ସିନେମାର ଏକ ସ୍ୱାଧୀନ 'ଜାତୀୟ ସ୍ୱୀକୃତି ପ୍ରକଳ୍ପ' ଆରମ୍ଭ ହେଉ। ଗତ ଶତାବ୍ଦୀର ଅଭିନେତା, ନିର୍ଦ୍ଦେଶକ, ପ୍ରଯୋଜକ, ସଙ୍ଗୀତଜ୍ଞ, ଚିତ୍ରଗ୍ରାହକ, ଲେଖକ ଓ ପ୍ରଯୁକ୍ତିବିଦ୍‌ଙ୍କ ଅବଦାନର ତଥ୍ୟଭିତ୍ତିକ ଦଲିଲ ପ୍ରସ୍ତୁତ ହେଉ। ଦ୍ୱିତୀୟତଃ, ଓଡ଼ିଆ ଚଳଚ୍ଚିତ୍ରର ଉତ୍କୃଷ୍ଟ ସୃଷ୍ଟିଗୁଡ଼ିକର ହିନ୍ଦୀ ଓ ଇଂରାଜୀରେ ଅନୁବାଦ, ପ୍ରଦର୍ଶନ ଓ ଡିଜିଟାଲ୍ ସଂରକ୍ଷଣ ହେଉ। ତୃତୀୟତଃ, ଜାତୀୟ ଚଳଚ୍ଚିତ୍ର ଉତ୍ସବ, ଗବେଷଣା ସମ୍ମିଳନୀ ଓ ଆଲୋଚନାରେ ଓଡ଼ିଆ ସିନେମାର ପ୍ରତିନିଧିତ୍ୱ ବଢୁ। ସବୁଠାରୁ ବଡ଼ କଥା - ଜୀବନକାଳରେ ଜଣେ କଳାକାରଙ୍କ ଅବଦାନକୁ ଚିହ୍ନଟ କରିବା ଦରକାର। କଳାକାରଙ୍କ ଦେହାବସାନ ପରେ ଶ୍ରଦ୍ଧାଞ୍ଜଳି ସଭା କରିବା ଅପେକ୍ଷା ସେ ଜୀବିତ ଥିବା ବେଳେ ତାଙ୍କ ସୃଜନଶୀଳ ଯାତ୍ରାକୁ ଦେଶ ସମ୍ମୁଖରେ ରଖିବା ଅଧିକ ଜରୁରୀ।

ଓଡ଼ିଆ ସିନେମାକୁ 'ସାବତ ମା' ଭଳି ବ୍ୟବହାର କରାଯାଉଛି କି ନାହିଁ - ଏହାର ନିଷ୍କର୍ଷ ଆଜି ଦେବା ଆବଶ୍ୟକ ନୁହେଁ। କିନ୍ତୁ ଏହି ଅଭିଯୋଗ ଯଦି ଦୀର୍ଘଦିନ ଧରି ଉଠୁଛି, ତେବେ ତାହାର ତଥ୍ୟଭିତ୍ତିକ ଅନୁସନ୍ଧାନ ହେବା ଦରକାର। ଦିଲ୍ଲୀକୁ ଦୋଷ ଦେବା ପୂର୍ବରୁ ଭୁବନେଶ୍ୱର ନିଜକୁ ପଚାରୁ - ଆମେ କି ନିଜ ଚଳଚ୍ଚିତ୍ର ଐତିହ୍ୟକୁ ଯଥେଷ୍ଟ ମୂଲ୍ୟ ଦେଇଛୁ? ଆମେ କି ଆମର ବରିଷ୍ଠ କଳାକାରଙ୍କ ସମଗ୍ର କାର୍ଯ୍ୟକୁ ଦେଶ ସମ୍ମୁଖରେ ରଖିଛୁ? ଆମେ କି ନିଜର ଚଳଚ୍ଚିତ୍ର ଇତିହାସକୁ ସଂରକ୍ଷଣ କରିଛୁ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜିବାର ସମୟ ଏବେ।

ଫାଲ୍‌କେ ପୁରସ୍କାର କେବେ ଓଡ଼ିଶାକୁ ଆସିବ ଏହାର ଭବିଷ୍ୟବାଣୀ କେହି କରିପାରିବେ ନାହିଁ। କିନ୍ତୁ ଓଡ଼ିଆ ସିନେମାର ଯେଉଁ ପ୍ରତିଭାମାନେ ଏହି ସମ୍ମାନ ପାଇଁ ବିଚାରଯୋଗ୍ୟ ହୋଇପାରନ୍ତି, ସେମାନଙ୍କ କାର୍ଯ୍ୟକୁ ଜାତୀୟ ପରିସରରେ ସଠିକ୍, ସ୍ୱଚ୍ଛ ଓ ତଥ୍ୟଭିତ୍ତିକ ଭାବେ ପହଞ୍ଚାଇବା - ଏହା ଆମ ହାତରେ ଅଛି। ଅପେକ୍ଷା କେବେ ସରିବ, ତାହାଠାରୁ ବଡ଼ ପ୍ରଶ୍ନ ହେଉଛି ଓଡ଼ିଆ ସିନେମା ନିଜର ଅଧିକାରର ସ୍ୱର କେବେ ଦୃଢ଼ କରିବ? ●

ଭୁବନେଶ୍ୱର, ମୋ: ୯୬୯୨୦୮୩୯୦୪

## ଶକ୍ତିଲାଭ ବନାମ ପ୍ରଜ୍ଞାଲାଭ

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ଏବେ ଅନେକେ ଧାରଣା ପୋଷଣ କରୁଛନ୍ତି ଯେ ଆଧ୍ୟାତ୍ମିକ ଜୀବନ ନିର୍ବାହ କଲେ କିମ୍ବା ନିର୍ଦ୍ଦିଷ୍ଟ କେତେକ ସାଧନାକୁ ନିରବଚ୍ଛିନ୍ନ ଭାବରେ ଅଭ୍ୟାସ କଲେ ଏପରି ସ୍ୱତନ୍ତ୍ର ଶକ୍ତି ଲାଭ ହୁଏ, ଯାହା ସେମାନଙ୍କର ବହୁ ସମସ୍ୟା ସମାଧାନ କରିଦେବାରେ ଖୁବ୍ ସହାୟକ। କିନ୍ତୁ ଶକ୍ତି ଲାଭ କରିବା ଓ ଆଧ୍ୟାତ୍ମିକ ହେବା ଭିତରେ ପାର୍ଥକ୍ୟ ରହିଛି। ଅନେକ ଉଦାହରଣରୁ ପ୍ରମାଣ ମିଳେ ଯେ ଉକ୍ତ ଅସାଧାରଣ ଶକ୍ତି ହୁଏତ ସଂପୂର୍ଣ୍ଣ ଅର୍ଥହୀନ। ଦୃଷ୍ଟାନ୍ତଟିଏ ଶୁଣନ୍ତୁ।

ଦୀର୍ଘ ୧୨ ବର୍ଷ ଧରି କଠିନ ସାଧନାରେ ବ୍ରତୀ ରହି ଜନୈକ ବ୍ୟକ୍ତି ଜଳ ଉପରେ ଚାଲି ପାରିବାର ଶକ୍ତି ପ୍ରାପ୍ତ ହୋଇଗଲେ। ନିଜର ଏହି ଶକ୍ତିକୁ ପ୍ରଦର୍ଶନ କରିବା ନିମନ୍ତେ ସେ ଯାଇ ପହଞ୍ଚିଲେ ଜଣେ ନାଉରି ପାଖରେ ଏବଂ କହିଲେ, 'ଲୋକମାନଙ୍କୁ ନଦୀ ପାର କରେଇବା ନିମନ୍ତେ ତୋତେ ଡଙ୍ଗାର ସାହାଯ୍ୟ ନେବାକୁ ପଡୁଛି। ଏପିରିକି ତୁ ନିଜେ ନଈର ଏ କୂଳରୁ ସେ କୂଳକୁ ଯିବା ପାଇଁ ଦରକାର କରୁଛୁ ଡଙ୍ଗା। କିନ୍ତୁ ନଦୀ ଅତିକ୍ରମ କରିବା ନିମନ୍ତେ ମୋର ଡଙ୍ଗାଫଙ୍ଗା ଲୋଡ଼ା ନାହିଁ। ମୁଁ ଇଚ୍ଛା କଲେ ଜଳ ଉପରେ ଡଗଡଗ ଚାଲି ନଦୀର ଅନ୍ୟ ତୀରରେ ପହଞ୍ଚିଯାଇପାରିବି।' ନାଉରିଟି ସାମାନ୍ୟ ହସି ସେହି ଲୋକକୁ ପଚାରିଲା, 'ଆଜ୍ଞା, ଏହା ନିଶ୍ଚିତ ଭାବରେ ଏକ ଅସାଧାରଣ ସାମର୍ଥ୍ୟ। କିନ୍ତୁ ଏହି ଧରଣର ସାମର୍ଥ୍ୟ ହାସଲ କରିବା ନିମନ୍ତେ ଆପଣଙ୍କୁ କେତେ ବର୍ଷ ଧରି ସାଧନା କରିବା ପାଇଁ ପଡ଼ିଥିଲା? ଲୋକ ଜଣକ ଛାତି ଫୁଲେଇ ବଡ଼ ଗର୍ବରେ ଉତ୍ତର ଦେଲେ, 'ଦୀର୍ଘ ବାର ବର୍ଷ'। ନାଉରିଟି ପୁଣି ଟିକିଏ ମୁରୁକି ହସା ଦେଇ କହିଲା, 'ଆଜ୍ଞା ଏଇ ସାମାନ୍ୟ କୌଶଳ ଟିକକ ହାସଲ କରିବା ନିମନ୍ତେ ଆପଣ ନିଜ ମୂଲ୍ୟବାନ ଜୀବନରୁ ପୁରା ୧୨ଟା ବର୍ଷ ବରବାଦ କରିଦେଲେ? ଏପରି ଶକ୍ତି ଅର୍ଜନ କରିବାର କି ଦରକାର ଥିଲା। ଆପଣ ତ ଡଙ୍ଗା ଭିତରେ ଆରାମରେ ବସି ନଦୀ ପାର ହୋଇ ପାରିଥା'ନ୍ତେ?'

ଆଉ ଏକ ଉଦାହରଣ। ଥିଲେ ଜଣେ ରାଜା। ତାଙ୍କ ନାଁ ମିଡାସ। ଧନ ଠୁଳ କରିବା ହିଁ ଥିଲା ତାଙ୍କ ଜୀବନର ଏକମାତ୍ର ଧ୍ୟେୟ। ନିଜ ସାଧନା ବଳରେ ଜଣେ ଦେବତାଙ୍କୁ ଖୁବ ସେ ସନ୍ତୁଷ୍ଟ କରିଦେଲେ। ଦେବତା ଜଣକ ମିଡାସଙ୍କ ଉପରେ ସନ୍ତୁଷ୍ଟ ହୋଇ ତାଙ୍କୁ ବର ମାଗିବା ନିମନ୍ତେ କହନ୍ତେ ମିଡାସ ମାଗିଲେ - ମୁଁ ଏଇ ବର ପ୍ରାର୍ଥନା କରୁଛି ଯେ ମୁଁ ଯାହାକୁ ଛୁଇଁବି, ତାହା ସାଙ୍ଗେ ସାଙ୍ଗେ ସୁନାରେ ପରିଣତ ହୋଇଯିବ।' 'ତଥାସ୍ତୁ' କହି ଦେବତା ଅଦୃଶ୍ୟ ହୋଇଗଲେ। ଏହାପରେ ରାଜା ମିଡାସ ରୋମାଞ୍ଚିତ ଓ କୌତୁହଳୀ ହୋଇ ଚଉକିଟିଏ ଛୁଇଁ ଦେବା କ୍ଷଣି ତାହା ହୋଇଗଲା ସୁନାର ଚଉକି। ଏହାପରେ ସେ ଉଆସ ସାରା ଜିନିଷପତ୍ରକୁ ଗୋଟିକ ପରେ ଗୋଟିଏ ଛୁଇଁ ଚାଲିଲେ। କିଛି ଘଣ୍ଟାପରେ ତାଙ୍କୁ ଭୋକ ଲାଗିଲା। ତାଙ୍କ ପାଇଁ ସୁନା ଟେବୁଲ ଉପରେ ଖାଇବା ବଢ଼ାଗଲା। କିନ୍ତୁ ଛୁଇଁ ଦିଅନ୍ତେ ଖାଦ୍ୟ ପାନୀୟ ବି ସୁନା ହୋଇଗଲା। ବିକଳରେ ସେ ଚିତ୍କାର କରିବାରୁ ତାଙ୍କ ପାଖକୁ ଦୌଡ଼ି ଆସଲା ତାଙ୍କ ଝିଅ। ସେ ବ୍ୟାକୁଳ ହୋଇ ଝିଅକୁ ଜାବୁଡ଼ି ଧରିବାକ୍ଷଣି ତାଙ୍କ ସ୍ପର୍ଶ ପାଇ ଝିଅ ମଧ୍ୟ ପାଲଟିଗଲା ସୁନା। ଏତେ ବେଳେକେ ଯାଇ ମିଡାସଙ୍କର ହୋସ ପଶିଲା। ଦେଇଥିବା ବରଟିକୁ ଫେରେଇ ନେବା ନିମନ୍ତେ ସେ ଦେବତାଙ୍କୁ ବାରମ୍ବାର କାତର ପ୍ରାର୍ଥନା କରିବାରେ ଲାଗିଲେ। ଦେବତା ଜଣକ ଦୟାପରବଶ ହୋଇ ଫେରେଇ ନେଲେ ମିଡାସଙ୍କୁ ଦେଇଥିବା ବରଟିକୁ।

ଶେଷ ଗପଟି ହିରଣ୍ୟକଶ୍ୟପୁଙ୍କ ସଂପର୍କରେ। ଖୁବ୍ କଷ୍ଟକର ସାଧନା କରି ରାଜା ହିରଣ୍ୟକଶ୍ୟପୁ ପ୍ରାପ୍ତ ହୋଇଥିଲେ ଏକ ଅସାଧାରଣ ବର। ବରଟି ହେଲା ସେ କୌଣସି ମଣିଷ କିମ୍ବା ପଶୁପକ୍ଷୀଙ୍କ ଦ୍ୱାରା ମରିବେନି। ଘର ଭିତରେ ନୁହେଁ କି ବାହାରେ ନୁହେଁ; ଦିନବେଳା ନୁହେଁ କି ରାତିବେଳା ତାଙ୍କର ମୃତ୍ୟୁ ହେବ ନାହିଁ। ଏଭଳି ଅସାଧାରଣ ବର ଲାଭ କରିବା ପରେ ତା'ର ଅପବ୍ୟହାର କରି ଚଳେଇ ଚାଲିଲେ ଭୀଷଣ ଅତ୍ୟାଚାର। ଶେଷରେ ଭଗବାନ ବିଷ୍ଣୁ ନରସିଂହ (ଅଧା ମଣିଷ ଓ ଅଧା ପଶୁ) ରୂପରେ ଆବିର୍ଭାବ ହୋଇ, ଘର ଭିତର ଓ ଘର ବାହାରର ସନ୍ଧିସ୍ଥଳ ଏରୁଣ୍ଡିବନ୍ଧ ଉପରେ ସନ୍ଧ୍ୟା ସମୟରେ ତାଙ୍କୁ ବଧ କଲେ।

ଉପରୋକ୍ତ ଉଦାହରଣଗୁଡ଼ିକରୁ କ'ଣ ଅର୍ଥ କରାଯିବ ଯେ ଅତିରିକ୍ତ ଶକ୍ତିଲାଭ ସର୍ବଦା କ୍ଷତିକାରକ? ନା। ଅନ୍ତର୍ଦୃଷ୍ଟି ସମ୍ପନ୍ନ ହୋଇ ଆନ୍ତରିକ ଭାବରେ ପ୍ରାର୍ଥନା କଲେ କେତେକ କ୍ଷେତ୍ରରେ ପ୍ରାର୍ଥନାର ଉତ୍ତର ମିଳିଥାଏ। କିନ୍ତୁ ପ୍ରାର୍ଥନାକାରୀ ନିଜ ପ୍ରାର୍ଥନା ବଳରେ ଯେଉଁ ଅତିରିକ୍ତ ଶକ୍ତି ପ୍ରାପ୍ତ ହୋଇଥା'ନ୍ତି, ସେହି ଶକ୍ତିକୁ ସେ ସମସ୍ତଙ୍କ ହିତ ନିମନ୍ତେ ହିଁ ପ୍ରୟୋଗ କରିବା ବାଞ୍ଛନୀୟ। ଭଗବଦ୍ ଗୀତାର ବାଣୀ ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ହେଉଛନ୍ତି ଶକ୍ତିଧର। ମାତ୍ର ନିରନ୍ତର ସାଧନା ଫଳରେ ସେ ଲାଭ କରିପାରନ୍ତି ଅନ୍ୟମାନଙ୍କ ତୁଳନାରେ ଅଧିକ ଶକ୍ତି। ହେଲେ ସର୍ବଶକ୍ତିମାନ ଈଶ୍ୱରଙ୍କ ଶକ୍ତି ସାମର୍ଥ୍ୟ ତୁଳନାରେ ସେହି ଅତିରିକ୍ତ ଶକ୍ତି ଅତି ତୁଚ୍ଛ, ନିହାତି ନଗଣ୍ୟ। ଈଶ୍ୱର ଏତେ ଶକ୍ତିମାନ ଯେ ଆବହମାନ କାଳରୁ ସେ ଏହି ବିଶ୍ୱକୁ ପରିଚାଳନା କରିଆସୁଛନ୍ତି। ବିଶ୍ୱରେ ସଂଘଟିତ ହୋଇଚାଲିଛି ତାଙ୍କର ସୃଷ୍ଟି ଓ ସଂହାର ଲୀଳା। ଉଭୟ ପ୍ରକ୍ରିୟା ସମାନୁପାତକ ଭାବରେ ସଂଘଟିତ ହେବା ଫଳରେ ବିଶ୍ୱକ୍ରିୟା ହେଉଛି ସନ୍ତୁଳନ। ଏବେ କିନ୍ତୁ ବିଜ୍ଞାନୀମାନେ ନିଜକୁ ସର୍ବଶକ୍ତିମାନ ବୋଲି ବିଚାର କରଉଛି। ପ୍ରାକୃତିକ ବିପର୍ଯ୍ୟୟ ସମ୍ମୁଖରେ ତ ବିଜ୍ଞାନୀ ନିରୁପାୟ। ଝଡ଼, ବାତ୍ୟା, ସୁନାମି, ଭୂକମ୍ପ ଆଗ୍ନେୟ ଉଦ୍‌ଗୀରଣ ଇତ୍ୟାଦିରେ ଆମେ କୌଣସି ନା କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିପାରୁଛେ ସିନା, ଏହାକୁ ବନ୍ଦ କରିଦେବାର କ୍ଷମତା ଆମର ଅଛି କି?

ସୁତରାଂ ପାର୍ଥିବ ଶକ୍ତି ଲାଭକୁ ଆଧ୍ୟାତ୍ମିକତା କୁହାଯାଇପାରିବନି। ଆଧ୍ୟାତ୍ମିକତା ହେଉଛି ପ୍ରଜ୍ଞାପ୍ରାପ୍ତି ନିମନ୍ତେ ସ୍ୱେଚ୍ଛାକୃତ ନିରନ୍ତର ପ୍ରୟାସ। ଯଥାର୍ଥ ପ୍ରଜ୍ଞା ହୋଇପାରିଲେ, ଆମେ ପ୍ରତ୍ୟେକ ଘଟଣାକୁ ବାହ୍ୟ ଚକ୍ଷୁରେ ନ ଦେଖି ଅନ୍ତଃଚକ୍ଷୁରେ ଦେଖିବାରେ ସମର୍ଥ ହଉ। ଅନ୍ତର୍ଜ୍ଞାନ ଲାଭ ହେଲେ ଆମଠାରେ ଆଧ୍ୟାତ୍ମିକତାର ଉନ୍ମେଷ ଓ ଉତ୍ତରଣ ଘଟେ। ଏହାର ପ୍ରଭାବରେ ନିଜ ଆବେଗ ଉପରେ ନିୟନ୍ତ୍ରଣ ଆସିଯାଏ। ଆମର କାର୍ଯ୍ୟଧାରା ହୋଇଯାଏ ସୁଶୃଙ୍ଖଳ ଓ ହିତକାରୀ। କଷ୍ଟକର ସମସ୍ୟାରେ ଆମ ଠାରେ ମାନସିକ ସ୍ଥିରତା ତଥା ପ୍ରଶାନ୍ତରେ କୌଣସି ଆଞ୍ଚ ଆସିପାରେନି। ଜୀବନର ଗୂଢ଼ ଅର୍ଥକୁ ବୁଝିବା ଆମ ପକ୍ଷେ ଆଉ ସମସ୍ୟା ହୋଇ ରହେନାହିଁ। ସେଥିପାଇଁ ପଦାର୍ଥ ବିଜ୍ଞାନୀ ତଥା ନୋବେଲ ପୁରସ୍କାର ବିଜେତା ଏରଉଇନ ସ୍ରୋଡିଞ୍ଜର ଯଥାର୍ଥରେ କହିଛନ୍ତି - ଆଧ୍ୟାତ୍ମିକତାକୁ ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା ଭିତରକୁ ଆଣିବା ବାଞ୍ଛନୀୟ ନୁହେଁ। ପ୍ରତ୍ୟେକ ଜ୍ଞାନ ହିଁ ଆଧ୍ୟାତ୍ମିକତା ସହ ସଂପୃକ୍ତ ଏବଂ ନିର୍ଦ୍ଦିଷ୍ଟ ଭାବରେ କହିଲେ ସମସ୍ତ ଜ୍ଞାନ ଆଧ୍ୟାତ୍ମିକତାରେ ହିଁ ଅନ୍ତର୍ନିହିତ। ●

କଟକ, ମୋ: ୯୪୩୭୭୬୬୧୧୭

## କଳିଙ୍ଗରେ ହୀନଯାନ ବୌଦ୍ଧ ଧର୍ମ

ପ୍ରବୀର କୁମାର ପଟ୍ଟନାୟକ

### ଓଡ଼ିଶାର ବୌଦ୍ଧ ପରମ୍ପରା

*ପୂର୍ବପ୍ରକାଶିତ ଉତ୍ତାରୁ...*

କାଳକ୍ରମେ ଏହି ଦୁଇ ରାଜ୍ୟର ଶାସକ ବଂଶଗୁଡ଼ିକ ପରସ୍ପର ମଧ୍ୟରେ ଘନିଷ୍ଠ ବନ୍ଧୁତ୍ୱ ସ୍ଥାପନ କରିଥିଲେ। 'ଦାଠାବଂଶ' ଗ୍ରନ୍ଥରେ କଳିଙ୍ଗର ରାଜା ଗୁହଶିବ ଓ ସିଂହଳର ରାଜା ମହାଦିସେନ (ଖ୍ରୀ ୨୭୭-୩୦୪) ଙ୍କ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ବିଷୟରେ ସ୍ପଷ୍ଟ ବର୍ଣ୍ଣନା ମିଳେ। ଏହି ଗ୍ରନ୍ଥରେ ଆହୁରି ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି ସିଂହଳର ରାଜା ଶ୍ରୀମେଘବର୍ଣ୍ଣ (ଖ୍ରୀ ୩୦୪-୩୫୨) ଙ୍କ ରାଜତ୍ୱର ନବମ ବର୍ଷରେ କଳିଙ୍ଗର ଦନ୍ତପୁରରୁ ବୁଦ୍ଧଙ୍କ ପବିତ୍ର ଦନ୍ତଧାତୁ ସିଂହଳକୁ ନିଆଯାଇଥିଲା। କଳିଙ୍ଗର ରାଜକୁମାରୀ ହେମମାଳା ତାଙ୍କ ସ୍ୱାମୀ ଦନ୍ତକୁମାରଙ୍କ ସହିତ ଏହି ମୂଲ୍ୟବାନ ପବିତ୍ର ଦେହାବଶେଷକୁ ସିଂହଳ ନେଇ ଯାଇଥିଲେ। ରାଜା ଶ୍ରୀମେଘବର୍ଣ୍ଣ ଏହି ପବିତ୍ର ଧାତୁକୁ ଅତ୍ୟନ୍ତ ଶ୍ରଦ୍ଧା ଓ ସମ୍ମାନର ସହିତ ସେଠାରେ ଗ୍ରହଣ କରିଥିଲେ।

ଦୀପବଂଶ ଓ ମହାବଂଶ ଆଦି: ଖ୍ରୀଷ୍ଟିୟ ଚତୁର୍ଥ ଓ ପଞ୍ଚମ ଶତାବ୍ଦୀ ସିଂହଳର ଇତିହାସରେ ବୌଦ୍ଧଧର୍ମର ଏକ ଗୌରବମୟ ଯୁଗ ଥିଲା। ଏହି ସମୟରେ କେବଳ ବୃହତ୍ ସ୍ତୂପ, ବିହାର ଓ ଚୈତ୍ୟ ନିର୍ମାଣ ହୋଇନଥିଲା, ବରଂ ବୌଦ୍ଧ ଧର୍ମ ଓ ଦର୍ଶନ ସଂପର୍କରେ ଅନେକ ମୂଲ୍ୟବାନ ଗ୍ରନ୍ଥ ଓ ଗୁରୁତ୍ୱପୂର୍ଣ୍ଣ ଇତିବୃତ୍ତମାନ ରଚିତ ହୋଇଥିଲା। ଦୀପବଂଶ ଓ ମହାବଂଶ ଯଥାକ୍ରମେ ଖ୍ରୀ ୩୫୦ ଓ ଖ୍ରୀ ୪୭୫ ରେ ରଚିତ ହୋଇଥିଲା। ଏହି ଦୁଇଟି ଗ୍ରନ୍ଥ ଭାରତ ଓ ସିଂହଳ ଉଭୟର ଇତିହାସ ଜାଣିବାର ଏକ ମହତ୍ତ୍ୱପୂର୍ଣ୍ଣ ଉତ୍ସ।

ସିଂହଳରେ ବୌଦ୍ଧ ଧର୍ମର ଏହି ବୃଦ୍ଧିଶୀଳ ପ୍ରଭାବ ଓଡ଼ିଶା ଉପରେ ଯଥେଷ୍ଟ ପ୍ରଭାବ ପକାଇଥିବ। କାରଣ, ସେହି ସମୟରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟିକ ଓ ସାଂସ୍କୃତିକ ଆଦାନ ପ୍ରଦାନ ସକ୍ରିୟ ଭାବେ ଚାଲିଥିବାର ପ୍ରମାଣ ମିଳେ। ଖ୍ରୀଷ୍ଟିୟ ତୃତୀୟ ଶତାବ୍ଦୀରେ କୃଷ୍ଣା-ଗୋଦାବରୀ ସଂଗମ ସ୍ଥଳ ଅଞ୍ଚଳରେ ନିର୍ମିତ 'ସିଂହଳ ବିହାର' ଏବଂ ରାଜା ଶ୍ରୀମେଘବର୍ଣ୍ଣଙ୍କ ଦ୍ୱାରା ବୋଧଗୟାଠାରେ ନିର୍ମିତ ପ୍ରସିଦ୍ଧ 'ମହାବୋଧି ସଂଘାରାମ' ସିଂହଳୀ ସଂସ୍କୃତିର କେନ୍ଦ୍ରସ୍ଥଳ ହୋଇଥିଲା। ସିଂହଳରୁ ବହୁସଂଖ୍ୟକ ଧର୍ମପରାୟଣ ତୀର୍ଥଯାତ୍ରୀ ଏହି ପବିତ୍ର ସ୍ଥାନଗୁଡ଼ିକ ଦର୍ଶନ କରିବା ପାଇଁ ଭାରତ ଆସୁଥିଲେ। ଏହି ଦୁଇ ସିଂହଳୀ ବୌଦ୍ଧ କେନ୍ଦ୍ର ମଧ୍ୟରେ ଅବସ୍ଥିତ 'କଳିଙ୍ଗ' ଏହି ତୀର୍ଥ ଯାତ୍ରୀମାନଙ୍କ ପାଇଁ ଏକମାତ୍ର ପ୍ରମୁଖ ଯାତାୟାତ ପଥ ଯୋଗାଇ ଦେଉଥିଲା। ବଣିକ ଓ ତୀର୍ଥଯାତ୍ରୀ ଉଭୟଙ୍କ ଦ୍ୱାରା ବ୍ୟବହୃତ ସବୁଠାରୁ ଲୋକପ୍ରିୟ ସମୁଦ୍ରପଥ ଥିଲା ତାମ୍ରପର୍ଣ୍ଣୀରୁ କଳିଙ୍ଗ ଅନ୍ତର୍ଗତ ତାମ୍ରଲିପ୍ତି ବନ୍ଦର ପର୍ଯ୍ୟନ୍ତ ଏବଂ ସେଠାରୁ ପାଟଳୀପୁତ୍ର ପର୍ଯ୍ୟନ୍ତ, ଯାହା ଜଳପଥ ସହିତ ସଂଯୁକ୍ତ ଥିଲା। ଏହା ବ୍ୟତୀତ ଉଡ୍ର (ଉତ୍କଳ) ଦେଶର ଚେଲିତୋଲା ବନ୍ଦର ମଧ୍ୟ ସିଂହଳ ସହିତ ସକ୍ରିୟ ସାମୁଦ୍ରିକ ବାଣିଜ୍ୟିକ ଓ ସାଂସ୍କୃତିକ ସଂପର୍କ ରଖିଥିଲା। ଏହିପରି, ସିଂହଳ-କଳିଙ୍ଗର ସମୁଦ୍ରପଥ, ବାଣିଜ୍ୟ ଓ ତୀର୍ଥଯାତ୍ରୀ ଉଭୟ ଦେଶ ମଧ୍ୟରେ ବୌଦ୍ଧ ଓ ସାଂସ୍କୃତିକ ସଂପର୍କକୁ ଆହୁରି ଦୃଢ଼ କରିଥିଲା।

କଳିଙ୍ଗ ଓ ଉଟା (ଉଡ୍ରା/ଓଡ୍ର) ଦେଶର ଲୋକମାନେ ପବିତ୍ର ଦନ୍ତଧାତୁକୁ ସମ୍ମାନ ଜଣାଇବା ଏବଂ ସେହି ଦ୍ୱୀପର ସ୍ତୂପ, ବିହାର ଆଦି ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ପରିଦର୍ଶନ କରିବା ପାଇଁ ସିଂହଳକୁ ଯାଉଥିଲେ। 'ଚୂଳବଂଶ'ରେ ଉଲ୍ଲେଖ ରହିଛି ଯେ, ଅଗ୍ଗବୋଧି (ଅଗ୍ରବୋଧି) ଦ୍ୱିତୀୟ (ଖ୍ରୀ୬୦୧-୬୧୧) ଙ୍କ ଶାସନ କାଳରେ କଳିଙ୍ଗର ଜଣେ ରାଜା ତାଙ୍କ ପତ୍ନୀ ଓ ମନ୍ତ୍ରୀଙ୍କ ସହିତ ସିଂହଳକୁ ଆସିଥିଲେ। ସେଠାରେ ସେ ଜ୍ୟୋତିପାଳଙ୍କ ନିର୍ଦ୍ଦେଶନାରେ ସନ୍ନ୍ୟାସ (ବୌଦ୍ଧ ଧର୍ମ) ଗ୍ରହଣ କରିଥିଲେ। ସେହି ଉତ୍ସରୁ ଏହା ମଧ୍ୟ ଜଣାଯାଏ ଯେ, କଳିଙ୍ଗର ରାଜାଙ୍କ କନ୍ୟା ତ୍ରିଲୋକସୁନ୍ଦରୀଙ୍କୁ ସିଂହଳର ରାଜା ବିଜୟବାହୁ ପ୍ରଥମ ବିବାହ କରିଥିଲେ। ଏହି କଳିଙ୍ଗ ରାଜାଙ୍କ ନାମ ଥିଲା ସାମଲବର୍ମନ। ସେହି ଚୂଳବଂଶର ତଥ୍ୟରୁ ଏହା ମଧ୍ୟ ଜଣାଯାଏ ଯେ, ପରବର୍ତ୍ତୀ କାଳରେ କଳିଙ୍ଗ ରାଜପରିବାରର ବଂଶଧରମାନେ ସିଂହଳ ରାଜ ସିଂହାସନ ଅଧିକାର କରିଥିଲେ। ଶିଳାଲେଖୀୟ ପ୍ରମାଣରୁ ଏହା ଜଣାଯାଇଛି ଯେ କଳିଙ୍ଗର ରାଜା ଗୋପରାଜଙ୍କ ପୁତ୍ର ନିଶଙ୍କ ମଲ୍ଲ ଓ ସାହସମଲ୍ଲ ଖ୍ରୀ୧୨୦୦ ପୂର୍ବରୁ କୌଣସି ସମୟରେ ସିଂହଳ ରାଜସିଂହାସନ ଆରୋହଣ କରିଥିଲେ। (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଗର୍ଭରେ ଶିଶୁ, ବେକରେ ଫାଶୀ

# ଥାନା ସମ୍ମୁଖ ଭଡ଼ାଘରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ବାଲେଶ୍ୱର,୨୫।୯ (ସମିସ):** ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ସମ୍ମୁଖରେ ଥିବା ଏକ ଭଡ଼ାଘରୁ ଜଣେ ୯ ମାସର ଗର୍ଭବତୀ ମହିଳାଙ୍କ ରହସ୍ୟଜନକ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଖନ୍ତାପଡ଼ା ଥାନା ପାଟଣା ଗ୍ରାମର ଦାମ ସିଂଙ୍କ ୪ ନମ୍ବର ଝିଅ ରୀନା ସିଂ। ସ୍ୱାମୀ ଓ ତାଙ୍କ ସାଙ୍ଗମାନେ ମିଶି ରୀନାଙ୍କୁ ହତ୍ୟା କରିଥିବା ନେଇ ବାପା ଦାମ ସିଂ ଥାନାରେ ଲିଖିତ ଅଭିଯୋଗ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ୩ ବର୍ଷ ତଳେ ତିନିପଡ଼ା ଯୁଗଳ କିଶ୍ୱରପୁର ଗ୍ରାମର ପପୁନ ମିର୍ଦ୍ଧାଙ୍କ ସହ ରୀନାଙ୍କର ବିବାହ ହୋଇଥିଲା। ବିବାହ ପରେ ଉଭୟ ଖନ୍ତାପଡ଼ା ଥାନା ସମ୍ମୁଖ ରାସ୍ତା ପାଶ୍ୱର୍ରେ ଥିବା ଏକ ଭଡ଼ାଘରେ ରହିଆସୁଥିଲେ। ରୀନା ସ୍ଥାନୀୟ ଏକ ଚିଙ୍ଗୁଡ଼ି ପ୍ରସେସିଂ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ସଂସାର ହସଖୁସିରେ ଚାଲିଥିଲା। ତେବେ ଗତ ୧୫ ଦିନ ତଳେ କୌଣସି କାରଣକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଖବର ପାଇ ରୀନାଙ୍କ ବାପା ଦାମ ସିଂ ଆସି ଉଭୟଙ୍କୁ ବୁଝାସୁଝା କରି ଫେରିଥିଲେ। ତେବେ ଆଜି ସକାଳ ପ୍ରାୟ ୯ଟା ସମୟରେ ରୀନା ଫାଶୀ ଦେଇ ଆତ୍ମହତ୍ୟା କରିଥିବା ନେଇ ଦାମଙ୍କ ନିକଟକୁ ଏକ ଅଜଣା ନମ୍ବରରୁ ଫୋନ୍ ଆସିଥିଲା। ଖବର ପାଇ ସେ ତୁରନ୍ତ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଝିଅର ମୃତଦେହ ଦେଖିବାକୁ ପାଇଥିଲେ। ରୀନା ୯ ମାସର ଗର୍ଭବତୀ ଥିବାରୁ ଏହା ଆତ୍ମହତ୍ୟା ନୁହେଁ, ବରଂ ଜ୍ୱାଇଁ ପପୁନ ଓ ତାଙ୍କ ସାଙ୍ଗମାନେ ମିଶି ତାଙ୍କୁ ହତ୍ୟା କରିଛନ୍ତି ବୋଲି ବାପା ଅଭିଯୋଗ କରିଛନ୍ତି। ଏ ନେଇ ସେ ଖନ୍ତାପଡ଼ା ଥାନାରେ ଏକ ଏତଲା ଦେଇଛନ୍ତି। ପୁଲିସ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି। ଅନ୍ୟପଟେ, ରୀନା ରହୁଥିବା ସେହି ଭଡ଼ାଘର ବିଲ୍ଡିଂରେ ଖନ୍ତାପଡ଼ା ଥାନାର ଜଣେ ଏଏସ୍ଆଇ ମଧ୍ୟ ଭଡ଼ାରେ ରହୁଛନ୍ତି। ଫଳରେ ପୁଲିସ ଚାପରେ ପଡ଼ି ତଦନ୍ତ ବାଟବଣା କରିପାରେ ବୋଲି ରୀନାଙ୍କ ବାପା ସନ୍ଦେହ ପ୍ରକାଶ କରିଛନ୍ତି। ଏହି ମାମଲାରେ ସତ୍ୟାସତ୍ୟ ପଦାକୁ ଆଣିବା ପାଇଁ ଏକ ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

**ସ୍ୱାମୀ ଓ ସାଙ୍ଗଙ୍କ ନାମରେ ହତ୍ୟା ଅଭିଯୋଗ**

# ଅତିରିକ୍ତ ସଚିବ ଅରୁଣ ବିଶ୍ୱାଳ, ଜେଲ୍ ଅଧୀକ୍ଷକ ସୁଜିତ ରାଉଳ ନିଲମ୍ବିତ

**ଭୁବନେଶ୍ୱର,୨୫।୯ (ସମିସ):** ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଅରୁଣ କୁମାର ବିଶ୍ୱାଳ ଓ କଟକ ସର୍କଲ ଜେଲ୍‌ର ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କୁ ନିଲମ୍ବନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଦୁଇଟି ଭିନ୍ନ ଘଟଣାରେ ଏବି ଦୁଇ ବରିଷ୍ଠ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି। ଅତିରିକ୍ତ ସଚିବ ଅରୁଣ କୁମାର ବିଶ୍ୱାଳ ଗିରଫ୍ ହୋଇ ଜେଲ୍‌ରେ ଥିଲେ। ସେହିପରି କଟକ ସର୍କଲ ଜେଲ୍‌ର ସିନିଅର ସୁପରିନ୍‌ଟେଣ୍ଡେଣ୍ଟ ସୁଜିତ କୁମାର ରାଉଳ ମଧ୍ୟ ଗିରଫ୍ ହୋଇ ଜେଲ୍‌ରେ ଅଛନ୍ତି। ସରକାରଙ୍କ ନିୟମ ଦୃଷ୍ଟିରୁ ଏହି ଉଭୟ ଅଧିକାରୀ ୪୮ ଘଣ୍ଟାରୁ ଅଧିକ ସମୟ ଧରି ଜେଲ୍‌ରେ ରହିଥିବାରୁ ଉଭୟଙ୍କୁ ନିଲମ୍ବିତ କରାଯାଇଛି।

# ହତ୍ୟା ମାମଲାରେ ୧୦ ଜଣଙ୍କୁ ଆଜୀବନ କାରାଦଣ୍ଡ

**ଅନୁଗୋଳ,୨୫।୯ (ସମିସ):** ୨୦୨୧ ସେପ୍ଟେମ୍ବର ୧୮ ତାରିଖ ଅନୁଗୋଳ ସଦର ଥାନା ଅନ୍ତର୍ଗତ ରନ୍ତଲେଇ ଗ୍ରାମ ବାସିନ୍ଦା ତଥା ଡେରଜଙ୍ଗ ଡ୍ୟାମର ଜଗୁଆଳି ଜଗନ୍ନାଥ ସେନାପତି ଓରଫ୍ ଜଗନଙ୍କୁ ନିର୍ମମ ହତ୍ୟା ମାମଲାରେ ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଶୁକ୍ରବାର ରାୟ ଶୁଣାଇଛନ୍ତି। ଏହି ମାମଲାରେ କୋର୍ଟ ୧୦ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ପ୍ରଦାନ କରିଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନେ ହେଲେ ରନ୍ତଲେଇ ଗ୍ରାମର ଜିତୁ ଓରଫ ଜିତେନ୍ଦ୍ର ସାହୁ, ସଂଗ୍ରାମ ଓରଫ ମଣ୍ଟୁ ସାହୁ, ଜିତେନ୍ଦ୍ର ବିଶ୍ୱାଳ, ବିଭୂତି ସାହୁ, ତରଣୀ ସାହୁ, ଛବି ସାହୁ, ଗୋବିନ୍ଦ ସାହୁ, ମାମାଲି ସାହୁ, ସୁବାସିନୀ ସାହୁ ଏବଂ ବାସନ୍ତୀ ସାହୁ।

ମାମଲାର ବିବରଣୀ ଅନୁଯାୟୀ, ଜଗନ୍ନାଥଙ୍କ ସହ ଦୋଷୀ ସାବ୍ୟସ୍ତ ଜଣେ ବ୍ୟକ୍ତିଙ୍କର ପୂର୍ବରୁ ଶତ୍ରୁତା ରହିଥିଲା। ଏହି ବିବାଦକୁ କେନ୍ଦ୍ରକରି ୨୦୨୧ ସେପ୍ଟେମ୍ବର ୧୮ ତାରିଖ ରାତି ପ୍ରାୟ ସାଢ଼େ ୮ ଟାରେ ଦୋଷୀମାନେ ଏକ ଭୋଜି ଆୟୋଜନ ବିଷୟରେ ଆଲୋଚନା କରିବା ବାହାନାରେ ଜଗନ୍ନାଥଙ୍କୁ ବାଇକରେ ବସାଇ ରନ୍ତଲେଇ ଗାଁ ପାଖର୍ ଡେରଜଙ୍ଗ ଡ୍ୟାମର ପୂର୍ବ ପାଶ୍ୱର୍ ବନ୍ଧ ରାସ୍ତାକୁ ନେଇଯାଇଥିଲେ। ସେଠାରେ ପୂର୍ବ ପ୍ରସ୍ତୁତି ମୁତାବକ ଅପରାଧୀମାନେ ଲାଠି, ଖଣ୍ଡା ଓ ଭୁଜାଲିରେ ଜଗନ୍ନାଥଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ଜଗନ୍ନାଥଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଥାନା ଏସ୍ଆଇ ଶ୍ରୀନିବାସ ସେଠୀ ସମସ୍ତ ବୈଜ୍ଞାନିକ ଓ ପ୍ରତ୍ୟକ୍ଷ ପ୍ରମାଣ ସଂଗ୍ରହ କରି କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। କୋର୍ଟ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ସମସ୍ତ ୧୦ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଅରୁଣ କୁମାର ସାମଲ ମାମଲା ପରିଚାଳନା କରିଥିବା ବେଳେ ଅନୁଗୋଳର ପ୍ରସିକ୍ୟୁସନ ଅଧୀକ୍ଷକ ତଥା ଡେପୁଟି ଡିରେକ୍ଟର ଗଣେଶ କୁମାର ବେହେରା ତଦାରଖ କରୁଥିଲେ।

# ପଣ୍ଡିତ ଦୀନଦୟାଲଙ୍କ ଏକାତ୍ମ ମାନବବାଦ ଓ ଅନ୍ତ୍ୟୋଦୟ ହିଁ ସମୃଦ୍ଧ ଓଡ଼ିଶା ଗଠନର ମୂଳଦୁଆ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୫।୯ (ସମିସ):** ରାଷ୍ଟ୍ରବାଦୀ ଜନନାୟକ, ଆଧୁନିକ ଭାରତର ଅନନ୍ୟ ଦାର୍ଶନିକ ତଥା ସାଂସ୍କୃତିକ ରାଷ୍ଟ୍ରବାଦର ଅଗ୍ରଣୀ ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଆଦର୍ଶ, 'ଏକାତ୍ମ ମାନବବାଦ' ଓ 'ଅନ୍ତ୍ୟୋଦୟ' ବିଚାରଧାରା ହିଁ ଶାସନ ବ୍ୟବସ୍ଥାର ମୂଳ ଆଧାର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଷ୍ଟ୍ରବାଦୀ ଜନନାୟକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୧ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜୟଦେବ ଭବନଠାରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ପଣ୍ଡିତ ଦୀନଦୟାଲଜୀ ଭାରତୀୟ ରାଜନୈତିକ ଦର୍ଶନରେ 'ଭାରତୀୟତା'ର ଏକ ନୂତନ ଦିଗନ୍ତ ସୃଷ୍ଟି କରିଥିଲେ। ସେ ପାଶ୍ଚାତ୍ୟ କ୍ୟାପିଟାଲିଜିମ୍, ସୋସିଆଲିଜିମ୍ କିମ୍ବା କମ୍ୟୁନିଜିମ୍ ପରି ଧାରଣାକୁ ପ୍ରତ୍ୟାଖ୍ୟାନ କରି ଭାରତ ପାଇଁ ଏକ ସ୍ୱଦେଶୀଇଜିମ୍‌ର ସୂତ୍ର ଦେଇଥିଲେ। ଏହି ସୂତ୍ର ହେଉଛି ଏକାତ୍ମ ମାନବବାଦ। କେବଳ ଭୌତିକ ସୁଖ ସ୍ୱଚ୍ଛନ୍ଦ ନୁହେଁ, ବରଂ ମଣିଷର ଶରୀର, ମନ, ବୁଦ୍ଧି ଓ ଆତ୍ମାର ସନ୍ତୁଳିତ ବିକାଶ ଏବଂ ନୈତିକ କର୍ତ୍ତବ୍ୟ ପାଳନ ହିଁ ମାନବ ସମାଜର ମୁଖ୍ୟ ମାର୍ଗ ବୋଲି ସେ ଦର୍ଶାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ହିତାଧିକାରୀଙ୍କ ପାଇଁ 'ଅନ୍ତ୍ୟୋଦୟ ଗୃହ ଯୋଜନା' କାର୍ଯ୍ୟକାରୀ ହେଉଥିବା ସହ କଳିଙ୍ଗନଗର, ଝାରସୁଗୁଡ଼ା, ରାଉରକେଲା, ଭୁବନେଶ୍ୱର, ଜଗତପୁର, କେନ୍ଦୁଝର ଓ ଦାମନଯୋଡ଼ି ଭଳି ଶିଳ୍ପାଞ୍ଚଳରେ ଶ୍ରମିକମାନଙ୍କ ପାଇଁ 'ଶିଳ୍ପାଞ୍ଚଳରେ ଦୀନଦୟାଲ କର୍ମଚାରୀ ନିବାସ' ଯୋଜନାରେ ଆପାର୍ଟମେଣ୍ଟ ଓ ହଷ୍ଟେଲ ନିର୍ମାଣ କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସମାରୋହରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ସ୍ତମ୍ଭକାର , ଲେଖକ ତଥା ଗବେଷକ ଡ. ଶିବ ଶକ୍ତି ନାଥ ପ୍ରମୁଖ ବକ୍ତା ସଭାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଏକାତ୍ମ ମାନବବାଦ ଓ ଅନ୍ତ୍ୟୋଦୟ ବିଚାରଧାରାକୁ ଆଧୁନିକ ରାଷ୍ଟ୍ରନିର୍ମାଣ ତଥା ସାମାଜିକ କଲ୍ୟାଣର ଶ୍ରେଷ୍ଠ ମାର୍ଗ ଭାବେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

**ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୧ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ**


## AFFIDAVIT

By virtue of an affidavit (CF No. 02, dtd- 25/09/2026) sworn before The Executive Magistrate, Padampur. I, **Parsuram Sahu** (new name), S/o Ashok Sahu, permanent resident of Vill- Brahmanmal, PS- Gaisilat, PO- Katabahal, Dist- Bargarh, Odisha declare that I have changed my name from **Chitu Sahu** (old name) to **Parsuram Sahu** (new name). Henceforth, I shall be known as **Parsuram Sahu** (new name) for all purposes.

**Parsuram Sahu**

## AFFIDAVIT

By virtue of an affidavit sworn before The Executive Magistrate, Sukruli, Mayurbhanj, dated 29.07.2026 I, Kaminikanta Behera, Address Village-Badateranti, PO-Badaterenti, PS-Raruan, Dist-Mayurbhanj, Pin-757039, declare that I have changed my name from Kamini Behera to Kaminikanta Behera. Henceforth, I shall be known as **Kaminikanta Behera** for all purposes.

**Kaminikanta Behera**

## AFFIDAVIT

I, Bora narasimulu, aged about 44 years S/O- Bora Purusottam Reddy, AT- Pannapalli ,Po-Mendrajpur,Golanthara, Dist - Ganjam,761008, ODISHA, declared by this Affidavit No. No.1020/2026, Dated. 23.09.2026, That now onwards I shall Be Known as BORA **NARISHIMA REDDY,** for all future Purposes

## AFFIDAVIT

By virtue of an affidavit sworn before Executive Magistrate Bhograi, no-5833, dated 25/09/2026, I, SAIBA BIBI, wife of BABAR SAHA, aged about 22 years, resident of At-Chandipur, P.O.-Kakhra, P.S.-Bhograi, Dist.-Balasore, Odisha, PIN-756039, do hereby declare that my name prior to marriage was SAIBA KHATUN, daughter of OHAB KHAN. After my marriage, my name has been changed / recorded as SAIBA BIBI, wife of BABAR SAHA. I hereby declare that SAIBA KHATUN and SAIBA BIBI are one and the same person and shall be known as **SAIBA BIBI** for all purposes.

## AFFIDAVIT

By virtue of an affidavit sworn before The Executive Magistrate, Sukruli, Mayurbhanj, dated 08.09.2026 I, Sundar Mohan Prusty, Address Village-Pandarsil, PO-Pandarsil, PS-Raruan, Dist-Mayurbhanj, Pin-757039 declare that I have changed my name from Sundar to Sundar Mohan Prusty. Henceforth, I shall be known as **Sundar Mohan Prusty** for all purposes.

**Sundar Mohan Prusty**

## AFFIDAVIT

By virtue of an affidavit sworn before The Executive Magistrate, Sukruli, Mayurbhanj, dated 29.07.2026 I, Yubajyoti Naik, Address Village-Jamunti, PO-Jamunti, PS-Raruan, Dist-Mayurbhanj, Pin-757039 declare that I have changed my name from Juba Jyoti Naik to Yubajyoti Naik. Henceforth, I shall be known as **Yubajyoti Naik** for all purposes.

**Yubajyoti Naik**

## AFFIDAVIT

By virtue of an affidavit sworn before Notary Public, Sorada, Ganjam I, Smt. Rosalini Maharana, W/o- Sri Rama Chandra Maharana, resident of Vill.- Sorada (Sarua Sahi), Po./Ps.- Sorada, Dist.- Ganjam state vide sl. no. 75 dtd.09.09.2026 that, the actual and correct name of my minor daughter is **AMRITA MAHARANA**. But in her Aadhaar card no. 675200953004 her name has been wrongly mentioned as AARADHYA MAHARANA. That, **AMRITA MAHARANA** and **AARADHYA MAHARANA** is one and same person.

Sd/- Smt. Rosalini Maharana

## AFFIDAVIT

I **Paramananda Pradhan** s/o giridhari Pradhan at.belardana po sialati.ps komna dist nuapada pin 766105 declare by this affidavit no 36901dated 25/09/2026 that now onwards I shall be known as Kalia Pradhan for all future purposes

## AFFIDAVIT

I, Sashi Sekhar Nanda At-Laxmanpur, Po- Kamagarh, Ps/Dist- Jajpur, Odisha, Pin-755043 declare that, Affidavit No-11139 Dated 14.08.2026 that my name is wrongly recorded as "Shashi Sekhar Nanda" and my wife's name as "Geetanjali Nanda" in my son Santosh Nanda's admission register. The Correct names are "Sashi Sekhar Nanda" and "Gitanjali Nanda" respectively.

**Sashi Sekhar Nanda**

## AFFIDAVIT

By virtue of an affidavit sworn before The Executive Magistrate, Salipur dated- 17.09.2026. I, **Malka Tarannum,** D/o- SK Kalimuddin, permanent resident of At-Nandol, Po.-Bhatapada, PS-Salipur, Dist-Cuttack, Odisha, PIN-754200 declare that I have changed my name from **Mallika Taranum to Malka Tarannum.** Henceforth, I shall be known as **Malka Tarannum** for all purposes.

**Malka Tarannum**

## AFFIDAVIT

By virtue of an affidavit sworn before The Notary Public, Titilagarh, on dated- 24.01.2026. I, **Dibakara Chhatar** (new name), S/o Harishankar Chhatar, permanent & current resident of AT: Ghantabahali, PO: Ghantabahali, PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Laxmikant Chhatar** (old name) to **Dibakara Chhatar** (new name). Henceforth, I shall be known as **Dibakara Chhatar** (new name) for all future purposes.

**Dibakara Chhatar**

## ଦଲିଲ ହଜିଛି

ମୁଁ, *ତୋଫାନ ପ୍ରଧାନ, ପିତା - ଅପ୍ରତି ପ୍ରଧାନ*, ଗ୍ରାମ - ଟାଙ୍ଗୀ, ଭୋଦରା, ପୋଷ୍ଟ - ବଡ଼ପାରୀ, ଜିଲ୍ଲା - ଖୋର୍ଦ୍ଧା, ଓଡିଶା, ପିନ୍ - ୭୫୨୦୨୩ ନିବାସୀ, ଏତଦ୍ୱାରା ଘୋଷଣା କରୁଛି ଯେ, ମୋର *ପ୍ଲଟ ନଂ ୯୯/୪୭୧, ଖାତା ନଂ ୧୧୫/୭୦, ରକବା ଏସି ୦.୦୩୭ ଡେସିମିଲ* ଜମି ସମ୍ବନ୍ଧୀୟ ମୂଳ *ବିକ୍ରୟ ଦଲିଲ ନଂ ୧୧୧୫୧୬୦୦୯୭୦ ଏବଂ ଆର.ଓ.ଆର ଖାତା ନଂ ୧୧୫/୭୦* ତା *୨୨/୦୯/୨୦୨୬ ରିଖ* ଦିନ ଟାଙ୍ଗୀ ସବ୍-ରେଜିଷ୍ଟ୍ରାର ଅଫିସକୁ ଯିବା ସମୟରେ ହଜିଯାଇଛି।

ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲ ପାଇଥାନ୍ତି, ତେବେ ଦୟାକରି ମୋତେ ଯୋଗାଯୋଗ କରି ଫେରାଇ ଦେବାକୁ ଅନୁରୋଧ। ଯଦି କେହି ଉକ୍ତ ଦଲିଲର ଅପବ୍ୟବହାର କରନ୍ତି, ସେଥିପାଇଁ ମୁଁ ଦାୟୀ ରହିବି ନାହିଁ।

*ଯୋଗାଯୋଗ: ତୋଫାନ ପ୍ରଧାନ*

*ମୋବାଇଲ - ୮୫୮୦୯୪୩୧୩୦*

## ପଟ୍ଟା ହଜିଯାଇଥିବା ସୂଚନା

ମୁଁ ସାନ୍ତନୁ କୁମାର ପ୍ରଧାନ, ପିତା-ଅନିରୁଦ୍ଧ ପଧାନ, ଗ୍ରାମ-କରୁଆଁଝର, ପୋଷ୍ଟ-ବଡ଼ବନ୍ଧ , ଥାନା-ଦେଓଗାଁ, ଜିଲ୍ଲା-ବଲାଙ୍ଗିର, ଏହାଦ୍ୱାରା ଜଣାଉଛି ଯେ, ପଟ୍ଟା ନମ୍ବର-୧୯୧/୧୧୧, ପ୍ଲଟ ନଂ. ୬୦୨/୧୫୦୫, ଏରିଆ-୦.୦୨ ଡିସମିଲ୍, କିସମ-ଘରବାରି ହଜିଯାଇଚି ଯାହା ଅର୍ନ ସାହୁ, W/o-ମୁରଲୀ ସାହୁ, ମୌଜା-କରୁଆଁଝର, ତହସିଲ-ଦେଓଗାଁଙ୍କ ନାମରେ ଅଛି ବହୁ ଖୋଜାଖୋଜି ସତ୍ତ୍ୱେ ଏହା ମିଳିନାହିଁ ଯଦି କୌଣସି ବ୍ୟକ୍ତି ଉକ୍ତ ଦସ୍ତାବିଜ ସମ୍ବନ୍ଧରେ ସୂଚନା ପାଆନ୍ତି ତେବେ ସୂଚନା ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ନମ୍ବରରେ ଯୋଗାଯୋଗ କରନ୍ତୁ

ଆଶିଷ କୁମାର ଦାଶ

ମୋବାଇଲ ନଂ. 9090421104


## Government of Odisha "e" Procurement Notice

**Bid Identification No. : Online-AGL-24 of 2026-2027**

25001/1202/2627

1. Name of the Work : Road Works
2. Estimated Cost. : Rs. 7.49 Lakhs
3. Period of Completion : 3(Three) Calendar Months
4. Date & time of availability of : From 28.09.2026. to 05.10.2026 upto 5.00 P.M
5. Last Date/time for receipt of bids In the portal : 05.10.2026 upto 05.00 P.M.
6. Name & Address of the OIT : Executive Engineer, Rural Works Division, Angul

Further details can be seen from the Govt. website **www.tendersorissa.gov.in**

**Executive Engineer**
**R.W. Division, Angul.**

OIPR-25001/25096/1/26-27/0021

## Government of Odisha "e" procurement Notice

**Bid Identification No. S.E. GTN (R&B)-08/2026-27**

**No. 7520/WE Dt. 25.09.2026**

**e-mail : eeghatagaon2015@gmail.com**

34001/885/2627

| | | |
|---|---|---|
| 1 | No. of the work :- | **18 Nos.** Road works |
| 2 | Estimated cost :- | **From Rs. 1.80 Lakh to 21.60 Lakh** |
| 3 | Period of completion :- | **From 10 (Ten) Days.** |
| 4 | Date and Time of availability of Bid document in the portal:- | From 11.30 Hr 28.09.2026 to 15.30 HR of 07.10.2026 |
| 5 | Last date / Time for receipt of bids in the portal :- | 15.30 Hr of 07.10.2026 |
| 6 | Date of opening of Bid from Portal :- | 16.30 Hr of 07.10.2026. |
| 7 | Name and address of the Officer inviting Bid :- | **Superintending Engineer, Ghatagaon (R&B) Division, Ghatagaon** |

Further details can be seen from the e-procurement portal "**http://tendersodisha.gov.in**"

**Superintending Engineer**
**Ghatagaon (R&B) Division**

OIPR-34001/34140/1/26-27/0007

34001/884/2627

E-Mail I.D.-eernbkdp@gmail.com
Tel.(06727)-220268
Fax No.(06727)-220862

## OFFICE OF THE SUPERINTENDING ENGINEER

**KENDRAPADA (R&B) DIVISION-I, KENDRAPADA**

**GOVERNMENT OF ODISHA "e" procurement Notice (Short Notice)**

e-procurement Notice for Road works

**SHORT TENDER CALL NOTICE**

**Bid Identification No. S.E., R & B KDP- 06 / 2026-27**

1. No of work : **15 nos. Road works**
2. Estimated Cost : **₹.0.76 lakhs to ₹. 37.00 lakhs (Approximately)**
3. Period of completion : **07 days to 30 days**
4. Date and time of sale and receipt of bid document : **From 9:00 AM of 28/09/2026 to 11:00 AM of 05/10/2026**
5. Last date / time of receipt of bids : **11 AM of 05/10/2026**
6. Date and time of Opening of Bids : **3.30 PM of 05/10/2026**
7. Name and address of the Officer Inviting Bid : **Superintending Engineer, Kendrapada (R&B) Division-I, Kendrapada**

Further details with any addendum, corrigendum, cancellation can be seen from the State Govt. portal **"https://tendersorissa.gov.in".**

**Superintending Engineer,**
**Kendrapada (R&B) Division-I**

OIPR-34001/34097/1/26-27/0006

## OFFICE OF THE MUNICIPAL COUNCIL: KHORDHA

At/P.O./Dist. - Khordha.
Phone No. 06755-220674
E-Mail- khurda_municipality@yahoo.co.in

13001/1970/2627

No. 2917 — Date 24/09/26

### Short Tender Call Notice

The Executive Officer on behalf of **Office of the Municipality, Khordha** invites Percentage Rate Bids in conformity with detailed Tender Call Notice (DTCN) for **12 (Twelve) nos.** of Civil Works from Registered Contractors of Govt. of Odisha as mentioned below. The Tender documents for the works will be available from the office of the undersigned during office hour from **dt.28/09/2026** to **dt.06.10.2026** excluding Govt. holidays on payment of Tender Paper Cost in shape of Money Receipt or Demand Draft/ Bankers cheque issued from any Nationalised Bank in favour Executive Officer, Khordha Municipality payable at Khordha.

The bidders must submit EMD in shape of Money Receipt or TDR issued from any nationalized bank in favour of Executive Officer, Khordha Municipality payable at Khordha failing which the bid will be rejected. The Contractor should have experience in execution of similar nature works. They should furnish photo copies of (i). Valid Contractor license, (ii). PAN, (iii). GST Clearance, (iv). Affidavit about the authentication of tender documents along with tender documents.

The last date of form selling is **dt.06.10.2026 up to 5.00 PM** and submission of tender paper in Tender box/ Registered post, on **dt.07.10.2026 up to 1.00 PM** and will be opened on the same day at **3.00 P.M** by the tender committee in presence of the Tenderers or their authorized representatives. All other relevant information can be seen from the Khordha Municipality website https://khordhamunicipality.in/ and Khordha District Website https://khordha.odisha.gov.in/en/tender

Further amendments, corrigendum or other communication regarding this notice will be available only on Khordha Municipality website https://khordhamunicipality.in/ and Khordha District Website https://khordha.odisha.gov.in/en/tender and will not be published in print media.

The authority reserves the right to reject any or all tenders without assigning any reason thereof.

**Executive Officer**
**Khordha Municipality**

OIPR-13001/13082/1/26-27/0010

## OFFICE OF THE PANCHAYAT SAMITI, LAHUNIPADA, SUNDARGADA.

No. **1905** — Date - **25.10.2026**

19001/272/2627

### "e" Procurement Notice

**Bid Identification No. PSLHP_01/2026-27.**

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e., www.tendersodisha.gov.in

1. Name of the Work : Building Works.
2. No. of works : 02 Nos
3. Estimated Cost : 14,51,005 to 71,22,752
4. Period of Completion : 120 days.
5. Bid Submission Start Date : 29.09.2026 at 10:00 AM
6. Bid Submission Closing Date : 14.10.2026 upto 5:00 PM
7. Bid Opening Date : 15.10.2026 at 11:00 AM
8. Name of Officer inviting Bid : Block Development Officer, Lahunipada

Further details can be seen from the procurement portal i.e. www.tendersodisha.gov.in

OIPR-19001/19346/1/26-27/0001

32001/922/2627 — E-mail : eemisundargarh@yahoo.co.in

## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, SUNDARAGADA.

'e' Procurement Notice

**Bid Reference No. SE MID SNG 06/2026-27**

Bid documents consisting names of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works: - | Civil Construction work. |
| 2 | No of Works: - | 02 (Two) Nos. |
| 3 | Estimated cost: - | Varies from Rs. 66.83 lakh to Rs. 90.41 lakh (Approximately) |
| 4 | Period of completion | 04 (Four) to 06 (Six) Calendar months |
| 5 | Date and Time of availability of bid documents in the portal: - | From dt.**29.09.2026** at.10.00 AM to dt.**13.10.2026** up to 5.30 PM. |
| 6 | Last date / time of receipt of bids in the portal: - | Dt.**13.10.2026** up to 5.30 PM |
| 7 | Date of opening of Technical Bid (Cover-I): - | Dt.**14.10.2026** at 11.00 AM onwards |
| 8 | Name and address of the OIT: - | Superintending Engineer, Minor Irrigation Division, Sundaragada. |

** Further details can be seen from the e-Procurement market place http://tendersodisha.gov.in

**Superintending Engineer**
**M.I.Division, Sundaragada.**

OIPR-32001/32124/1/26-27/0006

34001/877/2627 — Government of Odisha — E-mail ID: eerbkbi@rediffmail.com

## OFFICE OF THE SUPERINTENDING ENGINEER KANTABANJI (R&B) DIVISION

**Bid Identification No.04 / KBJ / 2026-2027**

The Superintending Engineer, Kantabanji (R&B) Division, Kantabanji on behalf of Governor of Odisha invites percentage rate bid in Single and Double cover system in ONLINE MODE for the works detailed in the table below from **"D&C", "B" Class Civil Contractor** registered with the State Governments and contractors of equivalent Grade / class registered with central Government / MES / Railways for execution of Civil works and **"MV" & "HT"** class Contractors registered with the State Governments and contractors of ELBO for execution of Electrical works. The proof of registration from the appropriate authority shall be enclosed along with the bid.

1) No. of work : 08 Nos. (06 Nos. Single Cover and 02 Nos. Double Cover)
2) Nature of work : Civil work and Electrical work
3) Class of contractor : (1) "D&C" and 'B' Class Civil Contractor (2) HT and above
4) Approximate value of work : Between Rs.4.20 Lakhs to Rs.82.99 Lakhs
5) Tender cost : Rs.2,000/-, Rs.4,000/- & Rs.10,000/-
6) Date and time of availability of Bid documents in online : From Dt.30.09.2026, 11.00 A.M. to Dt.13.10.2026 up to 05:00 P.M.
7) Date of Opening : Dt 14.10.2026 at 11:30 A.M.
8) Other details can be seen in the bidding documents from the e-procurement portal : www.tendersodisha.gov.in
9) The bidders have to participate in ONLINE bidding only. Further details can be seen from the website: **www.tendersodisha.gov.in**. All future corrigendum will be available on ONLINE MODE only.

Superintending Engineer,
Kantabanji (R&B) Division

OIPR-34001/34099/1/26-27/0007

27001/181/2627

ସମଗ୍ର ଶିକ୍ଷା / Samagra Shiksha

## DISTRICT PROJECT OFFICE

**Samagra Shiksha, Near Circuit House, BOUDH**

email - dpcBoudhssa.opepa@nic.in

Letter No. **1385** /PED/2026 — Date: **22/09/2026**

### NOTICE INVITING TENDER (NIT)

Sealed tenders are invited from the reputed & credible printers / firms / agencies for Supply of "Teaching Learning Material– 2026-27 for the students of Class-I to VIII" in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Teaching Learning Material– 2026-27 for the students of Shishu vatika to Grade- III | Rs.2000/- (Rupees TwoThousand only) | Rs.40000/- (Rupees Forty thousand only) | 01-10-2026 by 5.30 pm | 03-10-2026 by 11.00 am |

The detailed BID document is available in the website **https://osepa.odisha.gov.in** & **https://boudh.odisha.gov.in**. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

District Education Officer-cum-DPC,
Samagra Shiksha, Boudh.

OIPR-27001/27138/1/26-27/0002

## ଆନନ୍ଦପୁର ପୌରପାଳିକା – ସଚେତନତା ବାର୍ତ୍ତା (୨୦୨୬)

ଆନନ୍ଦପୁର ପୌରବାସୀଙ୍କ ସାୟତ ଶାସନ ଦିବସ ୨୦୨୬ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରିବା ସହ ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ସଫଳ ରୂପାୟନରେ ସହଯୋଗ ପାଇଁ ପୌରପାଳିକା ଅନୁରୋଧ କରୁଅଛି ।

**ଆମର ପ୍ରତିବଦ୍ଧତା (Our Commitment) :**

- ପରିଷ୍କାର ପରିବେଶ ନିମନ୍ତେ ପ୍ରୟାସ।
- ସୁଶାସନ ନିମନ୍ତେ ପ୍ରତିବଦ୍ଧ।
- ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା।
- ପୌରପାଳିକା ଅଞ୍ଚଳରେ ପରିମଳ ବ୍ୟବସ୍ଥା ଓ ଆବର୍ଜନା ନିଷ୍କାସନ।
- ସହରର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ନିରନ୍ତର ପ୍ରୟାସ।
- ସମସ୍ତ ବିଭାଗୀୟ କାର୍ଯ୍ୟରେ ସ୍ୱଚ୍ଛତା ଓ ଦକ୍ଷତା।

**ଆମର ନିର୍ଦ୍ଦେଶନାମା (Our Guidelines) :**

- ପରିବେଶ ପରିଷ୍କାର ରଖନ୍ତୁ। ରାସ୍ତାକଡ଼ରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ। ଡଷ୍ଟବିନ୍ ବ୍ୟବହାର କରନ୍ତୁ।
- ସାର୍ବଜନୀନ ରାସ୍ତାରେ ବାଲି, ଗାଡ଼ି, ଇଟା ପକାଇ ରାସ୍ତା ଅବରୋଧ କରନ୍ତୁ ନାହିଁ।
- ପୌରପାଳିକାର ଟିକସ ଯଥାସମୟରେ ପ୍ରଦାନ କରନ୍ତୁ।
- ଗୃହପାଳିତ ପଶୁମାନଙ୍କୁ ଏଣେତେଣେ ବୁଲିବାକୁ ଛାଡ଼ନ୍ତୁ ନାହିଁ।
- ପୌରପାଳିକାର ବିନା ଅନୁମତିରେ ଗୃହ ନିର୍ମାଣ କରନ୍ତୁ ନାହିଁ।

ସ୍ୱଚ୍ଛ ଆନନ୍ଦପୁର ସୁସ୍ଥ ଆନନ୍ଦପୁର

ଶ୍ରୀ ଦେବ ପ୍ରସାଦ ବଳ, ନିର୍ବାହୀ ଅଧିକାରୀ, ଆନନ୍ଦପୁର ପୌରପାଳିକା

ସମସ୍ତ ପାରିଷଦବୃନ୍ଦ, ଆନନ୍ଦପୁର ପୌରପାଳିକା

ଶ୍ରୀମତୀ ରଜନୀରାଣୀ ଖଟୁଆ, ଅଧକ୍ଷା, ଆନନ୍ଦପୁର ପୌରପାଳିକା

## यूनियन बैंक ऑफ़ इंडिया Union Bank of India

ଭାରତ ସରକାର କା ଉପକ୍ରମ / A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
**୩/୧ଏ, ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫**

**ଦଖଲ ନୋଟିସ୍**
**(ସ୍ଥାବର ସମ୍ପତ୍ତି ନିମନ୍ତେ)**

**[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]**

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସାମନ୍ତପୁର ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସାମନ୍ତପୁର ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ସାମନ୍ତପୁର ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ /ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ଧର୍ମପଦ ରାଉତ,** ସା: ସାଇ କୃପା ରେସିଡେନ୍ସି, ଡୁପ୍ଲେକ୍ସ-୭୬, ପ୍ଲଟ୍ ନଂ.: ୬୩୭/୧୬୬୨, ବାଲିଅନ୍ତା, ଭୁବନେଶ୍ୱର-୭୫୨୧୦୧ / **କୋ-ଆପ୍ଲିକାଣ୍ଟ: ଶ୍ରୀ ସୁଧାଂଶୁ କୁମାର ରାଉତ,** ପିତା: ଜଗବନ୍ଧୁ ରାଉତ, ସା: ରାଣିଓଳା, କସରଦା, ନିଆଳି, କଟକ-୭୫୪୧୦୫ | ଟ.୪୦,୩୧,୮୮୯.୭୪ + ସେବାବଦ ସୁଧ | ୧୪.୦୭.୨୦୨୬ / ୨୪.୦୯.୨୦୨୬ | ଶ୍ରୀ ଧର୍ମପଦ ରାଉତଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଦୁଇମହଲା ବିଶିଷ୍ଟ ବିଲ୍ଡିଂର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୬୩୭/୧୬୬୨, ଖାତା ନଂ.: ୫୬୧/୭୮୮, ଡୁପ୍ଲେକ୍ସ - ୭୬, ସାଇ କୃପା ରେସିଡେନ୍ସି, କ୍ଷେତ୍ର: ଏକର୦.୦୪୩ ଡିସିମିଲି, ମୌଜା: ଜିଡିକାରସୁଆଁଲୋ, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ.: ୬୪୦, ପୂର୍ବ: ସବ୍ ପ୍ଲଟ୍ ନଂ.: ୭୫, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୮୬ |

**ସ୍ଥାନ: ଭୁବନେଶ୍ୱର, ତାରିଖ: ୨୫.୦୯.୨୦୨୬** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

# ଦେବଗଡ଼ ଜିଲ୍ଲାରେ ୪୯ ହଜାର ଚାରା ରୋପଣ

ଦେବଗଡ଼,୨୫।୯ (ସମିସ): ଓଡ଼ିଶା ସରକାରଙ୍କ ସେବା ସଂକଳ୍ପ ଅଭିଯାନ ଅବସରରେ ଏକ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମ ଅଧୀନ ଦେବଗଡ଼ ଜିଲ୍ଲାର ବାରକୋଟ, ରିଆମାଳ ଓ ତିଲେଇବଣି ବ୍ଲକର ସମସ୍ତ ପଞ୍ଚାୟତରେ ଏକ କାଳୀନ ଭାବେ ବ୍ୟାପକ ଚାରାରୋପଣ କରାଯାଇଛି। ଜିଲ୍ଲାର ୭୦ଟି ପଞ୍ଚାୟତର ପ୍ରତ୍ୟେକର ପଞ୍ଚାୟତରେ ୭ଶହଟି ଲେଖାଏଁ ଚାରା (ମୋଟ ୪୯ହଜାର) ରୋପଣ କରାଯାଇଥିଲା। ପରିବେଶ ସୁରକ୍ଷା, ସବୁଜ ଆବରଣ ବୃଦ୍ଧି, ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ ଏବଂ ପ୍ରତ୍ୟେକ ନାଗରିକଙ୍କୁ ଚାରାରୋପଣରେ ଯୋଡ଼ିବା ଏହି ଅଭିଯାନର ମୂଳ ଉଦେଶ୍ୟ। ତିଲେଇବଣୀ ପଞ୍ଚାୟତ ସମିତିର ଢୋଲପଡ଼ା ପଞ୍ଚାୟତର ପଟାଖମଣ ଗ୍ରାମରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଜନସାଧାରଣ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଶିକ୍ଷକ, ଅଙ୍ଗନବାଡ଼ି କର୍ମୀ, ମିଶନ ଶକ୍ତି ସଦସ୍ୟା ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଚାରା ରୋପଣ ସହ ସୁରକ୍ଷା ଓ ନିୟମିତ ଯତ୍ନ ନେବା ପାଇଁ ସାମୂହିକ ସଂକଳ୍ପ ଗ୍ରହଣ କରାଯାଇଥିଲା।

# ପାବୁଲିପଡ଼ାରେ ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା

ଜହ୍ନାପଙ୍କ,୨୫।୯ (ସମିସ): ବୌଦ୍ଧ ବ୍ଲକ୍ ଆମ୍ବଝରି ପଞ୍ଚାୟତର ପାବୁଲିପଡ଼ା ଗ୍ରାମରେ ଏକ ନୂତନ ମାହେଶ୍ୱରୀ ମନ୍ଦିର ସ୍ଥାପିତ ହେବା ସହ ଏକ ନୂତନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ଭବ୍ୟ ପ୍ରତିଷ୍ଠା ଉତ୍ସବରେ ଜିଲ୍ଲାର ସମସ୍ତ କେନ୍ଦ୍ରର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ଅଞ୍ଚଳର ସଭାପତି ଓ ସମ୍ପାଦକମାନେ ଯୋଗଦାନ କରିଥିଲେ। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟରେ କର୍ତ୍ତା ଭାବେ ଅଯୋଧ୍ୟା ମହାକୁଡ଼ ଓ ତାଙ୍କ ପତ୍ନୀ ସକୁର ମହାକୁଡ଼ ଦାୟିତ୍ୱ ତୁଲାଇଥିବା ବେଳେ ଦେହେରି ଭାବେ ପଞ୍ଚାନନ ଡାଙ୍ଗ ପୂଜାର୍ଚ୍ଚନା କରିଥିଲେ। ସେହିପରି ଅନୁଷ୍ଠାନର ସଭାପତି ଲକ୍ଷ୍ମୀଧର ପ୍ରଧାନ, ସମ୍ପାଦକ ଅକ୍ଷୟ କର୍ଣ୍ଣ, କୋଷାଧ୍ୟକ୍ଷ ଗାଣ୍ଡାଧର ଦନ୍ତା ଏବଂ ସଭ୍ୟ ଶଙ୍କର ପ୍ରଧାନ, ନବୀନ ଡାଙ୍ଗ, ଗୟାଧର ମହାକୁଡ଼, ଭୁବନ ଗାଇଗୋରିଆ ଓ ତରଣୀ କର୍ଣ୍ଣଙ୍କ ସମେତ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଓ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ।



# ଶିଶୁମନ୍ଦିରରେ ନମାମି ଭାରତମ କାର୍ଯ୍ୟକ୍ରମ

କନ୍ଧମାଳ,୨୫।୯ (ସମିସ): ବନ୍ଦେ ମାତରଂ ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଶୁକ୍ରବାର କଣ୍ଟାବାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନମାମି ଭାରତମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ର ଗୀତ ବନ୍ଦେ ମାତରଂ ର ପୂର୍ଣ୍ଣ ଗାୟନ ହୋଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ନବୀନ ବିଶି, ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଭବାନୀ ଶଙ୍କର ରାଉତ, ପରିଚାଳନା ସମିତିର ସଭାପତି ଲଳିତ ସାହୁ, ସମ୍ପାଦକ ନେତ୍ରାନନ୍ଦ ସାହୁ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ମକଦ୍ଦମ ମହାରଣା ସଂଯୋଜନା କରିଥିଲେ।



# ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା



ଝାରସୁଗୁଡା,୨୫।୯ (ସମିସ): ଝାରସୁଗୁଡା ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସମୂହର ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡା ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗର୍ଡିଆ ଯୋଗ ଦେଇଥିଲେ। ବ୍ରଜରାଜନଗର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ ପଟେଲ, କିରମିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନାରାୟଣ ପଣ୍ଡା, ଲଇକେରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ୫ଟି ବ୍ଲକରୁ ୧୩୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୭୦ଜଣ ଶାରୀରିକ ଶିକ୍ଷା ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଚୟନ ପ୍ରକ୍ରିୟା ପରିଚାଳନା କରିଥିଲେ। ୨୫ ଜଣ ପ୍ରତିଯୋଗୀ ରାଜ୍ୟସ୍ତର ପାଇଁ ମନୋନୀତ ହୋଇ ଅକ୍ଟୋବର ୩ରେ କୋରାପୁଟରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ଯୌତୁକ ପ୍ରଥା ନିଷେଧ ଆଇନ ଉପରେ କର୍ମଶାଳା

# ଝିଅଙ୍କୁ ନିଜ ଅଧିକାର ସମ୍ପର୍କରେ ସଚେତନ ହେବାକୁ ଆହ୍ୱାନ

ତରଭା,୨୫।୯ (ସମିସ)

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୌତୁକ ପ୍ରଥା ନିଷେଧ ଆଇନ-୧୯୬୧ ଉପରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଯୌତୁକ ପ୍ରଥା ଏବେ ମଧ୍ୟ ସମାଜରେ ପ୍ରଚଳିତ ରହିଛି। ଝିଅମାନେ ଶିକ୍ଷିତ ହେବା ପରେ ମଧ୍ୟ ଯୌତୁକ ପ୍ରଥାର ଶିକାର ହେଉଛନ୍ତି। ତେଣୁ ଏହି ପ୍ରଥା ବିରୋଧରେ ସମସ୍ତଙ୍କୁ ନିଜର ସ୍ୱର ଉତ୍ତୋଳନ କରିବା ଆବଶ୍ୟକ। ଯୌତୁକର ଶୃଙ୍ଖଳକୁ ଭାଙ୍ଗିବା ପାଇଁ ଝିଅମାନଙ୍କୁ ଆଗକୁ ଆସିବାକୁ ପଡ଼ିବ ଏବଂ ଏଥିପାଇଁ ସେମାନେ ନିଜ ଅଧିକାର ଓ ଆଇନ ସମ୍ପର୍କରେ ସଚେତନ ହେବା ଆବଶ୍ୟକ ବୋଲି ସେ ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲା କୋର୍ଟର ସରକାରୀ ଓକିଲ ମଧୁମିତା ଅମାତ୍ୟ ଏବଂ ଶିଶୁ କଲ୍ୟାଣ କମିଟିର ସଦସ୍ୟ ରଂଜିତା ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀମାନଙ୍କୁ ଯୌତୁକ ପ୍ରଥା ନିଷେଧ ଆଇନ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ସମ୍ବିଧାନ, ଗଣତନ୍ତ୍ର, ଝିଅମାନଙ୍କ ଅଧିକାର ଏବଂ ଆଇନ ସମ୍ପର୍କରେ ଅବଗତ ହୋଇ ସେମାନେ କିପରି ସମାଜରେ ଘଟୁଥିବା ବିଭିନ୍ନ ପ୍ରକାରର ଅତ୍ୟାଚାରକୁ ପ୍ରତିରୋଧ କରିପାରିବେ ସେ ବିଷୟରେ କର୍ମଶାଳାରେ ସୂଚନା ଦିଆଯାଇଥିଲା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର କର୍ମଶାଳା ଆରମ୍ଭରେ ସ୍ୱାଗତ ଭାଷଣ ଦେଇଥିଲେ। ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରୀ ଅଞ୍ଜନା କିସାନ କର୍ମଶାଳା ପରିଚାଳନା କରିଥିଲେ।




# ଜିଲ୍ଲାସ୍ତରୀୟ ମେଗା ସମବାୟ ସଦସ୍ୟତା ଅଭିଯାନ



ଦେବଗଡ଼,୨୫।୯ (ସମିସ): ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସାଂସ୍କୃତିକ ପ୍ରେକ୍ଷାଳୟଠାରେ ଆଜି ଜିଲ୍ଲାସ୍ତରୀୟ ମେଗା ସମବାୟ ସଦସ୍ୟତା ଅଭିଯାନ "ସମୃଦ୍ଧ'ର ଶୁଭାରମ୍ଭ କରାଯାଇଛି। ସମବାୟ ସମିତି ସମୂହର ଉପନିବନ୍ଧକ ଭୀମସେନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଓ ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ରଶେଖର ଭୁକ୍ତା, ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ, କୃଷକ ନେତା ସଭାପତି ପ୍ରମୋଦ ଝାଙ୍କର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ ଓ ଉପଜିଲ୍ଲାପାଳ ପରିକ୍ଷିତ ସାହୁ ଯୋଗଦେଇ ଜିଲ୍ଲା ସ୍ତରୀୟ ମେଗା ସମବାୟ ସଦସ୍ୟତା ଅଭିଯାନ ଏବଂ ସମବାୟ ଆନ୍ଦୋଳନର ସୁଦୃଢ଼ିକରଣ ସମ୍ପର୍କରେ ଉଦବୋଧନ ଦେଇଥିଲେ। ସମବାୟ ଆନ୍ଦୋଳନକୁ ଅଧିକ ସୁଦୃଢ଼, ବ୍ୟାପକ ଓ ଜନମୁଖି କରିବା ଉଦ୍ଦେଶ୍ୟରେ ଆଜି "ସମୃଦ୍ଧ' ମେଗା ସମବାୟ ସଦସ୍ୟତା ଅଭିଯାନର ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ ଶୁଭାରମ୍ଭ କରାଯାଇଛି। ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ ମେଗା ସଦସ୍ୟତା ଅଭିଯାନ "ସମୃଦ୍ଧ'ର ଶୁଭାରମ୍ଭ କରିଥିଲେ। ବୈଠକରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲାର ସମସ୍ତ ସମବାୟ ସମିତିର ସଭାପତି, ନିର୍ଦ୍ଦେଶକ, ସମ୍ପାଦକ ଓ ଚାଷୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପରିଚାଳନା କରିଥିଲେ।

## ଜିଲ୍ଲା ପରାମର୍ଶଦାତା କମିଟି ବୈଠକ

# ବ୍ୟାଙ୍କ ଓ ସରକାରୀ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ



## ତ୍ରୈମାସିକର ବିକାଶମୂଳକ ଆର୍ଥିକ ଅଗ୍ରଗତି ସମୀକ୍ଷା

ଝାରସୁଗୁଡ଼ା,୨୫।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା କାର୍ଯ୍ୟାଳୟ ପରିସରସ୍ଥ ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷରେ ଜୁନ୍ ୨୦୨୬ ତ୍ରୈମାସିକ ପାଇଁ ଜିଲ୍ଲା ପରାମର୍ଶଦାତା କମିଟି ତଥା ଜିଲ୍ଲା ସ୍ତରୀୟ ସମୀକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅଧ୍ୟକ୍ଷତା କରିଥିଲେ। ସରକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ବ୍ୟାଙ୍କ ଏବଂ ସରକାରୀ ବିଭାଗଗୁଡ଼ିକ ମଧ୍ୟରେ ଏକ ସୁଦୃଢ଼ ସହଯୋଗୀ ବ୍ୟବସ୍ଥା ଗଠନ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲ୍ଲାପଳ କହିଥିଲେ। ଝାରସୁଗୁଡ଼ା ଜିଲ୍ଲାର ସାମାଜିକ ତଥା ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ହିତାଧିକାରୀଙ୍କୁ ଠିକ୍ ସମୟରେ ଋଣ ଯୋଗାଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାଏକ, ଭୁବନେଶ୍ୱରସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଲିଡ୍ ଡିଷ୍ଟ୍ରିକ୍ଟ ଅଫିସର ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ସମେତ ବିଭିନ୍ନ ଲାଇନ୍ ବିଭାଗର ଜିଲ୍ଲାସ୍ତରୀୟ ପଦାଧିକାରୀ, ଜିଲ୍ଲା ସଂଯୋଜକ ଏବଂ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ବିଶ୍ୱ ପର୍ଯ୍ୟଟନ ଦିବସ ପାଇଁ ପ୍ରସ୍ତୁତି

ଝାରସୁଗୁଡ଼ା,୨୫।୯ (ସମିସ): ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଝାରସୁଗୁଡ଼ା ଜିଲ୍ଲାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବ୍ରଜବନ୍ଧୁ ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ଡେପୁଟି କଲେକ୍ଟର ତଥା ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୋମେଶ ଆଚାର୍ଯ୍ୟ ସଭା ପରିଚାଳନା କରିଥିଲେ। ବୈଠକରେ ଝାରସୁଗୁଡ଼ା ଇଞ୍ଜିନିୟରିଂ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଏବଂ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସାଂସ୍କୃତିକ ଅଧିକାରୀ ରିତାକାନ୍ତି ବଳିୟାରସିଂହ ଉପସ୍ଥିତ ଥିଲେ। ରବିବାର ଶୋଭାଯାତ୍ରା ହେବ। ସକାଳ ୫.୧୫ ରେ ରିପୋର୍ଟିଂ ସମୟ ରହିଛି। ସକାଳ ସାଢେ ୬ରେ ପଦଯାତ୍ରା କାଳୀ ମନ୍ଦିର, ଝଣ୍ଡାଛକ ଦେଇ ମନମୋହନ ସ୍କୁଲ ପଡିଆଠାରେ ଶେଷ ହେବ ବୋଲି ସୂଚନା ଦିଆଯାଇଛି।



# ପୋଖରୀରେ ବିଷ ପକାଇଦେଲା ଦୁର୍ବୃତ୍ତ

ଦେବଗଡ,୨୫।୯ (ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ବୁଡିଦୋ ଗାଁ ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ପୋଖରୀରେ କେହି ବିଷ ପକାଇ ଦେଇଛି। ଏଣୁ ପୋଖରୀର ସବୁ ମାଛ ମରି ଭାସିଛନ୍ତି। ଏ ନେଇ ପଞ୍ଚାୟତରୁ ନିଲାମ ନେଇ ଚଳିତ ବର୍ଷ ମାଛ ଚାଷ କରିଥିବା ସେହି ଗ୍ରାମର ବୃନ୍ଦାବତୀ ଏସଏଚ୍‌ଜି ରିଆମାଳ ଥାନାରେ ଅଭିଯୋଗ କରିଛି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ୫୦ ହଜାର ଟଙ୍କାର ମାଛ ଯାଆଁଳା ବାବଦକୁ ଏବଂ ୧ ଲକ୍ଷ ଟଙ୍କା ମାଛ ଖାଦ୍ୟ ବାବଦକୁ ଖର୍ଚ୍ଚ ହୋଇଛି। ୨ ମାସ ମଧ୍ୟରେ ମାଛଗୁଡ଼ିକ ୩୦୦ ଗ୍ରାମ ବଢ଼ି ଥିଲେ ବୋଲି ଏସ୍‌ଏଚ୍‌ଜି କହିଛି। ଅନ୍ୟପକ୍ଷେ ପାଣିରେ ବିଷ ପଡ଼ିବା ଦ୍ୱାରା ଏତେ ଦୁର୍ଗନ୍ଧ ନିର୍ଗତ ହେଉଛି ଯେ ଲୋକେ ଆଜି ପୋଖରୀକୁ ଗାଧୋଇବାକୁ ଯାଇ ନ ଥିଲେ।

# ତରଭାରେ ବ୍ଲକସ୍ତରୀୟ ସେବା ସଂକଳ୍ପ ଅଭିଯାନ




ତରଭା,୨୫।୯ (ସମିସ): ସରଗଜ ଉଚ୍ଚ ବିଦ୍ୟାଳୟ ପରିସରରେ ତରଭା ବ୍ଲକ୍‌ସ୍ତରୀୟ ସେବା ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମେହେର ଅଧ୍ୟକ୍ଷତା କରିଥିଲେ। ଯୁରାବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ମିଶ୍ର, ପୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି, ରଙ୍ଗପୁର୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନାରାୟଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। କଟାପାଲି ସିଆରସିସି ସଞ୍ଜୀବ ସେଠି ଅତିଥି ପରିଚୟ ଦେଇଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜୟନ୍ତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ବିଚାରକ ଭାବେ ଶିକ୍ଷକ ରୋହିତ କୁଅଁର, କୃପାସିନ୍ଧୁ ଦଳବେହେରା, ପ୍ରକାଶ ଦଳବେହେରା, ଶାନ୍ତନୁ ପଧାନ, ପ୍ରଦ୍ୟୁମ୍ନ ମହାନ୍ତି, ପ୍ରଶାନ୍ତ ମିଶ୍ର, କମସରା ସି ଆର ସି ସି ସ୍ମିତାଞ୍ଜଳୀ ପଟ୍ଟନାୟକ ଯୋଗ ଦେଇଥିଲେ। ଜୟନ୍ତ କୁମାର ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସଞ୍ଚୟ ଓ ଆର୍ଥିକ ସେବା ସଚେତନତା ଶିବିର

ଝାରସୁଗୁଡା,୨୫।୯ (ସମିସ): ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ସେବା ସଂକଳ୍ପ ଅଭିଯାନ-୨୦୨୬ ପାଳନ ଉପଲକ୍ଷେ ରାଜପୁର ପଞ୍ଚାୟତର ସମ୍ମିଳନୀ କକ୍ଷରେ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜପୁର ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ। ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଝାରସୁଗୁଡ଼ା ଶାଖାର ବରିଷ୍ଠ ଅଧିକାରୀ ସୁମିତ୍ ପ୍ରମାଣିକ ଭାରତ ସରକାରଙ୍କ ବିଭିନ୍ନ ବୀମା ଯୋଜନା ଓ ପେନସନ ଯୋଜନା ଉପରେ ଆଲୋକପାତ କରିବା ସହ ସାଇବର ଅପରାଧ ବାବଦରେ ସମସ୍ତଙ୍କୁ ସଚେତନ କରିଥିଲେ। ଝାରସୁଗୁଡା ମୁଖ୍ୟ ଡାକଘରର ପୋଷ୍ଟମାଷ୍ଟର ପ୍ରତାପ ଚନ୍ଦ୍ର ଭୋଇ ଭାରତ ସରକାରଙ୍କ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ଉପରେ ଆଲୋଚନା କରିଥିଲେ। କ୍ଷେତ୍ର ପରିଦର୍ଶନରେ ଆସିଥିବା ଝାରସୁଗୁଡ଼ାର ଜମି ଅଧିଗ୍ରହଣ ଅଧିକାରୀ ବିନୟ ପଟେଲ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କୁ ଆର୍ଥିକ ସାକ୍ଷରତାର ଗୁରୁତ୍ୱ ଉପରେ ବାର୍ତ୍ତା ଦେଇଥିଲେ। ରାଜପୁର ସରପଞ୍ଚ ସରସ୍ୱତୀ ନାୟକ ଆର୍ଥିକ ସାକ୍ଷରତାର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପଞ୍ଚାୟତ କାର୍ଯ୍ୟ ନିର୍ବହୀ ଅଧିକାରୀ ଅନିଲ ଦୁଆନ, ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗର କର୍ମଚାରୀ ହେମକାନ୍ତ ବାଗ, ଜଗନ୍ନାଥ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ଦେଉଳପଦର କୃଷ୍ଣମୋହନ କମ୍ପ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ

# କ୍ରୀଡ଼ା ହେଉଛି ଜୀବନର ପାଠଶାଳା



ତରଭା,୨୫।୯ (ସମିସ): କ୍ରୀଡ଼ା କେବଳ ଏକ ଖେଳ ନୁହଁ। ଏହା ହେଉଛି ଜୀବନର ପାଠଶାଳା। କ୍ରୀଡା ଜଣେ ଛାତ୍ରକୁ ଭଲ ଖେଳାଳି ସହିତ ଜଣେ ଭଲ ମଣିଷ, ଦାୟିତ୍ୱବାନ ନାଗରିକ ଓ ଦୃଢ଼ ଚରିତ୍ରର ବ୍ୟକ୍ତି ଭାବେ ଗଢ଼ି ତୋଳେ। ଦେଉଳପଦର କୃଷ୍ଣମୋହନ କମ୍ପ ଉଚ୍ଚବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ କ୍ରୀଡା ଉତ୍ସବରେ ଏହି ମତ ପ୍ରକାଶ ପାଇଛି। ଏହି କ୍ରୀଡା ଉତ୍ସବରେ ତରଭା ବ୍ଲକର ୪ଟି ଜୋନରୁ ବିଭିନ୍ନ ବିଭାଗରୁ ୧୨୮ ଜଣ କୃତୀ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମୀୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟା ଅଞ୍ଜଳି କମ୍ପ, ସମ୍ମାନୀତ ଅତିଥି ଭାବରେ ତରଭା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ କୁଆଁର, ବ୍ଲକ କ୍ରୀଡା ସମ୍ପାଦକ ଜୟନାରାୟଣ ବାରିକ, ପିଇଟି ଦିଲ୍ଲୀପ ପୁରୋହିତ ଓ ଶ୍ରୀଧର ପୁଟେଲ ଯୋଗ ଦେଇଥିଲେ। କ୍ରୀଡା ଶିକ୍ଷକ ଅକ୍ଷୟ ସାହୁ, ଜଗବନ୍ଧୁ ପ୍ରଧାନ, ଜ୍ୟୋତି ରଞ୍ଜନ, ବ୍ରଜମୋହନ ମହାକୁର, ବିଭୀଷଣ ରଣା, ନନ୍ଦ କିଶୋର ଭୁଏ, ଅଭିଳାଷ ରଣା ପ୍ରତିଯୋଗିତା ପରିଚାଳନା କରିଥିଲେ। ଶେଷରେ ନାରଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ



ବୀରମହାରାଜପୁର,୨୫।୯ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅମରପାଲି ହାଇସ୍କୁଲ ଖେଳ ପଡ଼ିଆରେ ଦୁଇ ଦିନ ଧରି ଚାଲିଥିବା ବ୍ଲକ୍ ସ୍ତରୀୟ ବିଦ୍ୟାଳୟ ସମୂହ ଖେଳକୁଦ ପ୍ରତିଯୋଗିତା ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଅମରପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ହାଇସ୍କୁଲର ସ୍କୁଲ ପରିଚାଳନା କମିଟିର ସଭାପତି ଅଶୋକ ସାହୁ, ପୂର୍ବତନ ସମିତିସଭ୍ୟ ପୀତାମ୍ବର ସାହୁ, କମିରାସ୍ଥିତ ବାପୁଜୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶେଷଦେବ ମିଶ୍ର, କେନଝିରିଆପାଲିସ୍ଥିତ ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବ୍ରଜମୋହନ ବାରିକ, ବୀରମହାରାଜପୁର ବିଦ୍ୟାଳୟ କ୍ରୀଡ଼ା ସମୂହ ବ୍ଲକ୍ ସମ୍ପାଦକ ରଞ୍ଜିତ ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ହାଇସ୍କୁଲର ଖେଳ ଶିକ୍ଷକ କହ୍ନେଇ ଚରଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଖେଳ କୁଦ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଶ୍ୟାମସୁନ୍ଦର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ବିତ ପଧାନ ସ୍ୱାଗତ ଭାଷଣ ଦେଇଥିବାବେଳେ ପଦ୍ମନାଭ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଦିବସରେ ବ୍ଲକର ୪ଟି ଜୋନରୁ ପ୍ରାୟ ୨୬୦ ପ୍ରତିଯୋଗୀ ଓ ଦ୍ୱିତୀୟ ଦିବସରେ ୪୫୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଉଭୟ ବାଳିକା ଓ ବାଳକ ବର୍ଗରେ ୧୭ ବର୍ଷରୁ କମ୍ ଓ ୧୪ ବର୍ଷରୁ କମ୍ ବିଭାଗରେ ଖୋଖୋ, କବାଡି ଓ ଫୁଟବଲ ଖେଳ ହୋଇଥିଲା। ପ୍ରଥମ ଦିବସରେ ଆଥେଲେଟ୍‌ରୁ ୪୦ ଜଣ ପ୍ରତିଯୋଗୀ ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ସମୂହ ଖେଳକୁଦ ପ୍ରତିଯୋଗିତାକୁ ଚୟନ ହୋଇଥିବା ବେଳେ ଦ୍ୱିତୀୟ ଦିବସରେ ୧୬୪ ଜଣ ପ୍ରତିଯୋଗୀ ଜିଲ୍ଲାସ୍ତରୀୟ ଖେଳକୁଦକୁ ଚୟନ ହୋଇଥିଲେ। ସମସ୍ତ ପ୍ରତିଯୋଗିତାକୁ ଖେଳ ଶିକ୍ଷକ ପ୍ରଦୀପ ମହାନନ୍ଦ, ସୁରେନ୍ଦ୍ର ପ୍ରଧାନ, ରେଖାଚନ୍ଦ୍ର ମେହେର, ପରମେଶ୍ୱର ପଣ୍ଡା, ବିପ୍ରଚରଣ ପେରା, କଲିମ ମହମ୍ମଦ, ଉପେନ୍ଦ୍ର ସାହୁ, ପ୍ରତିଭା ଭୋଇ, ଇନ୍ଦ୍ରଜିତ ଦାସ, ଦୀନବନ୍ଧୁ ଛିଚୁହାନ, ଶକ୍ତି କିଶୋର ସାମନ୍ତରା, ଶେଷଦେବ ପ୍ରଧାନ, ରାଜ କମଲ ସିଂ ବାବୁ, ଆନନ୍ଦିନୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ପ୍ରାଣବନ୍ଧୁ ସାହୁ, ବ୍ରହ୍ମାନନ୍ଦ ପ୍ରଧାନ, ସୁରେନ୍ଦ୍ର ଭୋଇ, ନଟବର ରଣା, ମାଧବ ମହାକୁର, ରଜତ ପ୍ରଧାନ, ଗୌତମ ବାରିକ, ଲଳିତ ପଧାନ, ରାଜେଶ ସାହୁ, ଗୌରୀଶଙ୍କର ପୂଝାରୀ, ଜଗନ୍ନାଥ ପଧାନ, ଗୋବର୍ଦ୍ଧନ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# କଳିକେଶଙ୍କ ପ୍ରଶ୍ନରେ ସାମ୍ନାକୁ ଆସିଲା ଗୁରୁତ୍ୱପୂର୍ଣ୍ଣ ତଥ୍ୟ

- ଛତାମଖନା ବ୍ୟାରେଜ କ୍ଷତି ତଦନ୍ତ ପାଇଁ କମିଟି
- ବର୍ଷକରେ ଜିଲ୍ଲାର ୨୦ ଜଣ ଦାଦନଙ୍କ ମୃତଦେହ ଫେରିଛି
- ଏମଏମଡ଼ିଆର ଦ୍ୱାରା କ୍ଷତି ଆକଳନ ହୋଇନାହିଁ

ବଲାଙ୍ଗିର,୨୫।୯ (ସମିସ)

ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ବିଧାନସଭାରେ ଉଠାଇଥିବା ବିଭିନ୍ନ ପ୍ରଶ୍ନର ଉତ୍ତରରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ଛତାମଖନା ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚରର କ୍ଷତି, ଜଙ୍ଗଲ ନିଆଁ, କାମ୍ପା ଯୋଜନା ପାଣ୍ଠି, ବନଜମିର ବ୍ୟବହାର, ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଏବଂ ଏମଏମଡ଼ିଆର ସଂଶୋଧନ ଆଇନର ସମ୍ଭାବ୍ୟ ରାଜସ୍ୱ ପ୍ରଭାବ ସମ୍ପର୍କରେ ବିଭିନ୍ନ ତଥ୍ୟ ସାମ୍ନାକୁ ଆସିଛି।

ବଲାଙ୍ଗିର ଛତାମଖନାରେ ଥିବା ଡ୍ୟାମ୍ କ୍ଷତି ନେଇ କଳିକେଶ ଅଭିଯୋଗ ଆଣିଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଧାନସଭାରେ ମଧ୍ୟ ପ୍ରଶ୍ନ କରିଛନ୍ତି। ଉତ୍ତରରେ ଏହି ଅଭିଯୋଗ ଉପର ସରକାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଛତାମଖନା ଡ୍ୟାମ୍ ବା ବ୍ୟାରେଜର କ୍ଷତିକୁ ନେଇ ଶ୍ରୀ ସିଂହଦେଓ ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ। ପ୍ରଶ୍ନରେ ଡ୍ୟାମ୍‌ର କ୍ଷତିର ପରିମାଣ, କାରଣ, ଇପିସି ଡିଜାଇନ୍‌ରେ ହୋଇଥିବା ପରିବର୍ତ୍ତନ, ଜଳ ନିଷ୍କାସନ କ୍ଷମତା ଏବଂ ଦାୟିତ୍ୱ ନିର୍ଦ୍ଧାରଣ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ମଗାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉତ୍ତର ଅନୁଯାୟୀ, ଜୁଲାଇ ୨୯ର ପ୍ରବଳ ବନ୍ୟା ସମୟରେ ସୁକତେଲ ନଦୀ ଉପରେ ନିର୍ମିତ ଛତାମଖନା ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚରର ଡାଉନ୍‌ଷ୍ଟ୍ରିମ୍ ପଥର ପ୍ୟାର୍କିଂ, ଏମ୍ବାଙ୍କମେଣ୍ଟ, କଂକ୍ରିଟ୍ ବ୍ଲକ୍, ପିସିସି କର୍ଟେନ୍ ୱାଲ୍ ସମେତ ବିଭିନ୍ନ ସୁରକ୍ଷା କାର୍ଯ୍ୟ କ୍ଷତିଗ୍ରସ୍ତ ହୋଇଥିଲା; କିନ୍ତୁ ସ୍ଥାୟୀ ମୁଖ୍ୟ ଗଠନ କିମ୍ବା କଟ୍-ଅଫ୍ ୱାଲ୍‌ରେ କୌଣସି କ୍ଷତି ହୋଇ ନ ଥିବା ସରକାର ଉତ୍ତରରେ କହିଛନ୍ତି। କ୍ଷତିର କାରଣ ଓ ଅନ୍ୟାନ୍ୟ ବୈଷୟିକ ଦିଗ ଅନୁଧ୍ୟାନ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ତଦନ୍ତ କମିଟି ଗଠନ କରାଯାଇଛି। ଡ୍ୟାମ୍‌ର ଲମ୍ବ ୨୫୬ ମିଟରରୁ ୨୦୬ ମିଟର, ଗେଟ୍ ସଂଖ୍ୟା ୧୮ରୁ ୧୪ ଏବଂ ଇମ୍ପର୍ଭିଅସ୍ ଫ୍ଲୋର୍ ୮୦ ମିଟରରୁ ୫୦ ମିଟରକୁ କମିଥିବା ଶ୍ରୀ ସିଂହଦେଓ ପ୍ରଶ୍ନ ଉଠାଇଥିଲେ। ୨,୭୬୦ କ୍ୟୁମେକ୍ ଡିସ୍‌ଚାର୍ଜ କ୍ଷମତା ନିର୍ଦ୍ଧାରଣର ବୈଷୟିକ ଆଧାର ଓ ପ୍ରୁଫ୍-ଚେକ୍ ଗଣନା ସମ୍ପର୍କରେ ମଧ୍ୟ ସେ ତଥ୍ୟ ମାଗିଥିଲେ। ସରକାରଙ୍କ ଉତ୍ତର ଅନୁଯାୟୀ ପ୍ରକଳ୍ପ ବର୍ତ୍ତମାନ ଦ୍ୱିତୀୟ ବର୍ଷର ଓ ଆଣ୍ଡ ଏମ ଅବଧିରେ ରହିଛି। ଡିଫେକ୍ଟ ଲିଏବିଲିଟି ଅବଧିରେ ଅଛି। ଇପିସି ଏଜେନ୍ସି ପକ୍ଷରୁ ଚୁକ୍ତି ଅନୁଯାୟୀ ଆବଶ୍ୟକ ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଚାଲିଛି। କମିଟିର ରିପୋର୍ଟ ପରେ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ଉତ୍ତରରୁ ଜଣାପଡ଼ିଛି।

ସେହିପରି ବଲାଙ୍ଗିରରେ ଜଙ୍ଗଲ ନିଆଁ ଏକ ପ୍ରମୁଖ ସମସ୍ୟା। ରାଜ୍ୟ ବନ ବିଭାଗ ପକ୍ଷରୁ ଶ୍ରୀ ସିଂହଦେଓଙ୍କୁ ମିଳିଥିବା ଉତ୍ତରରେ ସାଙ୍ଘାତିକ ତଥ୍ୟ ସାମ୍ନାକୁ ଆସିଛି। ସରକାରୀ ତଥ୍ୟ ଅନୁଯାୟୀ, ୨୦୨୪ରୁ ୨୦୨୬ ମଧ୍ୟରେ ରାଜ୍ୟରେ ମୋଟ ୭୩,୪୧୮ଟି ଜଙ୍ଗଲ ନିଆଁ ଘଟଣା ରିପୋର୍ଟ ହୋଇଛି। ଏଥିରେ ୨୦୨୪ରେ ୨୨,୮୬୮, ୨୦୨୫ରେ ୨୯,୭୦୯ ଏବଂ ୨୦୨୬ରେ ୨୦,୮୪୧ଟି ଘଟଣା ରହିଛି। ଏହି ସମୟରେ ୧୧,୭୩୨.୫୬୧ ହେକ୍ଟର ଜଙ୍ଗଲ ପ୍ରଭାବିତ ହୋଇଛି। ବଲାଙ୍ଗିର ଡିଭିଜନରେ ୨୦୨୪ରେ ୩୦୩, ୨୦୨୫ରେ ୯୦୧ ଏବଂ ୨୦୨୬ରେ ୨୧ଟି ଜଙ୍ଗଲ ନିଆଁ ଘଟଣା ରେକର୍ଡ ହୋଇଛି। ଏହି ୩ ବର୍ଷରେ ଯଥାକ୍ରମେ ୧୧୭.୨୭୨, ୨୨୨.୫ ଓ ୧୨.୭ ହେକ୍ଟର ଅଞ୍ଚଳ ପ୍ରଭାବିତ ହୋଇଛି। ସେହିପରି କାମ୍ପା ଅଧୀନରେ ଜାତୀୟ ପ୍ରାଧିକରଣରୁ ଓଡ଼ିଶା ୧୦,୨୨୯.୫୨ କୋଟି ଟଙ୍କା ପାଇଛି। ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ସୁଧ ସହ ମୋଟ ରାଶି ୧୧,୯୦୩.୧୬ କୋଟି ଟଙ୍କା ହୋଇଥିବା ଦର୍ଶାଯାଇଛି। ବିଭିନ୍ନ ଏପିଓ ଅଧୀନରେ ୬,୮୮୧.୨୩ କୋଟି ଟଙ୍କା ବ୍ୟୟ ହୋଇଛି। ଏଟିବି ଓ ସରକାରୀ ଋଣରେ ୪,୯୩୯.୬୦ କୋଟି ଟଙ୍କା ବିନିଯୋଗ ହୋଇଥିବା ଉତ୍ତରରେ ଉଲ୍ଲେଖ ରହିଛି। ଅବଶିଷ୍ଟ ପାଣ୍ଠି ୮୨.୩୩ କୋଟି ଟଙ୍କା ଦର୍ଶାଯାଇଛି। ଅନ୍ୟପକ୍ଷରେ ୨୦୨୧-୨୨ରୁ ୨୦୨୫-୨୬ ମଧ୍ୟରେ ୧୨,୭୯୪.୪୪୮ ହେକ୍ଟର ବନଜମି ଅଣ-ବନ ବ୍ୟବହାର ପାଇଁ ଡାଇଭର୍ଟ ହୋଇଥିବା ସରକାରୀ ଉତ୍ତରରେ କୁହାଯାଇଛି। ଏହା ବଦଳରେ ୨୩,୩୯୨.୩୩୭ ହେକ୍ଟର ଅଞ୍ଚଳରେ କ୍ଷତିପୂରକ ବନୀକରଣ ପାଇଁ ବ୍ୟବସ୍ଥା ହୋଇଛି। ୨୦୨୫-୨୬ ପର୍ଯ୍ୟନ୍ତ ୧୦,୧୫୫.୦୮୯ ହେକ୍ଟରରେ କ୍ଷତିପୂରକ ବନୀକରଣ ସମ୍ପନ୍ନ ହୋଇଥିବା ତଥ୍ୟରେ ଦର୍ଶାଯାଇଛି। ରାଜ୍ୟରେ ଜଙ୍ଗଲ ନିଆଁ ପ୍ରତିରୋଧ ଓ ବନ ସୁରକ୍ଷା ପାଇଁ ବର୍ତ୍ତମାନ ୧୬,୨୪୫ଟି ବନ ସୁରକ୍ଷା ସମିତି କାର୍ଯ୍ୟରତ ଥିବା ମନ୍ତ୍ରୀଙ୍କ ଉତ୍ତରରେ କୁହାଯାଇଛି।

ଜିଲ୍ଲାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପ୍ରବାସୀ ଶ୍ରମିକ ସମସ୍ୟା ପ୍ରଶ୍ନ ଉତ୍ତରରେ ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୩ ବର୍ଷରେ ବାହାର ରାଜ୍ୟରେ ମୃତ ୩୮୮ ଜଣ ଶ୍ରମିକଙ୍କ ମୃତଦେହ ସରକାରୀ ସହାୟତାରେ ନିଜ ଗାଁକୁ ଫେରାଇ ଆଣାଯାଇଛି। ଏହାସହ ୧୮୬ ଜଣ ଶିଶୁ ଶ୍ରମିକଙ୍କୁ ଇଟାଭାଟି ଓ ଅନ୍ୟାନ୍ୟ କାର୍ଯ୍ୟସ୍ଥଳରୁ ଉଦ୍ଧାର କରାଯାଇଛି। ବଲାଙ୍ଗିର, ବରଗଡ଼, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରୁ ମୋଟ ୫୨ ଜଣ ପ୍ରବାସୀ ଶ୍ରମିକଙ୍କ ମୃତଦେହ ଫେରାଇ ଆଣାଯାଇଥିବା ସୂଚନା ଦିଆଯାଇଛି। ଏଥିରେ ବଲାଙ୍ଗିରର ୨୦, ବରଗଡ଼ର ୫, କଳାହାଣ୍ଡିର ୩୨ ଓ ନୂଆପଡ଼ାର ୭ ଜଣ ରହିଛନ୍ତି।

ବର୍ତ୍ତମାନ ସମୟରେ ରାଜ୍ୟ ପାଇଁ ଏକ ବଡ ପ୍ରସଙ୍ଗ ସାଜିଥିବା ଏମଏମଡ଼ିଆର ସଂଶୋଧନ ଆଇନକୁ ନେଇ ଅନେକ ଚର୍ଚ୍ଚା ହେଉଛି। ଏହାର ରାଜସ୍ୱ ପ୍ରଭାବ ନେଇ ଏପର୍ଯ୍ୟନ୍ତ ସରକାର କୌଣସି ଆକଳନ କରି ନ ଥିବା ଉତ୍ତର ମିଳିଥିବା ଶ୍ରୀ ସିଂହଦେଓ ସୂଚନା ଦେଇଛନ୍ତି। ସଂଶୋଧିତ ଆଇନର ବିଭିନ୍ନ ପ୍ରାବଧାନ, ନିୟମ ଓ କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ ଚାଲିଥିବା ମନ୍ତ୍ରୀ କହିଛନ୍ତି। ଆଇନଗତ ଓ କାର୍ଯକାରିତା ସମ୍ପର୍କିତ ଦିଗଗୁଡ଼ିକ ସ୍ପଷ୍ଟ ହେବା ପରେ ହିଁ ଏହାର ପ୍ରକୃତ ତୁଳନାତ୍ମକ ଆର୍ଥିକ ଚିତ୍ର ସାମ୍ନାକୁ ଆସିବ ବୋଲି ଉତ୍ତରରେ କୁହାଯାଇଛି।

- ଓଡିଶା ଟି-୨୦ ଲିଗ୍‌ରେ ବଲାଙ୍ଗିରର ୩ ଯୁବ କ୍ରିକେଟର

## ସିଏମ୍ ଟ୍ରଫି-୨୦୨୬ ପାଇଁ ଦିବ୍ୟମ, ଓମ୍‌କାର ଓ ଯୋଗେଶ୍ୱର ମନୋନୀତ





ବଲାଙ୍ଗିର,୨୫।୯ (ସମିସ): ଓଡିଶା ଟି-୨୦ କ୍ରିକେଟ ଲିଗ୍ ୨୦୨୬ ସିଏମ୍ ଟ୍ରଫି ପାଇଁ ବଲାଙ୍ଗିର ଜିଲ୍ଲାର ୩ ଉଦୀୟମାନ କ୍ରିକେଟ ପ୍ରତିଭା ମନୋନୀତ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। କଣ୍ଟାବାଞ୍ଜି ସହରର ଦିବ୍ୟମ ଛାପଡିଆ, ବଲାଙ୍ଗିର ସହରର ଓମ୍‌କାର ମହାନ୍ତି ଏବଂ ଯୋଗେଶ୍ୱର ବାଗ ଏହି ପ୍ରତିଷ୍ଠିତ ଟି-୨୦ ଲିଗ୍‌ରେ ଭିନ୍ନ ଭିନ୍ନ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଓମ୍‌କାର ମହାନ୍ତିଙ୍କୁ ରାଉରକେଲା ଦଳ ଏବଂ ଯୋଗେଶ୍ୱର ବାଗଙ୍କୁ କେଉଁଝର ଦଳ ପକ୍ଷରୁ ମୋନୀତ କରାଯାଇଛି। ଦିବ୍ୟମ ଛାପଡିଆ ମଧ୍ୟ ରାଉରକେଲା ଦଳରୁ ନିଜ ପ୍ରତିଭା ପ୍ରଦର୍ଶନ ପାଇଁ ସୁଯୋଗ ପାଇଛନ୍ତି।

## ମାଙ୍କଡ଼ ଘଉଡ଼ାଇବାବେଳେ ଗଛରୁ ପଡ଼ି ଯୁବକ ମୃତ

ସଇଁତଳା,୨୫।୯ (ସମିସ): ମାଙ୍କଡ଼ ଘଉଡ଼ାଇବାକୁ ଯାଇ ଜଣେ ଯୁବକଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତକ ହେଲେ ସଇଁତଳା ବ୍ଲକ୍ ଡୁଙ୍ଗୁରିପାଲି ପଞ୍ଚାୟତ ଅଧୀନ ଜଳକପଦର ଗ୍ରାମ ସରାଫପଡ଼ାର ଧନୁର୍ଜ୍ୟ ସରାଫ। ମାଙ୍କଡ଼ ଘଉଡ଼ାଇବା ପାଇଁ ସେ ଏକ ତେନ୍ତୁଳି ଗଛ ଉପରେ ଚଢ଼ିଥିଲେ। ଅସାବଧାନତାରୁ ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଖବର ପାଇ ସଇଁତଳା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏଥିସହ ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ୍ ମଧ୍ୟ ଘଟଣାସ୍ଥଳରେ ଯାଞ୍ଚ କରିଥିଲା। ପୁଲିସ ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ପୁଲିସ ତଦନ୍ତ ଜାରି ରଖିଛି। ଏ ନେଇ ସଇଁତଳା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଯାଇଛି। ଏସ୍‌ଆଇ ରମାକାନ୍ତ ଲେଙ୍କା ତଦନ୍ତ କରୁଛନ୍ତି।

## ସାଗରପାଲିରେ ନାବାଳିକାଙ୍କ ଆତ୍ମହତ୍ୟା



ଦେଓଗାଁ,୨୫।୯ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଗାଇବାହାଲ ପଞ୍ଚାୟତ ଅଧୀନ ସାଗରପାଲିରେ ଜଣେ ନାବାଳିକା ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ନାବାଳିକା ଜଣକ ହେଲେ ସାଗରପାଲି ରେଲୱେ କଲୋନୀ ନିକଟରେ ରହୁଥିବା ଗୁଣସାଗର ଚନ୍ଦେଲଙ୍କ ସାନ ଝିଅ ସ୍ନେହା ଚନ୍ଦେଲ(୧୭)। ବିଳମ୍ବିତ ରାତିରେ ନିଜ ଘରେ ଏକ କୋଠରୀରେ ଥିବା ପଙ୍ଖାରେ ଝୁଲୁଥିବା ସକାଳୁ ପରିବାର ଲୋକେ ଦେଖି ସ୍ଥାନୀୟ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଶବ ଜବତ କରି ଭୀମଭୋଇ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅଧିକ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ଦୀପକ ଡୁଙ୍ଗଡୁଙ୍ଗ ସୂଚନା ଦେଇଛନ୍ତି।

## ଯଶୋଦା ଯୋଜନା ସଚେତନତା କାର୍ଯ୍ୟକ୍ରମ



ବଲାଙ୍ଗିର,୨୫।୯ (ସମିସ): ସ୍ଥାନୀୟ ବାଲାଜୀ କଲେଜ ଅଫ ନର୍ସିଂ ସଭାଗୃହଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଅରୁଣା ମିଳିତ ଉଦ୍ୟମରେ ଯଶୋଦା ଯୋଜନା ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲାଜୀ କଲେଜ ଅଫ ନର୍ସିଂର ଟିଉଟର ଜ୍ୟୋସ୍ନାମୟୀ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତୀ ଯଶୋଦା ଯୋଜନା ଉପରେ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଜଣାଇଥିଲେ। ଯଶୋଦା ଯୋଜନାର ଆବେଦନ ପ୍ରଣାଳୀ, ଦରଖାସ୍ତ, ବାର୍ଷିକ ଆୟ ପ୍ରମାଣ ପତ୍ର, ପିତା ମାତାଙ୍କ ମୃତ୍ୟୁ ପ୍ରମାଣ ପତ୍ର, ହିତାଧିକାରୀଙ୍କ ଆଧାର କର୍ଡ ଇତ୍ୟାଦି ନେଇ ଆଲୋଚନା ହୋଇଥିଲା। ଏହି ସଚେତନତା ଶିବିରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ଅରୁଣ ଖୁଆସ ଯୋଗଦେଇ କିଶୋର ନ୍ୟାୟ ଆଇନ୍, ବାଲ୍ୟ ବିବାହ ଆଇନ ଉପରେ ମତାମତ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କାଉନସେଲର ରାକେଶ ପଟେଲ, ଚାଇଲ୍ଡ ହେଲ୍ପ ଲାଇନ୍‌ର ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁବୋଧ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁମନ୍ଦିରରେ 'ନମାମି ଭାରତମ୍' କାର୍ଯ୍ୟକ୍ରମ



ମୁରିବାହାଲ, ୨୫।୯ (ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ସଦରମାହାକୁମର ସରସ୍ୱତୀ ଶିଶୁମନ୍ଦିର ପରିସରରେ "ନମାମି ଭାରତମ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ସୁମନାନନ୍ଦ ଖମାରୀଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଏଥିରେ ଶ୍ରୀବତ୍ସ ବେହେରା, ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ବିଧାୟକଙ୍କ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା ଏବଂ ପରିଚାଳନା ସମିତିର ସମ୍ପାଦକ ଭରତ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ "ବନ୍ଦେ ମାତରମ୍' ଗାନ କରାଯାଇଥିଲା। ଗୋବିନ୍ଦ ଚନ୍ଦ୍ର ଦାଶ, ଭଗବାନ ପଧାନ, ନିଳେନ୍ଦ୍ରି ନାଗ, ଜ୍ୟୋତିର୍ମୟୀ ଛନ୍ଦ, ଅନିତା ନାଏକ, ସଂଯୁକ୍ତା ମହାକୁର, ଜରିତା ନାଏକ, ସୋନିଆ ଭୋଇ, ମଞ୍ଜୁ ସେଠୀ, ସ୍ୱାତିଶ୍ରୀ ସାହୁ, ଡଲି ମାଝୀ ଓ କଳ୍ପନା ଡାଙ୍ଗ ପ୍ରମୁଖ ସହଯୋଗ କରିଥିଲେ।

## ବଲାଙ୍ଗିର ନାଗରିକ କମିଟିର କାର୍ଯ୍ୟକାରୀ କମିଟି ବୈଠକ



ବଲାଙ୍ଗିର,୨୫।୯ (ସମିସ): ବଲାଙ୍ଗିର ନାଗରିକ କମିଟିର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଡ. ଶ୍ରୀକର ମିଶ୍ର ସଭାପତିତ୍ୱ କରିଥିଲେ। ସାଧାରଣ ସଂପାଦକ ମଧୁସୂଦନ ନାୟକ ଗତ ଅଧିବେଶନର ବିବରଣୀ ପାଠ କରିଥିଲେ। ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

## ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା ଶିବିର ପାଇଁ ବୈଠକ



ତରଭା,୨୫।୯ (ସମିସ): ତରଭା ବ୍ଲକ ସଭାଗୃହରେ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା ଶିବିର ପାଇଁ ଗୋଷ୍ଠୀସ୍ତରୀୟ ସାମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ରବୀନ୍ଦ୍ର ମେହେର କାର୍ଯ୍ୟକ୍ରମକୁ ପରିଚାଳନା ସହ ଚକ୍ଷୁର ଯତ୍ନ, ପରୀକ୍ଷଣ ପଦ୍ଧତି, ପରୀକ୍ଷଣ ନିୟମ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ଅଶୋକ ମିଶ୍ର ବୈଠକର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ। ସ୍ଥାନୀୟ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଶିକ୍ଷାଦାତା ଅମିତା ଚାନ୍ଦ କାର୍ଯ୍ୟକ୍ରମ ପରିଚାଳନା ଓ ଉପଦେୟତା ବିଷୟରେ ମତବ୍ୟକ୍ତ କହିଥିଲେ। ସ୍ଥାନୀୟ ଅତିରିକ୍ତ ଶିକ୍ଷା ଅଧିକାରୀ ରାଧେଶ୍ୟାମ କୁଆଁର, ସିଡିପିଓ ସୁଦେଷ୍ଣା ମେହେର ପ୍ରମୁଖ ଯୋଗ ଦେଇ ନିଜନିଜ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ପରିଦର୍ଶିକା, ଶିକ୍ଷା ବିଭାଗର ସମସ୍ତ ସିଆରସିସି ଯୋଗ ଦେଇଥିଲେ। ଶିକ୍ଷା ବିଭାଗର ବିଆରପି ତ୍ରିନାଥ ସାମଲ କାର୍ଯ୍ୟକ୍ରମର ପୂର୍ଣ୍ଣ ବିବରଣୀ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବାନନ୍ଦ କର୍ମୀ ଅଧ୍ୟକ୍ଷତା କରିଥିଲେ। କୁମ୍ଭାରମୁଣ୍ଡା କ୍ଲଷ୍ଟର ସିଆରସିସି ସାରଙ୍ଗ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

- କ୍ଷତ୍ରୀୟ ଖଣ୍ଡାୟତ ସମାଜର ସାଙ୍ଗଠନିକ ମହା ସମାବେଶ

## ଏକତା ଓ ସଂଗଠନ ପାଇଁ ଡାକରା



ତରଭା,୨୫।୯ (ସମିସ): ତରଭା ବିଜୁ ପଟ୍ଟନାୟକ ପାର୍କ ନିକଟସ୍ଥ କଲ୍ୟାଣ ମଣ୍ଡପରେ ଶୁକ୍ରବାର ତରଭା ବ୍ଲକ୍ ମଣ୍ଡଳସ୍ତରୀୟ କ୍ଷତ୍ରୀୟ ଖଣ୍ଡାୟତ ସମାଜର ମହାସମାବେଶ ଆୟୋଜିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଗରିକ ତ୍ରିନାଥ ନାଏକ ଅଧ୍ୟକ୍ଷତା କରିଥିଲେ। ମହାସମାବେଶରେ ବରିଷ୍ଠ ନାଗରିକ ସିନ୍ଧୁଭୂଷଣ ଗୁରୁ, ସଂଜୀବ ନାଏକ, ଗୁଞ୍ଜୁରୁ ଗୁରୁ, ହିମାଂଶୁ ନାଏକ, ମହେନ୍ଦ୍ର ଗୁରୁ, କୁଶଳେଶ୍ୱର ନାଏକ, କ୍ଷମାନିଧି ନାଏକ, ବାବୁଲା ନାଏକ, ସାମ୍ବାଦିକ ନରୋତ୍ତମ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମାଜର ସାଙ୍ଗଠନିକ ସ୍ଥିତି ନେଇ ମତ ରଖିଥିଲେ। ମହାସମାବେଶରେ ତରଭା ଏନଏସି ଓ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଖଣ୍ଡାୟତ ସମାଜର ବ୍ୟକ୍ତି ବିଶେଷ ଯୋଗ ଦେଇ ସମାଜକୁ ସାଙ୍ଗଠନିକ ସ୍ତରରେ ମଜଭୁତ କରିବା ନେଇ ସମର୍ଥନ ଜଣାଇଥିଲେ। ସମାଜର ଇଷ୍ଟ ଦେବ ଦେବୀଙ୍କ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ବର୍ତ୍ତମାନ ପାଇଁ ସଂଗଠନକୁ ଆଗେଇ ନେବାକୁ ଏକ ଅସ୍ଥାୟୀ କମିଟି ଗଠନ କରାଯଇ ପରବର୍ତ୍ତୀ ସମମାବେଶରେ ଏକ ସ୍ଥାୟୀ କମିଟି ଗଠନ କରାଯିବା ନେଇ ମତ ପ୍ରକାଶ ପାଇଥିଲା। ଜଗନ୍ନାଥ ନାଏକ ଖଣ୍ଡାୟତ ସମାଜ ସଂଗଠନର ନେତୃତ୍ୱ ନେଇଥିବା ବେଳେ ଚିରଞ୍ଜିବୀ ନାଏକ ମଞ୍ଚ ପରିଚାଳନା କରିଥିଲେ। ଖଣ୍ଡାୟତ ସଂଗଠନର ନେତୃତ୍ୱ ନେଉଥିବା ସାମ୍ବାଦିକ କଲ୍ୟାଣ ନାଏକ ଧନ୍ୟବାଦ ଦେଇଥିଲେ। ବିଘ୍ନରାଜ ନାଏକ, ରାମ ନାଏକ, ଦ୍ୱିଜବର ଦଳବେହେରା, ଗୋବିନ୍ଦ ଗୁରୁ, ଶମ୍ଭୁ ଦ୍ୱାରୀ, ପୂର୍ବତନ ସରପଞ୍ଚ ଗଣେଶ୍ୱର ନାଏକ, ଧର୍ମରାଜ ନାଏକ, ଶୁକଦେବ ଗୁରୁ, ଧନଞ୍ଜୟ ନାଏକ, ଠଣସୁନ୍ଦର ନାଏକଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପତିଚଳନାରେ ସହଯୋଗ କରିଥିଲେ।

## ବଲାଙ୍ଗିର ଜିଲ୍ଲାସ୍ତରୀୟ ମହାଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ



ବଲାଙ୍ଗିର,୨୫।୯ (ସମିସ): ରାଜ୍ୟରେ ସମବାୟ ବ୍ୟବସ୍ଥାକୁ ଅଧିକ ସଶକ୍ତ ଓ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବ୍ୟାପୀ ମହାଅଭିଯାନ "ସମ୍ବନ୍ଧ'ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ବଲାଙ୍ଗୀର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ଅଡିଟୋରିୟମରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ବଲ୍ଲଭ ଧରୁଆ, ଜିଲ୍ଲାପାଳ ଗୌରଓ ଶିଓାଜୀ ଇସଲଓାର, ଉପଜିଲ୍ଲାପାଳ ଆଲୋକ ପଟେଲ, ସାଂସଦଙ୍କ ପ୍ରତିନିଧି ଦିନେଶ ଶର୍ମା, ବିଧାୟକଙ୍କ ପ୍ରତିନିଧି ସୁଶୀଲଚାନ୍ଦ ଏବଂ ସମବାୟ ସମିତି ସମୂହର ଉପନିବନ୍ଧକ ପ୍ରମୋଦ ବରିହା ପ୍ରମୁଖ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଉନ୍ମୋଚନ ସହ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିଲା। ଗ୍ରାମୀଣ ଅର୍ଥନୀତିର ସଶକ୍ତୀକରଣ ଓ ପ୍ରତ୍ୟେକ ପରିବାରକୁ ସମବାୟ କ୍ଷେତ୍ର ସହ ଯୋଡ଼ିବା ଲକ୍ଷ୍ୟରେ ଜିଲ୍ଲାରେ ଏହି ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାର ପ୍ରତ୍ୟେକ ଘରୁ ଅନ୍ତତଃ ଜଣେ ଲେଖାଏଁ ବ୍ୟକ୍ତିଙ୍କୁ ସମିତି ସଦସ୍ୟ ଭାବେ ଅନ୍ତର୍ଭୁକ୍ତ କରାଯିବ। ଗ୍ରାମାଞ୍ଚଳର ସାଧାରଣ ନାଗରିକ ଓ ଚାଷୀମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଅନୁସୂଚିତ ଜାତି, ଜନଜାତିଙ୍କ ସମେତ ମହିଳା ଓ ଯୁବପିଢ଼ିଙ୍କୁ ଅଭିଯାନରେ ବିଶେଷ ଗୁରୁତ୍ୱ ଦିଆଯିବ। ଜିଲ୍ଲାରେ ୧୩ଟି ଧାନ କ୍ରୟ କେନ୍ଦ୍ର ସହ ୭ଟି ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଓ ଗୋଦାମ ଲୋକାର୍ପିତ ହୋଇଛି। ସୁଦୃଢ଼ ସମବାୟ ବ୍ୟବସ୍ଥା ସହ କୃଷକଙ୍କ ସୁବିଧା, ସେବା ଓ ଆୟ ବୃଦ୍ଧିକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ କୃଷକ ପରିବାର ଏହି ମହାଅଭିଯାନରେ ସାମିଲ ହୋଇ ସମବାୟକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ସହ ଏକ ସମୃଦ୍ଧ ଓଡ଼ିଶା ଗଠନରେ ଭାଗୀଦାର ହେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ନୂଆ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



କଣ୍ଟାମାଳ,୨୫।୯ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଘଣ୍ଟାପଡ଼ା ପଞ୍ଚାୟତ ଅଧୀନ ଶ୍ରୀମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ଶିକ୍ଷକ ପୁରୁଶୋତ୍ତମ ବିଶ୍ୱାଳ ଯୋଗ ଦେଇଛନ୍ତି। ସେ ମାଳପଡ଼ା ପ୍ରାଥମିକ ବିଦାଳୟରେ ଦୀର୍ଘବର୍ଷ ଧରି ଶିକ୍ଷକତା କରୁଥିଲେ। ଶ୍ରୀମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସେ ଯୋଗ ଦେବା ଅବସରରେ ତାଙ୍କୁ ସ୍କୁଲ ପକ୍ଷରୁ ସ୍ୱାଗତ କରାଯାଇଥିଲା।

## କଣ୍ଟାମାଳରେ ବ୍ରହ୍ମ ସମାଜର ଅନ୍ତଃମୁଖୀ ମହାଯଜ୍ଞ

କଣ୍ଟାମାଳ,୨୫।୯ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ବ୍ଲକ୍ ଛକ ଶ୍ରୀରାମ ମନ୍ଦିରରେ ଅନନ୍ତମୁଖୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣ ସମାଜ ସଭାପତି ସନ୍ତୋଷ ବିଶିଙ୍କ ତତ୍ତ୍ୱାବଧାନରେ ବ୍ରାହ୍ମଣ ସମାଜର ସଦସ୍ୟଙ୍କ ଦ୍ୱାରା ଶ୍ରୀମଦ ଭାଗବତ ଗୀତା, ବିଷ୍ଣୁ ସହସ୍ର ନାମ ପାଠ କରାଯାଇଥିଲା। ଅନନ୍ତମୁଖୀ ମହାଯଜ୍ଞରେ ଆନନ୍ଦ ଚନ୍ଦ୍ର ପାଢ଼ୀ, ଅନୁପମା ପାଢ଼ୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସନତ ମିଶ୍ର ଯଜ୍ଞ କାର୍ଯ୍ୟରେ ପୌରୋହିତ୍ୟ କରିଥିଲେ। ବାଳକୃଷ୍ଣ ମିଶ୍ର ଓ ଆନନ୍ଦ ଚନ୍ଦ୍ର ପାଢ଼ୀ ମନ୍ଦିର ପୂଜା ଦାୟିତ୍ୱ ତୁଲାଇଥିଲେ। ବ୍ରାହ୍ମଣ ସମାଜର ନବୀନ ବିଶି, ରଘୁନାଥ ପାଣିଗ୍ରାହୀ, ବିଜୟ ପାଣିଗ୍ରାହୀ, ଆନନ୍ଦ ମିଶ୍ର, ସଞ୍ଜୟ ପଣ୍ଡା, ବେଦବର ପାଣି, ନାରାୟଣ ମିଶ୍ର, ରାଜକିଶୋର ମିଶ୍ର, ରଞ୍ଜନ ମିଶ୍ର, ମଧୁସୂଦନ ଦାସ, ସ୍ୱପ୍ନେଶ୍ୱର ପଣ୍ଡା, ସାନୁଜିତ ନନ୍ଦ, ବିରୂପାକ୍ଷ ମିଶ୍ର, ସତ୍ୟବାନ ମିଶ୍ର, ଗିରିଶ ଚନ୍ଦ୍ର ମିଶ୍ର, ଜୟକୃଷ୍ଣ ମିଶ୍ର, ଭକ୍ତଚରଣ ମିଶ୍ର, ସୁରେନ୍ଦ୍ର ମିଶ୍ର, ମଧୁସୂଦନ ଦାସ, ପଦ୍ମନାଭ ମିଶ୍ର, ସଞ୍ଜୟ ପ୍ରସାଦ ଦାସ, ତ୍ରିନାଥ ମିଶ୍ର, ଅର୍ଜୁନ ଦାସ, ଈଶ୍ୱରଚନ୍ଦ୍ର ପଣ୍ଡା, ନବଘନ ପାଣିଗ୍ରାହୀ, ମୀନକେତନ ରଥ, ଜୟକୃଷ୍ଣ ମିଶ୍ର, ବସନ୍ତ ପାଢ଼ୀ, ଭାଗ୍ୟଧର ମିଶ୍ର, ଯଜ୍ଞ ମିଶ୍ର, ବିଭୀଷଣ ହୋତା, ସନ୍ତୋଷ ମହାପାତ୍ର, ସୁବାସ ରଥ ପ୍ରମୁଖ ଭାଗବତ ପାଠ କରିଥିଲେ। ଘନଶ୍ୟାମ ମିଶ୍ର, ସମ୍ପାଦକ ଜୟକୃଷ୍ଣ ମିଶ୍ର, କୋଷାଧ୍ୟକ୍ଷ ସତ୍ୟନାରାୟଣ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜବରଦଖଲ ହୋଇଥିବା 'ରାଜେନ୍ଦ୍ର' ଜମି ଫେରାଇ ଆଣିବାକୁ ମନ୍ତ୍ରୀଙ୍କୁ ଫେରାଦ୍

## ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

ବଲାଙ୍ଗିର,୨୫।୯ (ସମିସ)

ରାଜେନ୍ଦ୍ର କଲେଜର ଜମି ଜବରଦଖଲ ମୁକ୍ତ କରିବାକୁ ବଲାଙ୍ଗିର ବିଜେଡି ଦାବି କରିଛି। ବଲାଙ୍ଗିର ଜିଲ୍ଲା ସଭାପତି ବିଜୁ ଛାତ୍ର ଜନତା ଦଳ ସୁମନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଏକ ପ୍ରତିନିଧି ଦଳ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ଏ ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧି ଦଳ ପକ୍ଷରୁ କୁହାଯାଇଛି ଯେ, ରାଜେନ୍ଦ୍ର କଲେଜ ଏକ ଐତିହାସିକ ଶିକ୍ଷାନୁଷ୍ଠାନ ଭାବେ ବଲାଙ୍ଗିର ତଥା ସମଗ୍ର ପଶ୍ଚିମ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଏକ ବିଶେଷ ସ୍ଥାନ ଅଧିକାର କରିଛି। ରାଜେନ୍ଦ୍ର କଲେଜର ପ୍ରତିଷ୍ଠା ସମୟରେ ଥିବା ଜମିର ପରିମାଣ ଏବଂ ବର୍ତ୍ତମାନ ଉପଲବ୍ଧ ଜମିର ପରିମାଣ ମଧ୍ୟରେ ବଡ଼ ପାର୍ଥକ୍ୟ ରହିଛି। ରାଜେନ୍ଦ୍ର କଲେଜର ମୂଳ ଜମି ପ୍ରାୟ ୨୦୦ ଏକର ଥିଲା। ବର୍ତ୍ତମାନ ପ୍ରାୟ ୬୦ ଏକରରେ ସୀମିତ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହା ଉଲ୍ଲେଖ କରିଛନ୍ତି ବୋଲି ପ୍ରତିନିଧି ଦଳ କହିଛି। ତେଣୁ ଅବଶିଷ୍ଟ ଜମିର ସ୍ଥିତି ଯାଞ୍ଚ କରାଯାଉ। ଯଦି କୌଣସି ଜମି ଜବରଦଖଲ କିମ୍ବା ଅନ୍ୟାନ୍ୟ ଉପାୟରେ ବିଶ୍ୱବିଦ୍ୟାଳୟର ଅଧିକାରରୁ ବାହାରେ ରହିଥାଏ ତାହାର ଆଇନଗତ ଯାଞ୍ଚ କରାଯାଉ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସ୍ୱାର୍ଥରେ ଉପଯୋଗ କରିବାକୁ ତାହା ଫେରାଇ ଆଣିବାକୁ ସରକାର ଗୁରୁତ୍ୱ ଦିଅନ୍ତୁ। ଏହାସହ ଏଥିସହ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ପର୍ଯ୍ୟାପ୍ତ ଆର୍ଥିକ ଅନୁଦାନ ଦିଆଯାଉ। ଗବେଷଣା କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ପାଇଁ ସ୍ୱତନ୍ତ୍ର ଗବେଷଣା ଅନୁଦାନ ଦିଆଯାଉ। ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ଗବେଷଣାର ସୁଯୋଗ ବୃଦ୍ଧି ଏବଂ ଆବଶ୍ୟକତା ଅନୁଯାୟୀ ନୂତନ ବିଭାଗ ଖୋଲିବାକୁ ଅନୁମତି ପ୍ରଦାନ ପାଇଁ ମଧ୍ୟ ଦାବି ରଖାଯାଇଛି। ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କୁହାଯାଇଛି ଯେ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଏକ ସୁଦୃଢ଼ ଉଚ୍ଚଶିକ୍ଷା ଓ ଗବେଷଣା କେନ୍ଦ୍ର ଭାବେ ବିକଶିତ କରିବା ପାଇଁ ଜମି, ଭିତ୍ତିଭୂମି, ଆର୍ଥିକ ସହାୟତା ଓ ନୂତନ ଶିକ୍ଷା ବିଭାଗ ଭଳି ମୌଳିକ ଆବଶ୍ୟକତାଗୁଡ଼ିକ ପ୍ରତି ସରକାର ଗୁରୁତ୍ୱ ଦେବା ଆବଶ୍ୟକ। ଏହି ପ୍ରତିନିଧି ଦଳରେ ଚିରଞ୍ଜୀବୀ ପ୍ରଧାନ, ମନିଷ ସାଏ, ଆରିୟନ ପଟେଲ, ରୋଶନ ସାହୁ ଓ ପ୍ରତ୍ୟୁଷ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ସକାଳ THE SAKALA



ଛତିଶଗଡ଼ ଉପରେ ଅବପାତ

# ଓଡ଼ିଶାରେ ଢାଳିଦେଇଗଲା ବର୍ଷା

## ୨୪ ଘଣ୍ଟାରେ ୧୧୫୧ ପ୍ରତିଶତ ଅଧିକ ବୃଷ୍ଟିପାତ: ବିପଦ ସଂକେତ ଉପରେ ପ୍ରମୁଖ ନଦୀର ଜଳସ୍ତର

ଭୁବନେଶ୍ୱର,୨୫।୯ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଦୁର୍ବଳ ହୋଇ ଅବପାତରେ ପରିଣତ ହୋଇଛି। ଏହି ଅବପାତ ଦକ୍ଷିଣ ଓଡିଶା ଓ ପାଶ୍ୱବର୍ତ୍ତୀ ସଂଲଗ୍ନ ଦକ୍ଷିଣ ଛତିଶଗଡ଼ ଉପରେ ସକ୍ରିୟ ରହିଛି। ଆଗାମୀ ୧୨ ଘଣ୍ଟା ମଧ୍ୟରେ ଏହା ଆହୁରି ଦୁର୍ବଳ ହୋଇ ସଦୃଶ ଲଘୁଚାପରେ ପରିଣତ ହେବ ଓ ଆଗକୁ ବଢ଼ିବ। ଏହି ଗଭୀର ଅବପାତର ପ୍ରଭାବ ଅପେକ୍ଷାକୃତ ରାଜ୍ୟ ଉପରେ କମିବାରେ ଲାଗିଛି। ମାତ୍ର ଗତ ୨୪ ଘଣ୍ଟା ମଧ୍ୟରେ ଏହି ଅବପାତ ଓଡ଼ିଶାରେ ଭୀଷଣ ବର୍ଷା କରାଯାଇଛି। ପାଣିପାଗ କେନ୍ଦ୍ର କହିଛି। ୨୪ ଘଣ୍ଟାରେ ୧୨ଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ରେକର୍ଡ ହୋଇଥିବା ବେଳେ ୩୭ଟି ସ୍ଥାନରେ ଅତିପ୍ରବଳ ବର୍ଷା ଓ ୬୫ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ସର୍ବାଧିକ ବର୍ଷା ନବରଙ୍ଗପୁରର ତେନ୍ତୁଳିଖୁଣ୍ଟିରେ ୩୯୫ ମିମି ରେକର୍ଡ ହୋଇଛି। ଏହାସହିତ ନନ୍ଦାହାଣ୍ଡିରେ ୩୪୪ ଓ ବୋରିଗୁମାରେ ୩୦୭ ମିମି ବର୍ଷା ରେକର୍ଡ ହୋଇଛି। ଏହାକୁ ମିଶାଇ ମୋଟ୍ ୧୨ ଟି ବ୍ଲକରେ ବର୍ଷାର ପରିମାଣ ୨୦୦ ମିମିରୁ ଅଧିକ ରହିଥିବା ବେଳେ ୫୧ଟି ସ୍ଥାନରେ ୧୦୦ ମିମିରୁ ଅଧିକ ବର୍ଷା ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ମୋଟ୍ ହାରାହାରି ବର୍ଷା ୬୮.୨ ମିମି ରେକର୍ଡ ହୋଇଛି। ଏହା ସ୍ୱାଭାବିକ ବର୍ଷା ୫.୪ ମିମି ତୁଳନାରେ ୧୧୫୧ ପ୍ରତିଶତ ଅଧିକ ରେକର୍ଡ ହୋଇଛି ବୋଲି ପାଣିପାଗ କେନ୍ଦ୍ର କହିଛି।

ବର୍ଷା ଯୋଗୁଁ ରାଜ୍ୟର ୭ ଟି ଜିଲ୍ଲାରେ ସବୁଠୁ ଅଧିକ ପ୍ରଭାବ ପଡ଼ିଛି। ବିଭିନ୍ନ ନଦୀରେ ଜଳସ୍ତର ବଢ଼ିବା ସହ କେତେକ ସ୍ଥାନରେ ରାସ୍ତା ଉପରେ ମଧ୍ୟ ପାଣି ଚାଲିଛି। ଦକ୍ଷିଣ ଓଡ଼ିଶାର ନବରଙ୍ଗପୁରରେ ଇନ୍ଦ୍ରାବତୀ ନଦୀରେ ବଡ଼ ବନ୍ୟା ଆସିଥିବା ବେଳେ ୫୫୯.୫୦୫ ମିଟର ଉପରେ ଜଳ ପ୍ରବାହିତ ହେଉଛି। ସେହିପରି ବୈତରଣୀ ନଦୀ ଉଭୟ ଆନ୍ଦପୁର ଓ ଆଖୁଆପଦାରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ବେଳେ ବୁଢ଼ାବଳଙ୍ଗ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ବେଳେ ସୁବର୍ଣ୍ଣରେଖା ମଧ୍ୟ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ଜଳକା ମଧ୍ୟ ବିପଦ ସଂକେତ ଟପିଛି। ବର୍ଷା ଓ ଏହାର ପରବର୍ତ୍ତୀ ସ୍ଥିତି ମୁକାବିଲା ପାଇଁ ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗିର ଜିଲ୍ଲାରେ ମୋଟ୍ ୩୩ଟି ଓଡ୍ରାଫ୍ ଟିମ୍ ସହ ୧ଟିଏ ଏନ୍‌ଡିଆରଏଫ୍ ଟିମ୍‌କୁ ନିୟୋଜିତ କରାଯାଇଛି। ଏହି ୭ ଜିଲ୍ଲା ସମେତ ନବରଙ୍ଗପୁର, ନୂଆପଡ଼ା ଓ କନ୍ଧମାଳକୁ ମିଶାଇ ମୋଟ୍ ୧୦ ଜିଲ୍ଲାର ୫୬ ଟି ବ୍ଲକ ବର୍ଷାରେ ପ୍ରଭାବିତ ହୋଇଛି ବୋଲି ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି। ଏହି ୫୬ ବ୍ଲକର ୨୭୨ ପଞ୍ଚାୟତ ଓ ୮୫୭ ଗାଁ ୨୮ ପୌରାଞ୍ଚଳ ୱାର୍ଡର ୧୮ ହଜାର ୪୬୬ ଲୋକ ପ୍ରଭାବିତ ହୋଇଛନ୍ତି। ଏବେ ସୁଦ୍ଧା ବର୍ଷାରେ ୪୦୪ଟି ଘର ଭାଙ୍ଗିଛି।

ଜୁନ ୧ରୁ ନେଇ ଆଜି ପର୍ଯ୍ୟନ୍ତ ରାଜ୍ୟରେ ସମୁଦାୟ ମୌସୁମୀ ୧୪୫୫.୧ ମିମି ରେକର୍ଡ ହୋଇଛି। ସ୍ୱାଭାବିକ ବର୍ଷା ୧୧୨୫.୭ ମିମି ତୁଳନାରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ ୨୯ ପ୍ରତିଶତ ଅଧିକ ରେକର୍ଡ ହୋଇଛି। ଶନିବାର ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାର କିଛି କିଛି ସ୍ଥାନରେ ଭାରି ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ଏହାପରେ ପାଗରେ ପରିବର୍ତ୍ତନ ଆସିବ ବୋଲି ପାଣିପାଗ କେନ୍ଦ୍ର କହିଛି।

## କାନ୍ଥ ପଡ଼ି ୩ ବର୍ଷର ଶିଶୁକନ୍ୟା ମୃତ

ତୁରୁମୁଙ୍ଗା, ୨୫।୯ (ସମିସ): ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସ୍ୱାମମୁଣ୍ଡା ସାହିରେ ଶୁକ୍ରବାର ଘଟିଛି ଅଘଟଣ। କାନ୍ଥ ପଡି ଜଣେ ୩ ବର୍ଷର ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ମୃତ ଶିଶୁ କନ୍ୟା ହେଲେ ସ୍ୱାମ ଗ୍ରାମର ବଲ୍‌ଟି ମୁଣ୍ଡାଙ୍କ ଝିଅ ପ୍ରମିଳା ମୁଣ୍ଡା। ସୂଚନା ଅନୁସାରେ, ଲଗାଣ ବର୍ଷା ହେଉଥିବା ସମୟରେ ଶିଶୁ କନ୍ୟାକୁ ପଡ଼ୋଶୀ ବାହାଦୁଲା ମୁଣ୍ଡାଙ୍କ ଏକ ପରିତ୍ୟକ୍ତ ଘର ନିକଟରେ ଛାଡି ମା' ରାଇମନି ଶୌଚ ହେବାକୁ ଯାଉଥିବା ସମୟରେ ହଠାତ କାନ୍ଥଟି ଭୁଶୁଡି ପଡିବାରୁ କାନ୍ଥ ତଳେ ଶିଶୁ କନ୍ୟା ଚାପି ହୋଇ ଯାଇଥିଲା।

## ମାଡ଼ି ଆସିଲା ପାଣି; ଭାସିଗଲା କାର୍



ଉଦଳା,୨୫।୯ (ସମିସ): ଚାରିଆଡେ ପାଣି ଆଉ ପାଣି। ଅଚାନକ ଆସିଲା ପାଣି ଓ ଭସାଇ ନେଲା କାର୍। କାର୍ ଭିତରେ ଦୁଇଜଣ ଦୁଇ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରହିଥିବାବେଳେ ସ୍ଥାନୀୟ ଲୋକ ଉଦ୍ଧାର କରିଥିବା ଜଣାପଡ଼ିଛି। ଏଭଳି ଘଟଣା ଉଦଳା ଥାନା ଅନ୍ତର୍ଗତ ନହରପଦା ଗ୍ରାମରେ ଘଟିଛି। ଦୁଷ୍ମନ୍ତ ଦେଶାରୀ ଓ ଅନ୍ୟଜଣେ ଏକ କାରରେ ନହରପଦା ଗ୍ରାମକୁ ଯାଉଥିଲେ। ସେମାନେ ଯାଉଥିବା ସମୟରେ ଅଚାନକ ରାସ୍ତାରେ ପାଣି ପ୍ରବାହିତ ହୋଇଥିଲା। ଫଳରେ କାର୍‌ଟି ପାଣି ସୁଅରେ ଭାସିଯାଇଥିଲା। ଦୀର୍ଘ ସମୟ ପରେ ଗ୍ରାମବାସୀ ଏହା ଦେଖି କାର୍‌କୁ ପାଣିରୁ ବାହାରକୁ ଆଣିଥିଲେ। କାର୍‌ରେ ଥିବା ଦୁଇଜଣଙ୍କୁ ଉଦ୍ଧାର କରିଥିଲେ।

### ପର୍ଯ୍ୟଟକ ଦମ୍ପତିଙ୍କୁ ମାଡ଼ ଘଟଣା

## ଏସ୍‌ପିଙ୍କୁ ଭେଟିଲା ମହିଳା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍



ପୁରୀ,୨୫।୯ (ସମିସ): ପର୍ଯ୍ୟଟନ ସହର ପୁରୀରେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ଆତିଥ୍ୟକୁ ନେଇ ପ୍ରଶ୍ନ ଉଠିଛି। ପୁରୀର ପ୍ରତ୍ୟେକ ହୋଟେଲ ଓ ରେଷ୍ଟୁରାଣ୍ଟରେ ପର୍ଯ୍ୟଟକଙ୍କୁ ଉତ୍ତମ ସୁରକ୍ଷା ଓ ଆତିଥ୍ୟ ଯୋଗାଇବା ସହ ଅଭିଯୋଗ ପଞ୍ଜୀକରଣ ପାଇଁ 'କମ୍ପ୍ଲେନ୍ ବକ୍ସ' ରଖିବାକୁ ଦାବି କରିଛି ବିଜୁ ମହିଳା ଜନତା ଦଳ। ଏଥିସହ ପ୍ରତ୍ୟେକ ହୋଟେଲରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବା ଆଇସିସି ଗଠନ କରାଯିବାକୁ ମଧ୍ୟ ଦଳ ପକ୍ଷରୁ ଦାବି ହୋଇଛି।

କର୍ଣ୍ଣାଟକ ମହୀଶୂରର ପର୍ଯ୍ୟଟକ ଦମ୍ପତିଙ୍କୁ ପୁରୀର ଏକ ରେଷ୍ଟୁରାଣ୍ଟରେ ମାଡ଼ ମରାଯିବା ଘଟଣା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ବିଜେଡିର ମହିଳା ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍ ପୁରୀ ଏସ୍‌ପିଙ୍କୁ ଭେଟିଛି। ଟିମ୍ ଏସ୍‌ପିଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ପର୍ଯ୍ୟଟକଙ୍କ ସୁରକ୍ଷା, ବିଶେଷକରି ମହିଳା ପର୍ଯ୍ୟଟକଙ୍କ ସୁରକ୍ଷା ନେଇ ଦାବିପତ୍ର ପ୍ରଦାନ କରିଛି। ଘଟଣାରେ ୭ ମାସର ଗର୍ଭବତୀ ମହିଳା ପର୍ଯ୍ୟଟକଙ୍କୁ ଯେଉଁଭଳି ଭାବେ ଆକ୍ରମଣ କରାଯାଇଥିଲା, ତାହାକୁ ନେଇ ଦଳ ପକ୍ଷରୁ ତୀବ୍ର ଉଦ୍‌ବେଗ ପ୍ରକାଶ କରାଯାଇଛି। ଏଥିରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ତୁରନ୍ତ କଡ଼ା ପଦକ୍ଷେପ ନେବା ସହ ଆକ୍ରମଣର ଶିକାର ମହିଳା ପର୍ଯ୍ୟଟକଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି ହୋଇଛି।

> **ପ୍ରତି ହୋଟେଲରେ ରହୁ 'କମ୍ପ୍ଲେନ୍ ବକ୍ସ'**
>
> **ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି**

ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ସମେତ ପର୍ଯ୍ୟଟନ ସହର ଶ୍ରୀକ୍ଷେତ୍ର ପୁରୀରେ ମଧ୍ୟ ପର୍ଯ୍ୟଟକଙ୍କ ସହ ଏଭଳି ଘଟଣା ଘଟିବା ଚିନ୍ତାର ବିଷୟ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହା ଫଳରେ ପର୍ଯ୍ୟଟକମାନେ ପୁରୀରେ ନିଜକୁ ସୁରକ୍ଷିତ ମନେ କରୁ ନ ଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ମହିଳା ପର୍ଯ୍ୟଟକ ପୁଣି ପୁରୀ ନ ଆସିବାକୁ କହିଥିବା ଘଟଣା ମଧ୍ୟ ପର୍ଯ୍ୟଟନ ସହରର ଭାବମୂର୍ତ୍ତି ଉପରେ ପ୍ରଭାବ ପକାଇଥିବା ଦଳ କହିଛି। ଏହି ଘଟଣା ସବୁ ମହିଳାଙ୍କୁ ମର୍ମାହତ କରିଛି।

ଏତେ ସବୁ ଘଟଣା ପରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଚୁପ୍ ବସିଥିବା ନେଇ ମଧ୍ୟ ବିଜେଡି ପକ୍ଷରୁ ପ୍ରଶ୍ନ ଉଠାଯାଇଛି।

ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆଙ୍କ ସମେତ ବରିଷ୍ଠ ବିଜେଡି ମହିଳା ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ସାଂସଦ ଡା. ରାଜଶ୍ରୀ ମଲ୍ଲିକ, ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ମିନତୀ ବେହେରାଙ୍କ ସମେତ ବହୁ ବିଜେଡି ମହିଳା ନେତ୍ରୀ ଏସ୍?ପିଙ୍କୁ ଭେଟିଥିଲେ। ଆଲୋଚନା ସମୟରେ ମହିଳା ଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ସୂଚନାନୁଯାୟୀ, ସମୁଦ୍ରକୂଳ ଥାନା ଅନ୍ତର୍ଗତ ଏକ ରେଷ୍ଟୁରାଣ୍ଟରେ ଖାଦ୍ୟରୁ ତ୍ରୁଟି ବାହାରିବାକୁ ନେଇ ପର୍ଯ୍ୟଟକ ଦମ୍ପତି ଆପତ୍ତି କରିଥିଲେ। ଏହାକୁ ନେଇ ରେଷ୍ଟୁରାଣ୍ଟ କର୍ମଚାରୀଙ୍କ ସହ ସେମାନଙ୍କର ବଚସା ହୋଇଥିଲା। ପରେ କର୍ମଚାରୀମାନେ ପର୍ଯ୍ୟଟକ ଦମ୍ପତିଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ମହିଳା ଜଣକ ୭ ମାସର ଗର୍ଭବତୀ ଥିବା ଜଣାପଡ଼ିଛି।

ମହିଳା ବିଜେଡି ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, ପୁଲିସ ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେଇ ଦୋଷୀଙ୍କୁ ଗିରଫ କରୁ। ଆକ୍ରମଣର ଶିକାର ହୋଇଥିବା ମହିଳା ପର୍ଯ୍ୟଟକଙ୍କୁ ନ୍ୟାୟ ମିଳୁ। ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ସହର। ବିଶ୍ୱ ମାନଚିତ୍ରରେ ପୁରୀ ଭଳି ପବିତ୍ର ଧାମରେ ଏଭଳି ଘଟଣା ଯେପରି ନ ଘଟେ, ସେନେଇ ଆବଶ୍ୟକ ଆଡଭାଇଜରି ଜାରି କରାଯାଉ। ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ କହିଛନ୍ତି, ପ୍ରତ୍ୟେକ ହୋଟେଲରେ ଇଣ୍ଟରନାଲ କମ୍ପ୍ଲେନ୍ ବ୍ୟବସ୍ଥା ରହିବା ଆବଶ୍ୟକ। ଆଇସିସି କମିଟି ଗଠନ କରାଯିବା କଥା। ହୋଟେଲରେ ରହୁଥିବା ମହିଳା କିମ୍ବା ଅନ୍ୟ କୌଣସି ପର୍ଯ୍ୟଟକ ଅସୁବିଧାର ସମ୍ମୁଖୀନ ହେଲେ ଯେପରି ନିଜ ଅଭିଯୋଗ ଜଣାଇପାରିବେ, ସେଥିପାଇଁ ବ୍ୟବସ୍ଥା ହେବା ଦରକାର। ଏ ନେଇ ଏସ୍‌ପିଙ୍କ ସହ ଆଲୋଚନା ହୋଇଛି। ଏସ୍‌ପି ହୋଟେଲ ସଂଘ ସହିତ ଆଲୋଚନା କରି ଏହାକୁ କାର୍ଯ୍ୟକାରୀ କରନ୍ତୁ। ହୋଟେଲରେ ରହୁଥିବା ପର୍ଯ୍ୟଟକଙ୍କ ଅଭିଯୋଗ ପଞ୍ଜୀକରଣ ପାଇଁ ପ୍ରତ୍ୟେକ ହୋଟେଲରେ ଗୋଟିଏ ଲେଖାଏ 'କମ୍ପ୍ଲେନ୍ ବକ୍ସ' ରଖାଯାଉ ବୋଲି ସେ ଦାବି କରିଛନ୍ତି। ଏହି ଟିମ୍‌ରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ଡା. ରାଜଶ୍ରୀ ମଲ୍ଲିକ, ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ମିନତୀ ବେହେରା ପ୍ରମୁଖ ସାମିଲ ଥିଲେ।

# ବୈତରଣୀରେ ଆସୁଛି ବଡ଼ ବନ୍ୟା

## କାଣୀ ନଦୀ ବନ୍ଧରେ ୧୦୦ ଫୁଟର ଘାଇ

କୟାଁଗୋଲା,୨୫।୯ (ସମିସ): ମାତ୍ର ୧୯ ଦିନ ତଳେ ବାଲିବସ୍ତା ପକାଇ ମରାମତି କରାଯାଇଥିବା ଘାଇ ପୁଣି ଭାଙ୍ଗିଲା। ବାଲିବସ୍ତା ଭସାଇ ନେଇ କାଣୀ ନଦୀର ଦୋଭାବିଲ-ପାଟଣାରେ ସୃଷ୍ଟି ହେଲା ୧୦୦ ଫୁଟର ଘାଇ। ଯେଉଁ ସ୍ଥାନରେ ପୂର୍ବରୁ ଆଠ ଥର ବନ୍ୟା ଜଳ ପ୍ରବେଶ କରି ଦଶରଥପୁର ବ୍ଲକର ୫/୬ଟି ପଞ୍ଚାୟତକୁ ଦୀର୍ଘ ୪୦ ଦିନ ଦରି ବନ୍ୟା ଘେରରେ ରଖିଥିଲା, ପୁଣି ସେଇ ଘାଇରେ ପ୍ରବାହିତ ହେଲା ବନ୍ୟାଜଳ। ଚଳିତ ଅବପାତ ଜନିତ ବର୍ଷାରେ ଏଭଳି ଦୁର୍ଦ୍ଦଶା ଭୋଗିଛନ୍ତି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକବାସୀ। ତୁହାକୁ ତୁହା ବର୍ଷା ସାଙ୍ଗକୁ ବୈତରଣୀ ଓ କାଣୀ ନଦୀରେ ପୁଣି ବଢୁଥିବା ଜଳସ୍ତର ବୃଦ୍ଧି ପାଇଛି। ଫଳରେ ଚଳିତ ବର୍ଷ ବାରମ୍ବାର ବନ୍ୟାର ସମ୍ମୁଖୀନ ହୋଇଥିବା ଦଶରଥପୁର ଅଞ୍ଚଳରେ ପୁଣି ନବମ ବନ୍ୟା ପହଞ୍ଚିଛି। ବୈତରଣୀ ନଦୀର ଜଳ ବିପଦ ସଙ୍କେତଠାରୁ ପ୍ରାୟ ୫ ଫୁଟ୍ ଉପରେ ପ୍ରବାହିତ ହେଉଥିବା ବେଳେ ଶତାଧିକ ଗାଁ ବର୍ଷା ଓ ବନ୍ୟାଜଳରେ ପ୍ରଭାବିତ ହୋଇଛି। ଘାଇ ଦେଇ ବନ୍ୟାଜଳ ପ୍ରବେଶ କରିବାରୁ ୩ଟି ପଞ୍ଚାୟତ ସହ ଅହିୟାସ ବଜାର ଅଞ୍ଚଳ ବୁଡ଼ିଯାଇଛି। ଅନେକ ଗାଁରେ ରାସ୍ତାଘାଟ ପାଣିରେ ବୁଡ଼ି ରହିଛି। ଘର ଭିତରେ ମଧ୍ୟ ବନ୍ୟାଜଳ ପଶିବା ଆଶଙ୍କା ଦେଖାଦେଇଛି।

### ପରିବର୍ତ୍ତନର ପ୍ରତିଫଳନ! କାନ୍ଦୁଛି ଦଶରଥପୁର, ଜବାବ ମାଗୁଛି ଯାଜପୁର



> **୪ ଦିନ ତଳେ ମରାମତି, ପୁଣି ଭାଙ୍ଗିଲା ନଦୀବନ୍ଧ**
>
> **ସୁଜାତାଙ୍କ ଇନ୍‌ଷ୍ଟାଗ୍ରାମ ପୋଷ୍ଟକୁ ନେଇ ଚର୍ଚ୍ଚା**

ଯାଜପୁର, ୨୫।୯: ଦଶରଥପୁର ଅଞ୍ଚଳରେ ନଦୀବନ୍ଧ ଭାଙ୍ଗିବା ଘଟଣାକୁ ନେଇ ବିଜେଡି ନେତ୍ରୀ ସୁଜାତା ରାଉତ କାର୍ତ୍ତିକେୟନଙ୍କ ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ସରକାରଙ୍କୁ କ।ଠଗଡ଼।କୁ ଟାଣିଛନ୍ତି। ମାତ୍ର ୪ ଦିନ ତଳେ ନଦୀବନ୍ଧର ମରାମତି କରାଯାଇଥିବା ସତ୍ତ୍ୱେ ପୁଣି ତାହା ଭାଙ୍ଗିଯିବାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଗତ ଜୁଲାଇ ମାସରେ ଏହି ସ୍ଥାନରେ କାଣୀ ନଦୀରେ ବନ୍ଧ ଭାଙ୍ଗିଥିଲା। ହଜାର ହଜାର ଲୋକ ପ୍ରଭାବିତ ହୋଇଥିଲେ। ଭୋକ ଉପାସରେ ଘରର ଛାତ ଉପରେ ସେମାନଙ୍କର ଦିନ କଟିଥିଲା। ଗତ ୪ ଦିନ ତଳେ ଏହି ଘାଇର ମରାମତି ହୋଇଥିଲା। ମାତ୍ର କେଇଟା ଦିନ ଯାଇନାହିଁ, ପୁଣି କାଣୀ ନଦୀରେ ସେହିସ୍ଥାନରେ ଘାଇ ହୋଇଛି। ଯାହାକୁ ନେଇ ସେ ସିଧାସଳଖ କଟାକ୍ଷ କରିଛନ୍ତି। ନଦୀବନ୍ଧ ଭାଙ୍ଗିବା ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶଙ୍କା ବଢ଼ିଥିବାବେଳେ ଏହାର ସ୍ଥାୟୀ ସମାଧାନ ଓ ମରାମତି କାମର ମାନକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ତେବେ ମରାମତି କାମ କେବେ, କେଉଁ ମାନଦଣ୍ଡରେ ଓ କେତେ ବ୍ୟୟରେ ହୋଇଥିଲା, ଏବଂ ପୁଣି ବନ୍ଧ ଭାଙ୍ଗିବାର ପ୍ରକୃତ କାରଣ କ'ଣ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।



ବନ୍ୟା ପାଣି ଧୀରେ ଧୀରେ ଗାଁ ଆଡ଼କୁ ମାଡ଼ି ଆସିବାରୁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଅନେକ ପରିବାର ନିଜ ଘର ଛାଡ଼ି ପୁଣି ନଦୀବନ୍ଧ ଉପରେ ଆଶ୍ରୟ ନେବା ଆରମ୍ଭ କରିଛନ୍ତି। କିଛିଦିନ ପୂର୍ବରୁ ବନ୍ୟାଜଳ କମିବା ପରେ ଯେଉଁମାନେ ଘରକୁ ଫେରିଥିଲେ, ପୁଣି ବନ୍ୟା ଆସିବାରୁ ସେମାନଙ୍କ ମଧ୍ୟରେ ନିରାଶା ଦେଖାଦେଇଛି। ଘର ସଫା କରି ସ୍ୱାଭାବିକ ଜୀବନକୁ ଫେରୁଥିବା ବେଳେ ପୁଣି ପାଣି ଘେରିବା ଲୋକଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି।

ବୈତରଣୀ ନଦୀରେ ଜଳସ୍ତର ବଢ଼ିବା ସହ ଚାନ୍ଦକୁଡ଼ା ଅଞ୍ଚଳରେ ବୈତରଣୀର ବଡ଼ବନ୍ଧ ଦବିବା ଖବର ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ବନ୍ଧ ଉପରେ ବନ୍ୟାଜଳର ଚାପ ବଢୁଥିବାରୁ ଲୋକେ ବନ୍ଧର ସ୍ଥିତି ଉପରେ ନଜର ରଖିଛନ୍ତି। ବନ୍ଧରେ କୌଣସି ସ୍ଥାନରେ ଘାଇ ହେଲେ ବ୍ୟାପକ ଅଞ୍ଚଳ ପ୍ରଭାବିତ ହେବା ଆଶଙ୍କା ରହିଛି। ଚାନ୍ଦକୁଡ଼ା ଅଞ୍ଚଳର ବନ୍ଧକୁ ନେଇ ସ୍ଥାନୀୟ ଲୋକେ ଚିନ୍ତା ପ୍ରକାଶ କରିବା ସହ ତୁରନ୍ତ ମରାମତି ଓ ସୁରକ୍ଷା ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। କାଣୀ ନଦୀରେ ଯେଉଁ ସ୍ଥାନରେ ପୂର୍ବରୁ ଘାଇ ସୃଷ୍ଟି ହୋଇଥିଲା, ସେଠାରେ ମରାମତି କାମ ଗତ ୭ ତାରିଖରେ ଶେଷ ହୋଇଥିଲା। ଘାଇ ବନ୍ଦ ହେବା ପରେ ୪୦ ଦିନ ଧରି ପାଣି ଘେରରେ ଥିବା ଅଞ୍ଚଳବାସୀ ଆଶ୍ୱସ୍ତ ହୋଇଥିଲେ। କିନ୍ତୁ ଏବେ ପୁଣି ସେହି ଅଞ୍ଚଳରେ ସେହି ସ୍ଥାନରେ ମରାମତିର ମାତ୍ର ୧୯ ଦିନରେ ବନ୍ଧ ଭାଙ୍ଗି ପ୍ରାୟ ୧୦୦ ଫୁଟର ଘାଇ ସୃଷ୍ଟି ହେବାରୁ ମରାମତି କାମର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟବାସୀଙ୍କ କହିବା ଅନୁସାରେ, ପ୍ରତିବର୍ଷ ଘାଇ ହେବା ପରେ ତରବରିଆ ଭାବେ ମରାମତି କରାଯାଉଛି। କିନ୍ତୁ ବନ୍ୟା ଆସିଲେ ପୁଣି ସମାନ ସମସ୍ୟା ଦେଖାଦେଉଛି। ଏଥର ମଧ୍ୟ ପୂର୍ବ ଘାଇ ମରାମତି ଶେଷ ହେବା ପରେ ପୁଣି ଘାଇ ସୃଷ୍ଟି ହେବାକୁ ନେଇ ଲୋକେ ପ୍ରଶାସନ ଓ ଜଳସମ୍ପଦ ବିଭାଗକୁ ଦାୟୀ କରିଛନ୍ତି।

ବନ୍ୟାଜଳ ବଢ଼ିବାରୁ ବହୁ ଅଞ୍ଚଳର ଚାଷଜମି ପାଣିରେ ବୁଡ଼ି ରହିଛି। ବାରମ୍ବାର ବନ୍ୟା ଆସିବାରୁ ଚାଷୀମାନେ ଏଥର ମଧ୍ୟ ଫସଲ ହରାଇବା ଆଶଙ୍କାରେ ଅଛନ୍ତି। ଏହାସହ ରାସ୍ତାଘାଟ ପାଣିରେ ବୁଡ଼ିବାରୁ ଗମନାଗମନରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଛି। ବନ୍ୟା ପରିସ୍ଥିତି ଆହୁରି ଖରାପ ହେଲେ ଲୋକଙ୍କୁ ଉଚ୍ଚସ୍ଥାନକୁ ସ୍ଥାନାନ୍ତର କରିବା, ଖାଦ୍ୟ, ପାନୀୟ ଜଳ, ଔଷଧ ଓ ପଶୁଖାଦ୍ୟ ଯୋଗାଇବା ଭଳି ବ୍ୟବସ୍ଥା ତୁରନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଘେରିଲେ ବିଜେପି...

ଏହାର ସ୍ଥିତି ସ୍ପଷ୍ଟ କରିବା ଉଚିତ। ନିର୍ବାଚନ ପ୍ରକ୍ରିୟାକୁ ନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେବା ଉଚିତ ନୁହେଁ। ଏହି କାରଣରୁ ଯେଉଁ ପ୍ରଶ୍ନ ଉଠୁଛି, ତାହାର ସ୍ପଷ୍ଟୀକରଣ କମିସନଙ୍କ ପକ୍ଷରୁ ସାର୍ବଜନୀନ ଭାବେ ଦିଆଯିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

ଏନ୍‌ଡିଏର ଅନ୍ୟତମ ସହଯୋଗୀ ତେଲୁଗୁ ଦେଶମ ପାର୍ଟି (ଟିଡ଼ିପି) ମଧ୍ୟ ନିର୍ବାଚନ କମିସନଙ୍କ ପାରଦର୍ଶିତା ଉପରେ ଗୁରୁତ୍ୱାରୋପ କରିଛି। ଲୋକସଭାରେ ଟିଡ଼ିପିର ସଂସଦୀୟ ଦଳ ନେତା ଲାଭୁ ଶ୍ରୀକୃଷ୍ଣ ଦେବରାୟଲୁ କହିଛନ୍ତି ଯେ ନିର୍ବାଚନ କମିସନ ଏକ ସାମ୍ବିଧାନିକ ସଂସ୍ଥା ହୋଇଥିବାରୁ ଏହାର କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରଶ୍ନ ଉଠିଲେ ଉପଯୁକ୍ତ ସ୍ପଷ୍ଟୀକରଣ ଦେବା ଦ୍ୱାରା ଜନସାଧାରଣଙ୍କ ବିଶ୍ୱାସ ଆହୁରି ଦୃଢ଼ ହେବ। ଏ କ୍ଷେତ୍ରରେ ମୁଖ୍ୟ ନିର୍ବାଚନ କମିସନର ତତ୍ପର ହେବା ଆବଶ୍ୟକ । ସେହିପରି ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆରଏଲ୍‌ଏମ୍) ମୁଖ୍ୟ ତଥା ରାଜ୍ୟସଭା ସାଂସଦ ଉପେନ୍ଦ୍ର କୁଶୱାହା ମଧ୍ୟ କମିସନଙ୍କଠାରୁ ସ୍ପଷ୍ଟୀକରଣ ଦାବି କରିଛନ୍ତି। କମିସନରମାନଙ୍କ ମଧ୍ୟରେ ଉଠିଥିବା ପ୍ରଶ୍ନକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଥିଲେ ଏହା ଦୂର କରିବା ପାଇଁ ମୁଖ୍ୟ ନିର୍ବାଚନ କମିସନ ଅଭିଯୋଗର ଆଧାରଗୁଡ଼ିକରେ ନିଜର ସ୍ଥିତି ସ୍ପଷ୍ଟ କରିବା ଆବଶ୍ୟକ ବୋଲି ଶ୍ରୀ କୁଶୱାହା କହିଛନ୍ତି । ଅନୁରୂପ ଭାବରେ ଏନ୍‌ଡ଼ିଏର ଆଉ ଜଣେ ସହଯୋଗୀ ଦଳ ଏହାର ସ୍ପଷ୍ଟୀକରଣ ଦାବି କରିଛି। ଆସାମରେ ଏନ୍‌ଡ଼ିଏର ସହଯୋଗୀ ୟୁପିପିଏଲ୍ ମୁଖ୍ୟ ନିର୍ବାଚନ କମିସନଙ୍କ ବିରୋଧରେ ଅଭିଯୋଗର ତଦନ୍ତ ନିମନ୍ତେ ସବୁ ରାଜନୈତିକ ଦଳର ସଦସ୍ୟଙ୍କୁ ନେଇ ଏକ ସଂସଦୀୟ କମିଟି ଗଠନ ଦାବି କରିଛି। ନିର୍ବାଚନ ପ୍ରକ୍ରିୟା ସହ ଜଡ଼ିତ ଏପରି ଅଭିଯୋଗର ତଦନ୍ତ ଏକ ବହୁଦଳୀୟ ସଂସଦୀୟ କମିଟି ମାଧ୍ୟମରେ ହେଲେ ଘଟଣାର ସମସ୍ତ ପାର୍ଶ୍ୱ ସାମ୍ନାକୁ ଆସିପାରିବ ବୋଲି ୟୁପିପିଏଲ୍ ପକ୍ଷରୁ କୁହାଯାଇଛି । ଏନ୍‌ଡ଼ିଏର ତିନି ସହଯୋଗୀ ଦଳଗୁଡ଼ିକର ଏପରି ଆଭିମୁଖ୍ୟ କେନ୍ଦ୍ର ସରକାରଙ୍କ ପାଇଁ ଅସ୍ୱସ୍ତି ବଢ଼ାଇଛି । ଅନ୍ୟପକ୍ଷରେ ବିରୋଧୀମାନଙ୍କୁ ମଧ୍ୟ ସରକାରଙ୍କୁ ଘେରିବା ପାଇଁ ଏହା ଅଧିକ ବଳ ଦେଇଛି ।

ଏକ ଜାତୀୟ ଗଣମାଧ୍ୟମରେ ନିର୍ବାଚନ କମିସନରେ ଥିବା ମତଭେଦ ଓ ଗତ ପ୍ରାୟ ୧୦ ମାସ ମଧ୍ୟରେ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଏସ୍‌ଆଇଆର୍ ସଂକ୍ରାନ୍ତରେ ୧୪ଥର ଆନୁଷ୍ଠାନିକ ଆପତ୍ତି ଉଠାଇଥିବା ରିପୋର୍ଟ ପ୍ରକାଶ ପାଇଥିଲା । ଯାହାକୁ ନେଇ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଛି। ନୂଆ ଭୋଟରଙ୍କ ପଞ୍ଜୀକରଣ ପାଇଁ ଥିବା ଫର୍ମ-୬ରେ ଏସଆଇଆର୍ ସମ୍ପର୍କିତ ପ୍ରଶ୍ନ ଯୋଡ଼ାଯିବା, ଭୋଟର ତାଲିକା ଡାଟାବେସ୍‌ରେ ପ୍ରବେଶାଧିକାର, ଭୋଟରଙ୍କ ନାମ ବାଦ୍ ଦେବା ଏବଂ କମିସନଙ୍କ ଡିଜିଟାଲ୍ ବ୍ୟବସ୍ଥା ଭଳି ପ୍ରସଙ୍ଗକୁ ନେଇ ସାରା ଦେଶରେ ସନ୍ଦେହ ବାତାବରଣ ସୃଷ୍ଟି ହୋଇଛି। ବିଶେଷକରି ଫର୍ମ-୬ରେ ଏସ୍‌ଆଇଆର୍ ସମ୍ପର୍କିତ ପ୍ରଶ୍ନ ଯୋଡ଼ାଯିବାର ଆଇନଗତ ଆଧାର ନେଇ ମଧ୍ୟ ପ୍ରଶ୍ନ ଉଠିଥିବା ରିପୋର୍ଟରେ କୁହାଯାଇଛି। ସାନ୍ଧୁ ଏହି ପରିବର୍ତ୍ତନକୁ 'ଅନଧିକୃତ ଓ ବେଆଇନ' ବୋଲି ଦର୍ଶାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଏହା ବ୍ୟତୀତ ଭୋଟର ତାଲିକା ଡାଟାବେସ୍‌ର କେନ୍ଦ୍ରୀକରଣ ଏବଂ ରାଜ୍ୟସ୍ତରୀୟ ଅଧିକାରୀଙ୍କ ପ୍ରବେଶାଧିକାର ସମ୍ପର୍କରେ ମଧ୍ୟ ପ୍ରଶ୍ନ ମୁଖ୍ୟ ନିର୍ବାଚନ କମିସନଙ୍କ ଭୂମିକାକୁ ସନ୍ଦେହାଛନ୍ନ କରିଛି ।

### ଗାନ୍ଧୀ ଜୟନ୍ତୀରୁ...

ଅଂଶଗ୍ରହଣ କରୁଛନ୍ତି ବୋଲି ଦୀପଙ୍କେ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଏପରି ନିର୍ବାଚନରେ ଅଂଶଗ୍ରହଣ ଏହାକୁ ବୈଧତା ଦେଉଛି। ଏସ୍‌ଆଇଆର୍‌କୁ ନେଇ ବିବାଦ ମଧ୍ୟରେ ନିର୍ବାଚନ କମିସନଙ୍କ କାର୍ଯ୍ୟପ୍ରଣାଳୀ ନେଇ ମଧ୍ୟ ଚର୍ଚ୍ଚା ଚାଲିଛି।

### ଜ୍ଞାନେଶଙ୍କୁ ପଦ୍ମଭୂଷଣ...

ଭାବେ ମତଦାନ କରିବାର ସୁଯୋଗ ମିଳିବା ଓ ଭୋଟର ତାଲିକା ସୁଧାରିବାରେ ଜ୍ଞାନେଶ କୁମାରଙ୍କ ପ୍ରମୁଖ ଭୂମିକା ରହିଛି। ଏଥିପାଇଁ ତାଙ୍କୁ ଅନ୍ତତଃ ପଦ୍ମ ଭୂଷଣ ସମ୍ମାନ ମିଳିବା ଉଚିତ ବୋଲି ସେ କହିଛନ୍ତି।

### ମୁଖ୍ୟ ନିର୍ବାଚନ କମିସନର୍...

ଦରକାର। ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ ହେବା ଦିନଠାରୁ ବିଜେଡି ଏହାକୁ ବିରୋଧ କରିଆସୁଛି ବୋଲି ସେ କହିଛନ୍ତି। ସେହିପରି ଏମଏମଡିଆର ସଂଶୋଧନ ଆଇନ ଉପରେ ମତ ରଖି ନବୀନ ବିଜେପିକୁ ସମାଲୋଚନା କରିଛନ୍ତି। ଏନେଇ କ୍ଷୋଭ ପ୍ରକାଶ କରି ସେ କହିଛନ୍ତି ଯେ ସଂସଦରେ ଏହି ବିଲକୁ ଓଡ଼ିଶାର ୨୦ ଜଣ ବିଜେପି ସାଂସଦ ସମର୍ଥନ କରିଥିବା ବେଳେ ଆମେ ଅନ୍ୟମାନଙ୍କୁ କାହିଁକି ଦୋଷ ଦେବା। ବିଜେଡି ଏହି ପ୍ରସଙ୍ଗକୁ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଭାବରେ ଉଠାଇବ ଯାହାଫଳରେ ଏଥିରେ ସମ୍ପୂର୍ଣ୍ଣ ସଂଶୋଧନ କରାଯାଇପାରିବ। ଏହି ପ୍ରକ୍ରିୟାରେ ଓଡ଼ିଶାର ରାଜସ୍ୱର ବହୁତ ବଡ଼ କ୍ଷତି ହେଉଛି ବୋଲି ସେ ମତ ଦେଇଛନ୍ତି।

### ଜ୍ଞାନେଶଙ୍କ ବିରୋଧରେ...

ଏଥିସହ ନୂଆ ଭୋଟରଙ୍କ ପଞ୍ଜୀକରଣ ପାଇଁ ବ୍ୟବହୃତ ମୂଳ 'ଫର୍ମ-୬'କୁ ପୁନଃ ଲାଗୁ କରିବାକୁ ମଧ୍ୟ ଦାବି ହୋଇଛି। ବିଭିନ୍ନ ରାଜ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର୍) ସମୟରେ ପ୍ରାୟ ୧୩ କୋଟି ଭୋଟରଙ୍କ ନାମ କିପରି ଭୋଟର ତାଲିକାରୁ ବାଦ ପଡ଼ିଲା, ତାହାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରିବାକୁ ମଧ୍ୟ ଆବେଦନରେ ଦାବି କରାଯାଇଛି। ପିଆଇଏଲ୍‌ରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ସମେତ ବରିଷ୍ଠ ଉପ ନିର୍ବାଚନ କମିସନର ମନୀଷ ଗର୍ଗ ଏବଂ ମହାନିର୍ଦ୍ଦେଶକ (ଆଇଟି) ସୀମା ଖାନ୍ନାଙ୍କ ବିରୋଧରେ ଆପରାଧିକ ମାମଲା ଆରମ୍ଭ କରିବାକୁ ମଧ୍ୟ ଦାବି କରାଯାଇଛି।

ଇତିମଧ୍ୟରେ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ରାସ୍ତାକୁ ଓହ୍ଲାଇଛି କଂଗ୍ରେସ। କଂଗ୍ରେସ ପକ୍ଷରୁ ଦିଲ୍ଲୀ ସମେତ ଆସାମ, ବିହାର, ଓଡ଼ିଶା, ମଣିପୁର, ପଶ୍ଚିମ ବଙ୍ଗ, ଉତ୍ତର ପ୍ରଦେଶ, ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ତେଲେଙ୍ଗାନା ସମେତ ଦେଶର ବିଭିନ୍ନ ସହରରେ ନିର୍ବାଚନ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ବିଭିନ୍ନ ସହରରେ ପୁଲିସ ସହିତ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଛନ୍ତି। ବିକ୍ଷୋଭକାରୀଙ୍କ ବିରୋଧରେ ପୁଲିସ ଲୁହବୁହା ଗ୍ୟାସ୍ ପ୍ରାୟୋଗ କରିବା ସହିତ ପାଣିମାଡ଼ କରିଛି। ଅନେକ ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇବାରୁ କଂଗ୍ରେସ କର୍ମୀଙ୍କୁ ଗିରଫ ମଧ୍ୟ କରାଯାଇଛି। ଏସ୍‌ଆଇଆରକୁ ନେଇ ମତଭେଦ ସଂପର୍କରେ 'ଦି ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଏକ ରିପୋର୍ଟ ପ୍ରକାଶ ପାଇବା ପରେ ନିର୍ବାଚନ କମିସନର ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ନେଇ ବିବାଦ ତୀବ୍ର ହୋଇଛି। ରିପୋର୍ଟରେ କୁହାଯାଇଥିଲା ଯେ, ଏସ୍‌ଆଇଆର୍ ସମ୍ପର୍କିତ କେତେକ ନିଷ୍ପତ୍ତିକୁ ନେଇ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଅତି କମ୍‌ରେ ୧୪ ଥର ଆପତ୍ତି ଦର୍ଜ କରିଥିଲେ। 'ଫର୍ମ-୬'ରେ ପରିବର୍ତ୍ତନ ଏବଂ ଭୋଟର ତାଲିକା ସମ୍ପର୍କିତ ତଥ୍ୟ ପରିଚାଳନା ଭଳି ବିଷୟରେ ମଧ୍ୟ ସେମାନେ ଆପତ୍ତି ଜଣାଇଥିବା ରିପୋର୍ଟରେ କୁହାଯାଇଥିଲା।

### ଚେନ୍ ସିଷ୍ଟମରେ ଚାକିରି ଠକେଇ

## ଲଜ୍ ଛାତରୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

> **ସହଯୋଗୀ ଅଟକ, ପୁଲିସର ଛାନ୍‌ଭିନ୍**

ନୟାଗଡ଼, ୨୫।୯ (ସମିସ): ନୟାଗଡ଼ ସହର ଖଣ୍ଡପଡ଼ା ରାସ୍ତାରେ ଥିବା ଏକ ଲଜ୍ ଛାତରୁ ଡେଇଁ ଶୁକ୍ରବାର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବ୍ରହ୍ମପୁର ଆମ୍ବପୁଆର ପ୍ରଫୁଲ୍ଲ ପଟ୍ଟନାୟକଙ୍କ ପୁଅ ସ୍ୱପ୍ନେଶ୍ୱର ପଟ୍ଟନାୟକ। ସ୍ୱପ୍ନେଶ୍ୱର କିଛିଦିନ ହେବ ଉକ୍ତ ଲଜରେ ରହିଥିଲେ। ଏକ ଚେନ୍ ସିଷ୍ଟମ ଚାକିରି ଠକେଇର ଶିକାର ହୋଇଥିବା ବ୍ୟକ୍ତିଙ୍କ ଦ୍ୱାରା ଚାପଗ୍ରସ୍ତ ହୋଇ ସେ ସେମାନଙ୍କୁ ଟଙ୍କା ଫେରାଇବାକୁ ଡାକିଥିଲେ। ତାଙ୍କ ସହ ଗତ ୫ ଦିନ ହେଲା ବ୍ରହ୍ମପୁର ଅଞ୍ଚଳର ୯ ଜଣ ଉକ୍ତ ଲଜ୍‌ରେ ରହିଥିଲେ। ସରକାରୀ ଚାକିରି କରାଇଦେବାକୁ କହି ସ୍ୱପ୍ନେଶ୍ୱର ବିଭିନ୍ନ ଲୋକଙ୍କ ଜରିଆରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିଲେ। ଏହି ଟଙ୍କା ସେ ଶରଣକୁଳ ଅଞ୍ଚଳର ଏକ ପବ୍ଲିକ୍ ସ୍କୁଲ ମାଲିକ ପ୍ରଶାନ୍ତ ସାହୁଙ୍କୁ ଦେଇଥିଲେ ବୋଲି ସହଯୋଗୀ ପ୍ରକାଶ ଗୌଡ଼ କହିଛନ୍ତି। ଏ ନେଇ ପୂର୍ବରୁ ବ୍ରହ୍ମପୁରରେ ଟଙ୍କା ଦେଇଥିବା ଲୋକ ଏବଂ ସପ୍ନେଶ୍ୱର ଓ ପ୍ରଶାନ୍ତଙ୍କ ଉପସ୍ଥିତିରେ ଆଜି ଟଙ୍କା ଫେରସ୍ତ କରିବାକୁ କଥାବାର୍ତ୍ତା ହୋଇଥିଲା। ଯାହାକୁ ନେଇ ସ୍ୱପ୍ନେଶ୍ୱର ଓ ଅନ୍ୟ ଲୋକମାନେ ଗତ ୨୦ ତାରିଖରୁ ଉକ୍ତ ଲଜରେ ରହୁଥିଲେ। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ସ୍ୱପ୍ନେଶ୍ୱର ଲଜରେ ଥିଲେ। ସେ କାହାକୁ ନିଜ ମୋବାଇଲରୁ କଲ କରି କଥା ହେବା ସହ ବ୍ୟସ୍ତବିବ୍ରତ ଅବସ୍ଥାରେ ବୁଲିଥିଲେ। ପ୍ରଥମେ ଲଜ୍ ରୁମରେ ଥିବା ଝରକା ଖୋଲିବାକୁ ଚେଷ୍ଟା କରିଥିଲେ। ତେବେ ଝରକା ନ ଖୋଲିବାରୁ ସେ ଛାତ ଉପରକୁ ଯାଇ ତଳକୁ ଡେଇଁ ପଡ଼ିଥିବା ସିସିଟିଭିରେ କଏଦ ହୋଇଛି। ତାଙ୍କ ସହ ଲଜରେ ରହିଥିବା ବ୍ରହ୍ମପୁର ଅଞ୍ଚଳର ପ୍ରକାଶ ଗୌଡ଼ ଓ ଅନ୍ୟମାନେ ତୁରନ୍ତ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୟାଗଡ଼ ଟାଉନଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ସାଥୀରେ ରହିଥିବା ଏକାଧିକ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ନୟାଗଡ ଏସଡିପିଓ ସୃଷ୍ଟି ପ୍ରଧାନ, ଟାଉନଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ ଏବଂ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଆତ୍ମହତ୍ୟା ଘଟଣା ପଛରେ ରହିଥିବା ଚାକିରି ରାକେଟରେ ବହୁ ଲୋକ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି। ସ୍ୱପ୍ନେଶ୍ୱର ଫୋନରେ କାହା ସହ ଦୀର୍ଘ ସମୟ ଧରି କଥା ହେଉଥିଲେ, ଚାକିରି ରାକେଟରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ସମ୍ପର୍କରେ ଅଧିକ ତଦନ୍ତ କଲେ ବହୁ ରହସ୍ୟ ସ୍ପଷ୍ଟ ହେବ ବୋଲି କୁହାଯାଉଛି। ଏହି ଘଟଣାକୁ ନେଇ ନୟାଗଡ଼ ଟାଉନଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।



## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି । ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ । ଆର୍ଥିକ ସମସ୍ୟା ଦେଖାଦେଇ ପାରେ ।

**ବୃଷ:** ବିଦ୍ୟାର୍ଥୀ କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ଦୀର୍ଘ ଦିନର ଆଶା ପୂରଣ ହୋଇପାରେ । କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି । ପାରିବାରିକ ସୁଖ ଶାନ୍ତି ମିଳିପାରେ । ଯାନବାହନ କ୍ରୟ କରିପାରନ୍ତି । ଚକ୍ଷୁ ସମସ୍ୟା ହୋଇପାରେ । ପିଲାଙ୍କ ଭବିଷ୍ୟତ ପାଇଁ ପିତାମାତା ଚିନ୍ତା କରିବେ ।

**କର୍କଟ:** ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ । ଲୋକ ସମ୍ପର୍କ ବୃଦ୍ଧି ପାଇପାରେ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ଆଶା କରିଥିବା ଦିଗରୁ ଧନ ମିଳିପାରେ ।

**ସିଂହ:** ଦିନଟି ଶୁଭଫଳ ପ୍ରଦାନ କରିବ । ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି । ଅତିଥି ସତ୍କାର କରିପାରନ୍ତି । ବ୍ୟବସାୟରୁ ଲାଭ ମିଳିପାରେ । ମାନ ସମ୍ମାନ ବୃଦ୍ଧି ପାଇବ ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ଲୋକ ସମ୍ପର୍କ ବୃଦ୍ଧି ପାଇବ । ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିପାରେ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି । ସଙ୍ଗୀତ ପ୍ରତି ରୁଚି ବଢ଼ିବ ।

**ଧନୁ:** ନୂତନ ବ୍ୟବସାୟ ଆରମ୍ଭ କରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ଯାତାୟାତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ଉଧାର ଦେଇଥିବା ଟଙ୍କା ଫେରି ପାଇବେ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ମହିଳାମାନେ ଅଳଙ୍କାର କିଣାକିଣିରେ ସମୟ ଦେବେ ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି । ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ । ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି । ଧୈର୍ଯ୍ୟ ରଖି ଚାଲନ୍ତୁ । ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ସୁଖମୟ ହେବ । ମହିଳାଙ୍କ ଦାୟିତ୍ୱ ବଢ଼ିପାରେ । କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ । ପୁରୁଣା ନିବେଶରୁ ଲାଭ ମିଳିପାରେ ।

## ଆଜିର ଐତିହ୍ୟ

- ୧୮୨୦- ମହାନ୍ ସମାଜ ସଂସ୍କାରକ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଜନ୍ମ ।
- ୧୮୭୨-ନ୍ୟୁୟର୍କରେ ପ୍ରଥମ ମନ୍ଦିର ନିର୍ମାଣ କରାଗଲା ।
- ୧୯୧୯- ରୋଟାରୀ କ୍ଲବ୍ ଅଫ୍ ଇଣ୍ଡିଆର ପ୍ରଥମ ବୈଠକ କୋଲକାତାରେ ହୋଇଥିଲା ।
- ୧୯୫୦- ଇଣ୍ଡୋନେସିଆ ମିଳିତ ଜାତିସଂଘର ସଦସ୍ୟ ହେଲା ।
- ୧୯୮୬- ବ୍ରିଟେନ୍ ଓ ଚୀନ୍ ମଧ୍ୟରେ ହଂକଂକୁ ନେଇ ବୁଝାମଣା ହେଲା ।

# ଅନନ୍ୟ ସଂଗ୍ରହାଳୟ



ଗୁଜରାଟ ଜାମନଗର ସହରର ପଞ୍ଚେଶ୍ୱର ଟାୱାର ଅଞ୍ଚଳର ଦିଲୀପ ଧ୍ରୁବଙ୍କ ଘର ପ୍ରଭୁ ଶ୍ରୀଗଣେଶଙ୍କର ଏକ ଅନନ୍ୟ ସଂଗ୍ରହାଳୟ ପାଲଟିଛି । ଏହି ସଂଗ୍ରହାଳୟ ପଛରେ ରହିଛି ଜଣେ ମଣିଷର ୪୦ ବର୍ଷର ଅକ୍ଲାନ୍ତ ପରିଶ୍ରମ, ଅସୀମ ଧୈର୍ଯ୍ୟ ଏବଂ ଭଗବାନ ଶ୍ରୀଗଣେଶଙ୍କ ପ୍ରତି ଥିବା ଭକ୍ତିଭାବ । ଦିଲୀପ ଗତ ୪୦ ବର୍ଷ ଧରି ଭଗବାନ ଗଣପତିଙ୍କ ସହିତ ଜଡ଼ିତ ପ୍ରତ୍ୟେକ ଛୋଟବଡ଼ ସାମଗ୍ରୀକୁ ସଂଗ୍ରହ କରି ଚାଲିଛନ୍ତି । ଦଶନ୍ଧି ଦଶନ୍ଧିର ଏହି ସାଧନାର ପରିଣାମ ସ୍ୱରୂପ, ଆଜି ତାଙ୍କ ପାଖରେ ପ୍ରାୟ ଗଣପତିଙ୍କ ସମ୍ପର୍କିତ ୩,୦୦୦ କଳାକୃତିର ଏକ ବିଶାଳ ଭଣ୍ଡାର ସୃଷ୍ଟି ହୋଇଛି । ଦିଲୀପଙ୍କ ମ୍ୟୁଜିୟମରେ ଶ୍ରୀଗଣେଶଙ୍କର ଏଭଳି ପ୍ରତିକୃତି ସବୁ ଦେଖିବାକୁ ମିଳେ, ଯାହା ସାଧାରଣତଃ ଅନ୍ୟ କେଉଁଠି ଦେଖିବା ବିରଳ । ବିଭିନ୍ନ ଧାତୁ, ପଥର, ମାଟି ଏବଂ କାଠରେ ତିଆରି ଭିନ୍ନ ଭିନ୍ନ ଆକାରର ପ୍ରାୟ ୮୦୦ଟି ଗଣେଶ ମୂର୍ତ୍ତି ଏଠାରେ ସୁସଜ୍ଜିତ ହୋଇ ରହିଛି । ସେହିଭଳି ସୁନ୍ଦର କାଠ ଫ୍ରେମ୍‌ରେ ବନ୍ଧା ହୋଇଥିବା ଗଣପତିଙ୍କର ପ୍ରାୟ ୫୦୦ଟି ଦୁର୍ଲଭ ଫଟୋ କାନ୍ଥଗୁଡ଼ିକୁ ଶୋଭାମଣ୍ଡିତ କରୁଛି । କେବଳ ମୂର୍ତ୍ତି କିମ୍ବା ଫଟୋ ନୁହେଁ, ଦିଲୀପଙ୍କ ପାଖରେ ଗଣେଶଙ୍କ ଆକୃତିର ପ୍ରାୟ ୨୦୦ଟି ଭିନ୍ନ ଭିନ୍ନ ଡିଜାଇନ୍‌ର କି-ରିଙ୍ଗ୍ ମଧ୍ୟ ରହିଛି । ମୂର୍ତ୍ତି ବ୍ୟତୀତ ପ୍ରଭୁ ଗଣେଶଙ୍କ ମହିମା, ପୂଜା ପଦ୍ଧତି ଏବଂ ପୁରାଣ ଉପରେ ଆଧାରିତ ଅନେକ ବହି ମଧ୍ୟ ଏହି ସଂଗ୍ରହର ଅଂଶବିଶେଷ । ଦିଲୀପଙ୍କ ପାଇଁ ଏହା କେବଳ ଏକ ନିଶା ନୁହେଁ, ତାଙ୍କ ଜୀବନର ସବୁଠାରୁ ବଡ଼ ସାଧନା । ଦେଶର ବିଭିନ୍ନ ସ୍ଥାନରୁ ସେ ପ୍ରଭୁ ଗଣେଶଙ୍କ ସହ ଜଡ଼ିତ ସାମଗ୍ରୀଗୁଡ଼ିକୁ ଖୋଜି ଖୋଜି ନିଜ ଘରକୁ ଆଣିଛନ୍ତି । ପ୍ରତିଦିନ ସେ ଏହି ସମସ୍ତ ମୂର୍ତ୍ତି ଓ ସାମଗ୍ରୀଗୁଡ଼ିକ ସଫାସୁତୁରା ନିଜେ କରନ୍ତି । ଆଜି ଜାମନଗରରେ ଦିଲୀପଙ୍କ ଏହି ସଂଗ୍ରହାଳୟକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ସହ ଶ୍ରଦ୍ଧାଳୁମାନଙ୍କର ମଧ୍ୟ ଭିଡ଼ ଜମୁଛି । ଦିଲୀପଙ୍କର ଏହି ନିଆରା ପ୍ରୟାସ ପ୍ରମାଣିତ କରୁଛି ଯେ, ଯଦି ମନରେ ସାଧନା ଓ ଭକ୍ତି ଥାଏ, ତେବେ ମଣିଷ ନିଜ ଘରକୁ ହିଁ ମନ୍ଦିର ବା ସଂଗ୍ରହାଳୟରେ ପରିଣତ କରିପାରେ ।

# 'ଉଡ୍‌ତା ତୀର୍'ର ଟ୍ରେଲର୍ ରିଲିଜ୍



ବଲିଉଡ୍ ଅଭିନେତା ଆୟୁଷ୍ମାନ୍ ଖୁରାନାଙ୍କ ବହୁ ପ୍ରତିକ୍ଷୀତ ଚଳଚ୍ଚିତ୍ର 'ଉଡ୍‌ତା ତୀର୍'କୁ ନେଇ ଦୀର୍ଘ ଦିନ ହେବ ଚର୍ଚ୍ଚା ଚାଲିଛି । କିଛି ଦିନ ପୂର୍ବରୁ ଏହି ସିନେମାର ପୋଷ୍ଟର୍ ସାମ୍ନାକୁ ଆସିଥିଲା । ଏବେ ଏହି ସ୍ପାଇ କମେଡି ଥ୍ରୀଲରର ଟ୍ରେଲର ରିଲିଜ୍ ହୋଇଛି । ଟ୍ରେଲର୍‌ରେ ଆୟୁଷ୍ମାନ ଜଣେ ପାକିସ୍ତାନୀ ଗୁପ୍ତଚର ଭୂମିକାରେ ନଜର ଆସିଛନ୍ତି । ଆୟୁଷ୍ମାନ୍‌ଙ୍କ ଚଳଚ୍ଚିତ୍ର 'ପତି ପତ୍ନୀ ଔର ୱୋ ଦୋ' ଫ୍ଲପ୍ ହେବା ପରେ ସେ ଏହି ଫିଲ୍ମକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି । ନିକଟରେ ଧର୍ମା ପ୍ରଡକ୍ସନ୍ସ ଏହାର ଅଫିସିଆଲ୍ ଟ୍ରେଲର ରିଲିଜ୍ କରିଛି, ଯାହା ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି । ପ୍ରାୟ ୩ ମିନିଟ୍ ୧୮ ସେକେଣ୍ଡର ଏହାର ଟ୍ରେଲର୍ ଦେଖିଲେ ଜଣାପଡୁଛି ଯେ, ଏଥର ଦର୍ଶକଙ୍କୁ କମେଡି, ଆକ୍ସନ ଏବଂ ଦେଶଭକ୍ତିର ଏକ ନିଆରା ସମ୍ମିଶ୍ରଣ ଦେଖିବାକୁ ମିଳିବ । ଟ୍ରେଲର ଅନୁଯାୟୀ, ଆୟୁଷ୍ମାନ ଏଥିରେ 'ବିଲାଲ' ନାମକ ଜଣେ ପାକିସ୍ତାନୀ ଗୁପ୍ତଚର ଚରିତ୍ରରେ ଅଭିନୟ କରୁଛନ୍ତି । ଏକ ବୋମା ବିସ୍ଫୋରଣରେ ସେ ନିଜର ସ୍ମୃତି ଶକ୍ତି ହରାଇ ବସନ୍ତି ଏବଂ ସେ ଭାରତର ଆଣ୍ଟି-ଟେରରିଜିମ୍ ସ୍କ୍ୱାଡର ଜଣେ ସଚ୍ଚୋଟ ଅଫିସର ବୋଲି ନିଜକୁ ଭାବନ୍ତି । ଏହି ଅଜବ ପରିସ୍ଥିତି କାହାଣୀକୁ କେତେ ହାସ୍ୟରସାତ୍ମକ ଏବଂ ରୋମାଞ୍ଚକର କରୁଛି, ତାହା ଟ୍ରେଲର୍‌ରୁ ସ୍ପଷ୍ଟ ଜଣାପଡୁଛି । ଏଥିରେ ଆୟୁଷ୍ମାନ୍‌ଙ୍କ ବିପକ୍ଷରେ ସାରା ଅଲ୍ଲୀ ଖାନ୍ ନଜର ଆସିବେ । ସାରା ଜଣେ ଭାରତୀୟ ସିଟିଏସ୍ ଅଫିସର ଭୂମିକାରେ ଦେଖାଯାଇଛନ୍ତି, ଯିଏ ଆୟୁଷ୍ମାନଙ୍କ ପ୍ରକୃତ ପରିଚୟ ବିଷୟରେ ଅଜ୍ଞ । ନିର୍ଦ୍ଦେଶକ ଆକାଶ ଏ. କୌଶିକ ଏହି ଫିଲ୍ମରେ ରାହୁଲ ବୋଷ, ରାମ କପୁର, ଗୁଲଶନ ଗ୍ରୋଭର, ମୁକୁଲ ଦେବ, ଏବଂ ବ୍ରିଜେନ୍ଦ୍ର କଲାଙ୍କ ଭଳି କଳାକାରମାନଙ୍କୁ ଏକାଠି କରିଛନ୍ତି, ଯାହା ଟ୍ରେଲର୍‌କୁ ଅଧିକ ଆକର୍ଷଣୀୟ କରିଛି । ଟ୍ରେଲର୍‌କୁ ମିଳୁଥିବା ପ୍ରତିକ୍ରିୟାରୁ ଜଣାପଡୁଛି ଯେ, ଦର୍ଶକେ ପୁଣିଥରେ ଆୟୁଷ୍ମାନଙ୍କ ପୁରୁଣା ସିଗ୍ନେଚର କମେଡି ଷ୍ଟାଇଲ୍ ଦେଖିବାକୁ ପସନ୍ଦ କରୁଛନ୍ତି । କରନ୍ ଜୋହରଙ୍କ ଧର୍ମା ପ୍ରଡକ୍ସନ ଏବଂ ଗୁନିତ ମୋଙ୍ଗାଙ୍କ ସିଖ୍ୟା ଏଣ୍ଟରଟେନମେଣ୍ଟ ମିଳିତ ଭାବେ ଏହି ପାରିବାରିକ ମନୋରଞ୍ଜନଧର୍ମୀ ସିନେମାର ନିର୍ମାଣ କରିଛନ୍ତି । ଏହି ଚଳଚ୍ଚିତ୍ରଟି ଆସନ୍ତା ୯, ଅକ୍ଟୋବରରେ ସିନେମା ହଲରେ ମୁକ୍ତିଲାଭ କରିବ ।

# ଗୋଟିଏ କଣ୍ଠ, ୧୩୦ ସ୍ୱର

ଆମେରିକାର ଓକଲାହୋମାରେ ରହୁଥିବା ୧୨ ବର୍ଷର ବାଳକ ସାମୁଏଲ୍ ହେଣ୍ଡରସନ୍ ତାଙ୍କର ଏକ ଅଦ୍ଭୁତ ପ୍ରତିଭା ପାଇଁ ଆଜି ଇଣ୍ଟରନେଟ୍ ସେନ୍ସେସନ୍ ପାଲଟିଛନ୍ତି । ସାଧାରଣତଃ ମିମିକ୍ରି କଳାକାରମାନେ ମଣିଷ ଓ ପଶୁପକ୍ଷୀଙ୍କ ସ୍ୱର ନକଲ କରନ୍ତି । ହେଲେ ସାମୁଏଲ୍‌ଙ୍କ କଥା ସମ୍ପୂର୍ଣ୍ଣ ଅଲଗା । ସେ କୌଣସି ସ୍ପେଶାଲ୍ ହୁଇସିଲ୍ ବା ଯନ୍ତ୍ର ବ୍ୟବହାର ନ କରି, କେବଳ ନିଜ ଗଳା, ଜିଭ ଏବଂ ହାତର ଆଙ୍ଗୁଳାକୁ ବ୍ୟବହାର କରି ପ୍ରାୟ ୧୩୦ରୁ ଅଧିକ ପ୍ରଜାତିର ପକ୍ଷୀଙ୍କ ସ୍ୱର ଅବିକଳ ବାହାର କରିପାରନ୍ତି । ଜଣେ ସାଧାରଣ ମଣିଷ ପାଇଁ ଏହା ଅସମ୍ଭବ ମନେହେଲେ ବି ସାମୁଏଲ୍ ଏହାକୁ ବହୁତ ସହଜରେ କରି ପାରନ୍ତି । ସାମୁଏଲ୍‌ଙ୍କ ପ୍ରତିଭା କେତେ ନିଖୁଣ, ତାହାର ସବୁଠାରୁ ବଡ଼ ପ୍ରମାଣ ହେଉଛି ଆଧୁନିକ ଟେକ୍ନୋଲୋଜିର ପରାଜୟ । ଆଜିକାଲି ସ୍ମାର୍ଟଫୋନ୍‌ରେ ପକ୍ଷୀଙ୍କ ସ୍ୱର ଶୁଣି ସେମାନଙ୍କ ପ୍ରଜାତି ଚିହ୍ନଟ କରୁଥିବା 'ମେର୍ଲିନ୍ ବାର୍ଡ ଆଇଡି' ଭଳି ଆଡଭାନ୍ସଡ୍ ଆପ୍ ରହିଛି । ଆଶ୍ଚର୍ଯ୍ୟର କଥା ହେଉଛି, ଯେତେବେଳେ ସାମୁଏଲ୍ କୌଣସି ପକ୍ଷୀର ସ୍ୱର ନକଲ କରନ୍ତି, ସେତେବେଳେ ଏହି ଆପ୍ ମଧ୍ୟ ଭ୍ରମିତ ହୋଇଯାଏ । ଆପ୍‌ଟି ସାମୁଏଲ୍‌ଙ୍କ ସ୍ୱରକୁ ମଣିଷର ନୁହେଁ, ବରଂ ଜଙ୍ଗଲର କୌଣସି ପ୍ରକୃତ ପକ୍ଷୀର ସ୍ୱର ବୋଲି ରେକର୍ଡ କରିଥାଏ ।



ସାମୁଏଲ୍ ଅଟିଜିମ୍‌ରେ ପୀଡ଼ିତ । ସାଧାରଣତଃ ଅଟିଜିମ୍‌ରେ ପୀଡ଼ିତ ପିଲାମାନେ ଅନ୍ୟମାନଙ୍କ ସହ ସହଜରେ ମିଶିପାରନ୍ତି ନାହିଁ କିମ୍ବା ନିଜ ଭାବନା ପ୍ରକାଶ କରିପାରନ୍ତି ନାହିଁ । ହେଲେ ସାମୁଏଲ୍ ପ୍ରକୃତି ଏବଂ ପକ୍ଷୀମାନଙ୍କ ଭିତରେ ନିଜର ଦୁନିଆ ଖୋଜି ପାଇଛନ୍ତି । ତାଙ୍କ ମା'ଙ୍କ କହିବା ଅନୁଯାୟୀ, ସାମୁଏଲ୍ ଘଣ୍ଟା ଘଣ୍ଟା ଧରି ପକ୍ଷୀମାନଙ୍କ ସ୍ୱରକୁ ବହୁତ ଗଭୀରତାର ସହ ଶୁଣନ୍ତି ଏବଂ ତାକୁ ଅଭ୍ୟାସ କରନ୍ତି । ଏକ ସ୍କୁଲ୍ ଟ୍ୟାଲେଣ୍ଟ ଶୋ'ରୁ ସାମୁଏଲ୍‌ଙ୍କର ଏକ ଭିଡିଓ ସୋସିଆଲ୍ ମିଡିଆରେ ପୋଷ୍ଟ କରାଯାଇଥିଲା । ଦେଖୁଦେଖୁ ସେହି ଭିଡିଓଟି ଲକ୍ଷ ଲକ୍ଷ ଲୋକ ଦେଖିଲେ ଏବଂ ଭାଇରାଲ୍ ହୋଇଗଲା । ଷ୍ଟେଜ୍ ଉପରେ ସେ ଯେଉଁଭଳି ଭାବରେ କୁକୁଡ଼ାଠାରୁ ଆରମ୍ଭ କରି ବିଦେଶୀ ପକ୍ଷୀଙ୍କ ସ୍ୱର ବାହାର କରୁଥିଲେ, ତାହା ଦେଖି ସେଠାରେ ଉପସ୍ଥିତ ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ । ସାମୁଏଲ୍ ଆଜି ସେହି ସବୁ ପିଲା ଓ ସେମାନଙ୍କ ପରିବାର ପାଇଁ ଏକ ବଡ଼ ପ୍ରେରଣା, ଯେଉଁମାନେ କୌଣସି ନା କୌଣସି ଶାରୀରିକ ବା ମାନସିକ ସମସ୍ୟା ଦେଇ ଗତି କରୁଛନ୍ତି । ସାମୁଏଲ୍ ବଡ଼ ହୋଇ ଜଣେ ପକ୍ଷୀ ବିଜ୍ଞାନୀ ହେବା ସହ ଜୀବବିଜ୍ଞାନ ଏବଂ ଜଙ୍ଗଲ ସଂରକ୍ଷଣ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି ।

## ପ୍ରହେଳିକା

- ମହାପୁରାଣ ସେ ଭାରି ପବିତ୍ର
  ମହର୍ଷି ବ୍ୟାସଦେବଙ୍କ ଲିଖିତ
  ଜଗନ୍ନାଥ ଦାସ ଆମ ଭାଷାରେ
  ଲେଖିଥିଲେ ତାକୁ ଅତି ଶ୍ରଦ୍ଧାରେ
  ପଢ଼ିଲେ ତାହାକୁ ମିଳଇ ପୂଣ୍ୟ
  ତେର ସ୍କନ୍ଧ ସହ ଦିଏ ଭକ୍ତି ମୋହ
  କୁହତ ଦେଖି ସେ କେଉଁ ପୁରାଣ ।

  ଉତ୍ତର-ଭାଗବତ ମହାପୁରାଣ
- ଭାଦ୍ରବ ମାସର ପୁନେଇଁ ଦିନ
  ପର୍ବଟିଏ ଆସେ ରାଇଜେ ଆମ
  ବ୍ୟାସଦେବ ଏହି ପବିତ୍ର ଦିନ
  ଲେଖିଥିଲେ ଏକ ମହାପୁରାଣ
  ସେହି ଦିନଟିକୁ ଭଉଣୀ ଭାଇ
  ଶ୍ରଦ୍ଧାରେ ପାଳନ୍ତି କୃଷ୍ଣଙ୍କୁ ଧ୍ୟାୟୀ
  ହୁଏ ନାମ ସଂକୀର୍ତ୍ତନ
  ସାରା ଗ୍ରାମବାସୀ ଭକ୍ତିରେ ବୁଡନ୍ତି
  କୁହତ ସେ ପର୍ବ ନାମ ।

  ଉତ୍ତର-ଭାଗବତ ଜନ୍ମ
- ପ୍ରତି ଗ୍ରାମେ ଅଛି ଦିଅଁଙ୍କ ଘର
  ପକ୍କା ହେଉ ଅବା ଚାଳ ଛପର
  ପୁରୋହିତ ଆସି ସଞ୍ଜ ସକାଳେ
  ପ୍ରଭୁଙ୍କୁ ପୂଜନ୍ତି ଭକତି ଭରେ
  ସନ୍ଧ୍ୟା କାଳେ ହୁଏ ପୋଥି ପଠନ
  ମୃଦଙ୍ଗ ଧ୍ୱନିରେ ନାମ କୀର୍ତ୍ତନ
  ଭାଦ୍ରବ ପୁନେଇଁ ଦିନ
  ସେହି ଗୃହେ ହୁଏ ଭକ୍ତି ପୋଥି ପୂଜା
  କୁହତ ସେ ଘର ନାମ ।

  ଉତ୍ତର-ଭାଗବତ ଟୁଙ୍ଗି

-ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

## କହରେ ବଣୀ



**ଧୀରେନ୍ଦ୍ର କୁମାର ମଲ୍ଲିକ**

ଆମ୍ବଗଛ ଡାଳ ପରେ
ବଣୀଟିଏ ବସି,
ଗୁଣୁଗୁଣୁ ଗୀତ ଗାଇ
ହେଉଥିଲା ଖୁସି ।
ପାଖେ ଯାଇ ପଚାରିଲି
କହ ଆରେ ବଣୀ,
ଭଲେ ରହୁ କେମିତି ତୁ
ପାରୁନାହିଁ ଜାଣି ।
ନାହିଁ ତୋର ଦୁଇହାତ
ଦେହେ ବେଶୀ ବଳ,
ଏକୁଟିଆ ନିରିଭୟେ
ବୁଲୁ ନଦୀ ନାଳ ।
ଯଦି କେହି ଚାଲାକରେ
ଦିଏ ତୋତେ ମାରି,
ଚିକି ପକ୍ଷୀ ପାରିବୁକି
ତାର କ୍ଷତି କରି ।
ସେଲାଗି କହୁଛି ଚାଲ
ଯିବା ଆମ ଘର,
ବଞ୍ଚିବୁ ତୁ ଭଲେ ସେଠି
ରହିବନି ଡର ।
ପିଞ୍ଜରା ରେ ରଖି ତୋତେ
ଖାଇବାକୁ ଦେବି,
ଶରଧାରେ ସବୁବେଳେ
ଯତନ ତୋ ନେବି ।
ମାଗିବୁ ତୁ ଯାହା ମୋତେ
ଆଣି ଦେବି ସବୁ,
ଯୁଆଡ଼କୁ ଯିବୁ ଆମେ
ସାଥେ ତୋତେ ନେବୁ ।
ଏହାଶୁଣି ସଙ୍ଗେ ସଙ୍ଗେ
ବଣୀ ଦେଲା କହି,

ଦୁଃଖ କରୁନାହିଁ ମୁହିଁ
ଗଛ ପରେ ରହି ।
ବଣ ବୁଦା ଗାଆଁ ଗଳି
ବୁଲୁଛି ମୁଁ ନିତି,
ଜଣା ପଡ଼େନାହିଁ ବେଳ
ଯାଏ ମୋର ବିତି ।
ଖାଇବାକୁ ମିଳିଯାଏ
ଯାହା ଇଚ୍ଛା କଲେ,
ଅସୁବିଧା ହେଉନାହିଁ
ରହିଛି ମୁଁ ଭଲେ ।
ଦରକାର ନାହିଁ ମୋର
ତୁମ ଉପକାର,
ଯିବିନାହିଁ କେବେ ହେଲେ
ମୁଁ ତୁମରି ଘର ।।

ନୀଳକଣ୍ଠପୁର, ଯାଜପୁର



# ସୁମନ

# ଲାଇବ୍ରେରୀର ରହସ୍ୟ



**ଲଳିତ ମୋହନ ମିଶ୍ର**

ଲାଇବ୍ରେରୀ ହେଉଛି ଜ୍ଞାନର ଏକ ବିଶାଳ ସମୁଦ୍ର । ଏହା କେବଳ ବହିଗୁଡ଼ିକର ଏକ ସଂଗ୍ରହାଳୟ ପରି ମନେହୁଏ, କିନ୍ତୁ ପ୍ରକୃତରେ ଏହା ଭିତରେ ଲୁଚି ରହିଥାଏ ଅନେକ ଅଜଣା ରହସ୍ୟ । ପ୍ରତ୍ୟେକ ବହି ଆମ ପାଇଁ ନୂତନ ଦୁନିଆର ଦ୍ୱାର ଖୋଲିଦିଏ । ବହିର ପୃଷ୍ଠାଗୁଡ଼ିକରେ କେବଳ ଅକ୍ଷର ଲେଖାହୋଇ ନ ଥାଏ, ବରଂ ସେଥିରେ ଲୁଚି ରହିଥାଏ ନୂଆ ନୂଆ ଗଳ୍ପ, ବିଜ୍ଞାନର ଆଶ୍ଚର୍ଯ୍ୟଜନକ ତଥ୍ୟ, ଏବଂ ବିଶ୍ୱର ଇତିହାସ । ବହିଟିଏ ଖୋଲିବା ମାତ୍ରେ ଆମେ କଳ୍ପନାର ସେହି ମାୟାବୀ ଦୁନିଆକୁ ଚାଲିଯାଉ । ସହରର ମଧ୍ୟଭାଗରେ ଶହେ ବର୍ଷର ଏକ ପୁରୁଣା ପାଠାଗାର ଥିଲା । ଲୋକମାନେ କହୁଥିଲେ ଯେ, ଅନ୍ଧାର ହୋଇଗଲା ପରେ ସେଠାରେ ଅଦ୍ଭୁତ ଶବ୍ଦ ଶୁଣାଯାଉଅଛି । କିଏ କିଏ କୁହନ୍ତି, ସେଠାରେ ଭୂତ ଅଛି ! ଆଉ କିଏ କିଏ କୁହନ୍ତି, ସେଠାରେ ଏକ ରହସ୍ୟମୟ ଛାୟା ଘୁରି ବୁଲୁଛି । ଗୋଟିଏ ଦିନ ରବିବାର ଛୁଟିରେ ଚାରି ଜଣ ବନ୍ଧୁ - ଆଲୋକ, ଅଶୋକ, ବିଭାନ ଓ ବୈଭବ ଏହି ରହସ୍ୟକୁ ଉନ୍ମୋଚନ ନିଷ୍ପତ୍ତି ନେଲେ । ସନ୍ଧ୍ୟା ହେବା ମାତ୍ରେ ସେମାନେ ଏକ ଟର୍ଚ୍ଚଲାଇଟ୍, ନୋଟବୁକ୍ ଏବଂ ଅନ୍ୟ କିଛି ସାମଗ୍ରୀ ଧରି ପାଠାଗାରରେ ପହଞ୍ଚିଲେ । ସେମାନେ ଭିତରେ ପାଦ ଦେବା ମାତ୍ରେ ଗୋଟିଏ ଶବ୍ଦ କରି ଦ୍ୱାର ବନ୍ଦ ହୋଇଗଲା । ଚାରି ଜଣ ଆଶ୍ଚର୍ଯ୍ୟ ହୋଇଗଲେ । ତା' ପରେ ଧୀରେ ଧୀରେ ଉପରକୁ କାହାର ଚାଲିବାର ଶବ୍ଦ ହେଲା...ଠକ୍... ଠକ୍... ଠକ୍... ବୈଭବ ଥରିଥରି କହିଲା, କିଏ ସେଠାରେ ଅଛ? ହଠାତ୍ ଗୋଟିଏ ପୁରୁଣା ବହିଟିଏ ଥାକରୁ ଖସି ପଡ଼ିଲା ଏବଂ ତାହାର ପୃଷ୍ଠାଗୁଡ଼ିକ ଆପେ ଆପେ ଓଲଟିବାକୁ ଲାଗିଲା । ସେହି ମୁହୂର୍ତ୍ତରେ ଥଣ୍ଡା ପବନ ପ୍ରବାହିତ ଏବଂ ଟର୍ଚ୍ଚଲାଇଟ୍ ରୁ ଆଲୋକ ଝଲସି ଉଠିଲା । ଆଲୋକ ସାହସ କରି ପୁସ୍ତକଟିକୁ ଉଠାଇଲା । ପ୍ରଥମ ପୃଷ୍ଠାରେ ଲେଖାଥିଲା, ଜ୍ଞାନ ଖୋଜିବା ପାଇଁ ଆସୁଥିବା ବ୍ୟକ୍ତି ଭୟ କରିବା ଉଚିତ୍ ନୁହେଁ, କାରଣ ଯିଏ ଭୟରେ ଦୌଡ଼ି ପଳାଏ ସେ କେବେ ଗୁପ୍ତ କଥା ଆବିଷ୍କାର କରିପାରେ ନାହିଁ । ଠିକ୍ ସେତିକିବେଳେ ଉପରୁ ଏକ ମଳିନ ନୀଳ ଆଲୋକ ଦେଖାଗଲା । ଚାରିଜଣ ଧୀରେ ଧୀରେ ସିଡ଼ି ଚଢ଼ିବାକୁ ଲାଗିଲେ । ଉପର ମହଲାରେ ଏକ ବଡ଼ କୋଠରି ଥିଲା, ଯାହା ଧୂଳି ଆ ଛ । ଦି ତ ସେଲଫ ସହିତ ସଜାଯାଇଥିଲା । କୋଠରୀର ମଧ୍ୟଭାଗରେ ଏକ ପୁରୁଣା ଘଣ୍ଟା ଲାଗିଥିଲା, ଏହା ବିପରୀତ ଦିଗରେ ଗତି କରୁଥିଲା । ବିଭାନ ଘଣ୍ଟାକୁ ଛୁଇଁବା ମାତ୍ରେ, କାନ୍ଥଟି ମଧ୍ୟ ଭାଗରୁ ଏକ ଗୁପ୍ତ ଦ୍ୱାର ଖୋଲିଗଲା । ଭିତରେ ଏକ ଛୋଟ କୋଠରି ଥିଲା, ଯେଉଁଥିରେ ଏକ କାଠ ସିନ୍ଦୂକ ଥିଲା । ସିନ୍ଦୂକ ଖୋଲିବା ମାତ୍ରେ, ସେଥିରୁ ଏକ ଝଲସୁଥିବା ଆଲୋକ ନିର୍ଗତ ହେଲା । ସେଥିରୁ ଏକ ମଧୁର ସ୍ୱର ନିର୍ଗତ ହେଲା - ଅଭିନନ୍ଦନ ଆପଣମାନଙ୍କୁ ! ଆପଣମାନେ ଏହି ଲାଇବ୍ରେରୀର ରହସ୍ୟ ଆବିଷ୍କାର କରିଛନ୍ତି । ଜଣେ ବୃଦ୍ଧ ଲାଇବ୍ରେରିଆନଙ୍କ ପ୍ରତିମୂର୍ତ୍ତି କୋଠରୀରେ ଦେଖାଗଲା । ସେ ହସୁଥିଲେ । ସେ କହିଲେ, ମୁଁ ସାରା ଜୀବନ ଏହି ଦୁର୍ଲଭ ପୁସ୍ତକଗୁଡ଼ିକୁ ସୁରକ୍ଷିତ କରି ରଖିଛି । ଲୋକମାନେ ଭୟରେ ଏଠାକୁ ଆସିବା ବନ୍ଦ କରିଦେଇଛନ୍ତି । ଏବେ ତୁମମାନଙ୍କୁ ସମସ୍ତଙ୍କୁ ଏହି ବାର୍ତ୍ତା ଦେବାକୁ ପଡିବ: କେବେ ବି ଜ୍ଞାନକୁ ଭୟ କର ନାହିଁ । ଏହା ସହିତ ସେହି ପ୍ରତିମୂର୍ତ୍ତିଟି ଧୀରେ ଧୀରେ ଆଲୋକରେ ଫିକା ହୋଇଗଲା ଏବଂ ଅଦୃଶ୍ୟ ହୋଇଗଲା । ସେହି ମୁହୂର୍ତ୍ତରେ ଘଣ୍ଟା ବନ୍ଦ ହୋଇଗଲା ଦ୍ୱାର ଖୋଲିଗଲା ଏବଂ ପାଠାଗାର ପୁଣି ସମ୍ପୂର୍ଣ୍ଣ ନୀରବ ହୋଇଗଲା । ପରଦିନ ଚାରି ବନ୍ଧୁ ସହରର ଚାରିଆଡ଼େ ପାଠାଗାର ବିଷୟରେ କହିଲେ । ଲୋକମାନେ ପୁଣି ଥରେ ସେଠାକୁ ଆସିବା ଆରମ୍ଭ କଲେ । ରାତିରେ ସେଠାରେ ଆଉ କୌଣସି ଭୟଙ୍କର ଶବ୍ଦ ଶୁଣାଗଲା ନାହିଁ । ■



ଅରବିନ୍ଦ ନଗର, ନୟାଗଡ଼

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ । ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ ।





**ପ୍ରାଚୀ ପ୍ରାଞ୍ଜଳ ସାହାଣୀ**
ପଞ୍ଚମ ଶ୍ରେଣୀ
ବଲାଙ୍ଗିର ପବ୍ଲିକ୍ ସ୍କୁଲ
ବଲାଙ୍ଗିର





**ଇପ୍‌ସିତା ଜେନା**
ସପ୍ତମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା





**ଅବିନାଶ ସ୍ୱାଇଁ**
ସପ୍ତମ ଶ୍ରେଣୀ
ନିମାପଡ଼ା ଉଚ୍ଚ ବିଦ୍ୟାଳୟ
ନିମାପଡ଼ା





**ହର୍ଷିତ କୁମାର ବେହୁରା**
ଚତୁର୍ଥ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ନିମାପଡ଼ା

**ଆଇଚି-ନାଗୋୟା ଏସିଆନ୍ ଗେମ୍ସ**

# ସୁରୁଚି-କମଲ୍‌ଜିତଙ୍କୁ ସ୍ୱର୍ଣ୍ଣ; ୭ମ ଦିବସରେ ୬ ପଦକ

ଟୋକିଓ, ୨୫।୯ (ଏଜେନ୍ସି)

ଜାପାନରେ ଚାଲିଥିବା ଏସିଆନ ଗେମ୍ସର ୨୦ତମ ସଂସ୍କରଣର ସପ୍ତମ ଦିବସ ଖେଳ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଷଷ୍ଠ ଦିବସରେ ଭାରତୀୟ ଆଥ୍‌ଲେଟ୍‌ମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରି ମୋଟ୍ ୬ଟି ପଦକ ଜିତିଛନ୍ତି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ରହିଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ସୁଟିଂ କ୍ରୀଡ଼ାରୁ ଏହାର ପ୍ରଥମ ସ୍ୱର୍ଣ୍ଣ ପଦକ ଷଷ୍ଠ ଦିବସରେ ହାସଲ କରିଛନ୍ତି। ସୁରୁଚି ସିଂହ ଓ କମଲ୍‌ଜିତ୍ ସିଂହ ସୁଟିଂର ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଇଭେଣ୍ଟରେ ଏହି ପ୍ରତୀକ୍ଷିତ ସ୍ୱର୍ଣ୍ଣ ପଦକ ଭେଟି ଭାରତକୁ ଦେଇଛନ୍ତି। ସେହିଭଳି ଐଶ୍ୱର୍ଯ୍ୟ ପ୍ରତାପ ସିଂହ ତୋମା ଓ ରୁଦ୍ରାଂକ୍ଷ ପାଟିଲ ଯୋଡ଼ି ସୁଟିଂର ପୁରୁଷ ୫୦ ମିଟର ରାଇଫଲ ୩ ପୋଜିସନ ଟିମ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ଆଥ୍‌ଲେଟିକ୍ସରେ ମଧ୍ୟ ଭାରତୀୟଙ୍କ ଚମକ ଦେଖିବାକୁ ମିଳିଥିଲା। ଭାରତୀୟ ଆର୍ମିରେ କାର୍ଯ୍ୟରତ ଗୁଲବୀର ସିଂହ ପୁରୁଷ ୧୦ ହଜାର ମିଟରରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେହିଭଳି ମହିଳା ପୋଲ୍ ଭଲ୍ଟରେ ବାରାନିକା ଏଲାଙ୍ଗଭାନଙ୍କୁ ଐତିହାସିକ କାଂସ୍ୟ ପଦକ ସଫଳତା ମିଳିଛି। ମନପ୍ରୀତ୍ କୌର ମହିଳା ସଟ୍ ପୁଟରେ କାଂସ୍ୟ ପଦକ ଜିତି ଦିବସକୁ ସ୍ମରଣୀୟ କରିଥିଲେ। ଅପରପକ୍ଷରେ ଶେଷ କାଂସ୍ୟ ପଦକଟି ଭାରତ ଟେବୁଲ ଟେନିସର ମିକ୍ସଡ ଟିମ୍ ଇଭେଣ୍ଟରୁ ଜିତିଥିଲା। ମାନୁଷ ଶାହ ଓ ଦୀୟା ଚିଟାଲେ ଯୋଡ଼ି ଭାରତ ପାଇଁ ଏହି ସଫଳତା ଆଣିଥିଲେ। ଭାରତ ଶୁକ୍ରବାର ସୁଦ୍ଧା ମୋଟ୍ ୨୩ ପଦକ ଜିତି ତାଲିକାର ଦ୍ୱାଦଶ ସ୍ଥାନରେ ରହିଛି। ଯେଉଁଥିରେ ୨ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୧୨ଟି କାଂସ୍ୟ ପଦକ ସାମିଲ ରହିଛି। ୧୫୭ ପଦକ ସହ ଚୀନ ପ୍ରଥମ ଓ ୧୧୩ ପଦକ ସହ ଆୟୋଜକ ଜାପାନ ଦ୍ୱିତୀୟ ସ୍ଥାନରେ ରହିଛି। ଚାଇନା କ୍ରୀଡ଼ାବିତ୍‌ମାନେ ୯୭ ସ୍ୱର୍ଣ୍ଣ, ୩୬ ରୌପ୍ୟ ଓ ୨୪ କାଂସ୍ୟ ପଦକ ଜିତିଛି।

## ନିରାଶ କଲେ ଅନିମେଶ, ସାତ୍ତ୍ୱିକ-ଚିରାଗ

ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ସ୍ପ୍ରିଣ୍ଟର ଅନିମେଶ କୁଜୁର ନିରାଶ କରିଛନ୍ତି। ଅନିମେଶଙ୍କ ସମେତ ଦେଶର ଦ୍ରୁତତମ ଧାବକ ଗୁରିନ୍ଦରବୀର ସିଂହ ପୁରୁଷ ୧୦୦ ମିଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲେ। ସେମିଫାଇନାଲରେ ଗୁରିନ୍ଦରବୀର ୧୦.୩୨ ସେକେଣ୍ଡ ଓ ଅନିମେଶ ୧୦.୩୮ ସେକେଣ୍ଡରେ ରେସ୍ ଫିନିଶ କରିଥିଲେ। ଫଳରେ ଗୁରିନ୍ଦରବୀର ଓ ଅନିମେଶ ସେମିଫାଇନାଲରେ ଓଭରଅଲ୍ ଯଥାକ୍ରମେ ୧୧ତମ ଓ ୧୮ତମ ସ୍ଥାନ ଅଧିକାର କରିଥିଲେ। ଅପରପକ୍ଷରେ ପୁରୁଷ ଡବଲ୍ସ ବ୍ୟାଡମିଣ୍ଟନରେ ତାରକା ଯୋଡ଼ି ସାତ୍ତ୍ୱିକ ସାଇରାଜ ଓ ଚିରାଗ ସେଟ୍ଟୀଙ୍କୁ ବଡ଼ ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼ିଛି। ଏହି ଭାରତୀୟ ଯୋଡ଼ି ପ୍ରଥମ ରାଉଣ୍ଡରେ ହାରିଯାଇ ଅଭିଯାନ ଶେଷ କରିଛନ୍ତି।

## ସୁଟିଂରେ ପ୍ରଥମ ସ୍ୱର୍ଣ୍ଣ ଭେଟି ଦେଲେ ସୁରୁଚି-କମଲଜିତ୍



ସୁରୁଚି ସିଂହ ଓ କମଲଜିତ୍ ଯୋଡ଼ି ଏସିଆନ ଗେମ୍ସର ସୁଟିଂ କ୍ରୀଡ଼ାରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣ ପଦକ ଭେଟି ଦେଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ସୁରୁଚି-କମଲଜିତ୍ ଯୋଡ଼ି ପୋଡିୟମର ପ୍ରଥମ ସ୍ଥାନରେ ରହି ଏହି ସ୍ୱର୍ଣ୍ଣିମ ସଫଳତା ଆଣିଥିଲେ। ଏହି ଭାରତୀୟ ଯୋଡ଼ି ଫାଇନାଲରେ ୪୮୪.୬ ସ୍କୋର କରିଥିଲେ। ଯାହାକି ନୂତନ ଏସିଆନ ରେକର୍ଡ ହୋଇଛି। ୪୭୮.୦ ସ୍କୋର ସହ କୋରିଆ ଦ୍ୱିତୀୟ ଓ ୪୧୫.୮ ସ୍କୋର ସହ ଇରାନ ତୃତୀୟ ସ୍ଥାନ ହାସଲ କରିଥିଲା। ଏସିଆନ ଗେମ୍ସର ସୁଟିଂ ଇତିହାସରେ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତର ଏହା ପ୍ରଥମ ସ୍ୱର୍ଣ୍ଣ ପଦକ ଥିଲା। ଏଥିପୂର୍ବରୁ ୨୦୨୩ ସଂସ୍କରଣରେ ସରବଜୋତ୍ ସିଂହ ଓ ଦିବ୍ୟା ଯୋଡ଼ି ରୌପ୍ୟ ପଦକ ଜିତିଥିଲେ। ଅପରପକ୍ଷରେ ଶୁକ୍ରବାର ସୁଟିଂର ପୁରୁଷ ୫୦ ମିଟର ରାଇଫଲ ଥ୍ରୀ ପୋଜିସନ ଟିମ୍ ଇଭେଣ୍ଟରେ ମଧ୍ୟ ଭାରତୀୟ ଦଳ ରୌପ୍ୟ ପଦକ ଜିତିଥିଲେ। ଐଶ୍ୱର୍ଯ୍ୟ ପ୍ରତାପ ସିଂହ ତୋମା, ନୀରଜ କୁମାର ଓ ରୁଦ୍ରାଂକ୍ଷ ପାଟିଲଙ୍କୁ ନେଇ ଗଠିତ ଭାରତୀୟ ଦଳ ଏହି ସଫଳତା ପାଇଥିଲା।

## କବାଡ଼ିରେ ଡବଲ୍ ସ୍ୱର୍ଣ୍ଣ ନିକଟତର

ଭାରତର ଉଭୟ ପୁରୁଷ ଓ ମହିଳା କବାଡ଼ି ଦଳ ଚଳିତ ଏସିଆନ ଗେମ୍ସର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ପୁରୁଷ ଦଳ ୬୬-୨୮ ସ୍କୋରରେ ଥାଇଲାଣ୍ଡକୁ ପରାସ୍ତ କରିଥିଲା। ସେହିଭଳି ଭାରତୀୟ ମହିଳା ଦଳ ୪୮-୨୪ ସ୍କୋରରେ ନେପାଳକୁ ହରାଇ ଫାଇନାଲରେ ପହଞ୍ଚିଛି। ଶନିବାର ଉଭୟ ବିଭାଗର ଫାଇନାଲ ମ୍ୟାଚ୍ ଖେଳାଯିବ। ସଂଯୋଗକୁ ଉଭୟ ବିଭାଗର ଫାଇନାଲରେ ଭାରତ ଅନ୍ୟତମ ଟାଇଟଲ୍ ଦାବିଦାର ଇରାନକୁ ଭେଟିବ। ଇରାନ ପୁରୁଷ ଓ ମହିଳା ଦଳ ସେମିଫାଇନାଲରେ ଯଥାକ୍ରମେ ୫୯-୨୧ରେ ଓ ୨୩-୧୯ରେ ଚାଇନିଜ ତାଇପେଇ'କୁ ପରାସ୍ତ କରିଥିଲା। ଭାରତ ଗତ ସଂସ୍କରଣରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ଚାମ୍ପିଅନ ହୋଇଥିଲା। ତେଣୁ ଏଥର ମଧ୍ୟ ଟିମ୍ ଇଣ୍ଡିଆ ସ୍ୱର୍ଣ୍ଣ ପଦକ ବଜାୟ ରଖିବା ଆଶାରେ ରହିଛି।

**ଆଥଲେଟିକ୍ସରେ ଚମକ**

## ଗୁଲ୍‌ବୀର, ବାରାନିକା, ମନପ୍ରୀତ୍‌ଙ୍କୁ ସ୍ମରଣୀୟ ପଦକ



ଏସିଆନ ଗେମ୍ସର ୭ମ ଦିବସରେ ଭାରତୀୟ ଆଥ୍‌ଲେଟଙ୍କ ପାଇଁ ସ୍ମରଣୀୟ ରହିଥିଲା। ତାରକା ଧାବକ ଗୁଲବୀର ସିଂହ ପୁରୁଷ ୧୦ ହଜାର ମିଟର ଦୌଡ଼ରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଭାରତୀୟ ସେନାରେ କାର୍ଯ୍ୟରତ ଗୁଲବୀର ଏହି ଦୂରତାକୁ ୨୮ ମିନିଟ୍ ୨୯.୩୮ ସେକେଣ୍ଡରେ ଫିନିଶ କରି ପୋଡିୟମର ଦ୍ୱିତୀୟ ସ୍ଥାନରେ ରହିଥିଲେ। ବାହାରିନ ଧାବକ ବିରହାନୁ ବାଲିଉ ୧.୮୭ ସେକେଣ୍ଡ କମ୍ ସମୟ ନେଇ ସ୍ୱର୍ଣ୍ଣ ପଦକ ହାତେଇ ନେଇଥିଲେ। ଏସିଆନ ଗେମ୍ସରେ ଗୁଲବୀରଙ୍କ ଏହା କ୍ରମାଗତ ଦ୍ୱିତୀୟ ପଦକ। ଏଥିପୂର୍ବରୁ ୨୦୨୩ ସଂସ୍କରଣରେ ସେ ୧୦ ହଜାର ମିଟରରେ କାଂସ୍ୟ ପଦକ ଜିତିଥିଲେ। ଅପରପକ୍ଷରେ ପୋଲ୍‌ଭଲ୍ଟରେ ବାରାନିକା ଏଲାଙ୍ଗଭାନ ଇତିହାସ ରଚିଛନ୍ତି। ତାମିଲନାଡୁର ୨୯ ବର୍ଷୀୟା ଏହି ଆଥଲେଟ୍ ୪.୧୫ ମିଟର ଉଚ୍ଚକୁ ଡେଇଁ ତୃତୀୟ ସ୍ଥାନରେ ରହିବା ସହ କାଂସ୍ୟ ପଦକ ହାସଲ କରିଥିଲେ। ଫଳରେ ବାରାନିକା ପ୍ରଥମ ଭାରତୀୟ ଭାବରେ ଏସିଆନ ଗେମ୍ସର ପୋଲ୍‌ଭଲ୍ଟ ଇଭେଣ୍ଟରେ ପଦକ ଜିତିଛନ୍ତି। ଆଥ୍‌ଲେଟିକ୍ସରୁ ତୃତୀୟ ପଦକ ସଫଳତା ମନପ୍ରୀତ୍ କୌର ଆଣିଥିଲେ। ମନପ୍ରୀତ୍ ମହିଳା ସଟ୍ ପୁଟରେ ୧୭.୧୭ ମିଟର ଦୂରତାକୁ ଫିଙ୍ଗି କାଂସ୍ୟ ପଦକ ଜିତିଥିଲେ।

## ମହିଳା ହକି: କ୍ରମାଗତ ୪ର୍ଥ ବିଜୟ ସହ ସେମିରେ ଭାରତ



ଏସିଆନ ଗେମ୍ସର ମହିଳା ହକିରେ ଭାରତ କ୍ରମାଗତ ୪ର୍ଥ ବିଜୟ ହାସଲ କରି ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି। ପୁଲ୍-ବି'ରେ ସ୍ଥାନ ପାଇଥିବା ଭାରତୀୟ ଦଳ ଶୁକ୍ରବାର ୩-୧ ଗୋଲରେ ଆୟୋଜକ ଜାପାନକୁ ପରାସ୍ତ କରିଥିଲା। ଭାରତ ପକ୍ଷରୁ ଲାଲରେମସିଆମି (୫ମ ମିନିଟ), ଇଶିକା ଚୌଧୁରୀ (୩୦ତମ) ଓ ନବନୀତ୍ କୌର (୩୬ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ସଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତ ପୂର୍ବରୁ ପ୍ରଥମ ୩ଟି ମ୍ୟାଚରେ ଯଥାକ୍ରମେ ଉଜବେକିସ୍ତାନ (୧୯-୦), ଇଣ୍ଡୋନେସିଆ (୧୭-୧) ଓ ଥାଇଲାଣ୍ଡ (୨୦-୧ ଗୋଲ୍)କୁ ପରାସ୍ତ କରିଥିଲା। ଫଳରେ ଭାରତ ୪ଟି ମ୍ୟାଚରେ ମୋଟ୍ ୫୬ଟି ଗୋଲ୍ ଦେଇ ୧୨ ପଏଣ୍ଟ ସହ ପୁଲ୍ ଶୀର୍ଷରେ ରହି ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଭାରତ ଏହାର ଶେଷ ପୁଲ୍ ମ୍ୟାଚରେ ରବିବାର ସିଙ୍ଗାପୁରକୁ ଭେଟିବ। ଏହି ପୁଲ୍‌ରୁ ଦ୍ୱିତୀୟ ଦଳ ଭାବରେ ଜାପାନ (୯ ପଏଣ୍ଟ), ଥାଇଲାଣ୍ଡ (୬) ଓ ଇଣ୍ଡୋନେସିଆ (୬) ସେମିଫାଇନାଲ ଦୌଡ଼ରେ ରହିଛନ୍ତି।



ପୋଲ୍‌ଭଲ୍ଟରେ କାଂସ୍ୟ ବିଜୟିନୀ ବାରାନିକା

## ବଡ଼ ବିପର୍ଯ୍ୟୟ ଘଟାଇଲା ନେପାଳ

ନିଶହିନ, ୨୫।୯ (ଏଜେନ୍ସି): ଜାପାନରେ ଚାଲିଥିବା ଏସିଆନ ଗେମ୍ସର ପୁରୁଷ କ୍ରିକେଟ୍‌ରେ ଶୁକ୍ରବାର ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଗ୍ରୁପ୍ ପର୍ଯ୍ୟାୟର ଏକ ମ୍ୟାଚରେ ନେପାଳ ୫ ୱିକେଟରେ ଗତ ସଂସ୍କରଣର ରୌପ୍ୟ ପଦକ ବିଜେତା ଆଫଗାନିସ୍ତାନକୁ ହରାଇଦେଇଛି। ଏହି ସ୍ମରଣୀୟ ବିଜୟ ସହ ନେପାଳ କ୍ୱାର୍ଟର ଫାଇନାଲ ଦୌଡ଼ରେ ନିଜକୁ ସାମିଲ କରିନେଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୨୦ ଓଭରରେ ୭ ୱିକେଟ ହରାଇ ମାତ୍ର ୧୦୨ ରନ କରିଥିଲା। ନାଜିବୁଲ ଜର୍ଦାନ ଓ ଫୈଜଲ ସିନୋଜାଦ ୩୦ ରନ ଲେଖାଏ କରିଥିଲେ। ନେପାଳର କୁଶାଲ ଭୁର୍ତେଲ ୪ ଓ ଲଳିତ ରାଜବଂଶୀ ୩ଟି ୱିକେଟ ନେଇଥିଲେ। ଜବାବରେ ୧୭.୨ ଓଭରରେ ୫ ୱିକେଟ ହରାଇ ନେପାଳ ବିଜୟୀ ହୋଇଥିଲା। ସନ୍ଦୀପ ଜୋରା ୩୪ ଓ ରୋହିତ୍ ପୌଡେଲ ୩୩ ରନର ମ୍ୟାଚ ବିଜୟୀ ପାଳି ଖେଳିଥିଲେ। ପରାଜୟ ସହ ଆଫଗାନିସ୍ତାନ ଦୁଇଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୨ ପଏଣ୍ଟ ପାଇ ଗ୍ରୁପ୍-ଏ'ର ଶୀର୍ଷରେ ରହିଛି। ସେହିଭଳି ନେପାଳ ଗୋଟିଏ ମ୍ୟାଚରୁ ୨ ପଏଣ୍ଟ ପାଇଛି।

## ଟିଟିରେ ମାନୁଷ-ଦୀୟାଙ୍କୁ କାଂସ୍ୟ ପଦକ



ମାନୁଷ ଶାହ ଓ ଦୀୟା ଚିଟାଲେ ଯୋଡ଼ି ଏସିଆନ୍ ଗେମ୍ସରେ ଟେବୁଲ ଟେନିସ (ଟିଟି)ର ମିକ୍ସଡ ଡବଲ୍ସ ଇଭେଣ୍ଟରେ ଭାରତ ଲାଗି କାଂସ୍ୟ ପଦକ ହାସଲ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ମାନୁଷ-ଦୀୟା ଯୋଡ଼ି ୪-୦ (୮-୧୧, ୫-୧୧, ୮-୧୧, ୨-୧୧)ରେ ଚାଇନାର ୱାଙ୍ଗ ଚୁକିନ ଓ ସୁନ୍ ୟିଙ୍ଗାଶା ଯୋଡ଼ିଙ୍କ ନିକଟରୁ ହାରିଯାଇଥିଲେ। ବିଶ୍ୱ ମାନ୍ୟତାର ୮ମ ସ୍ଥାନରେ ଥିବା ମାନୁଷ-ଦୀୟା ଯୋଡ଼ି ୨ ନମ୍ବର ମାନ୍ୟତା ଚାଇନା ଯୋଡ଼ିଙ୍କ ସାମ୍ନାରେ ଲଢ଼େଇ କରିପାରି ନ ଥିଲେ। ନିୟମ ଅନୁଯାୟୀ ସେମିଫାଇନାଲରେ ପ୍ରବେଶ କରିଥିବାରୁ ଭାରତୀୟ ଯୋଡ଼ିଙ୍କୁ କାଂସ୍ୟ ପଦକ ମିଳିଛି। ଏସିଆନ ଗେମ୍ସ ଇତିହାସରେ ଟେବୁଲ ଟେନିସରୁ ଭାରତର ଏହା ୪ର୍ଥ ପଦକ ହୋଇଛି।

## ଗୋଟିଏ ଦଳରେ ୭ ଜଣ 'ଅଲ୍ ବାଲୁସି'; ରଥ ଫେଲ୍

ଜାପାନରେ ଚାଲିଥିବା ଏସିଆନ ଗେମ୍ସର ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ଶୁକ୍ରବାର ଏକ ଆଶ୍ଚର୍ଯ୍ୟଜନକ ଘଟଣା ଦେଖିବାକୁ ମିଳିଥିଲା। ଓମାନ ବିପକ୍ଷ ମ୍ୟାଚରେ ହଂକଂ ୪୧ ରନରେ ବିଜୟୀ ହୋଇଥିଲା। କିନ୍ତୁ ଓମାନ ଦଳର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିବା ୧୧ଜଣ ଖେଳାଳିଙ୍କ ମଧ୍ୟରେ ୭ଜଣଙ୍କ ଟାଇଟଲ୍ ତଥା ଉପନାମ 'ଅଲ୍ ବାଲୁସି' ରହିଥିଲା। ଏହି ୭ ଜଣ ଖେଳାଳି ହେଲେ ମହମ୍ମଦ ଅଲ୍ ବାଲୁସି, ଶୁଏବ୍ ଅଲ୍ ବାଲୁସି, ଜୁବୈର ଅଲ୍ ବାଲୁସି, ୱାହିଦ୍ ଅଲ୍ ବାଲୁସି, ଇସା ଅଲ୍ ବାଲୁସି, ନାଭିଦ୍ ଅଲ୍ ବାଲୁସି ଏବଂ ଫାରିସ୍ ଅଲ୍ ବାଲୁସି। ଖେଳାଳି ତାଲିକାରେ "ଅଲ୍ ବାଲୁସି" ନାମ ବାରମ୍ବାର ଦେଖି ପ୍ରଶଂସକମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ଅପରପକ୍ଷରେ ହଂକଂ ଦଳରୁ ଖେଳୁଥିବା ଓଡ଼ିଶାର ଅଂଶୁମାନ ରଥ ଓପନିଂ ଆସି ୫ଟି ବଲରେ ମାତ୍ର ୩ ରନ କରି ଆଉଟ୍ ହୋଇ ନିରାଶ କରିଥିଲେ।

**■ ତୃତୀୟ ଅନଅଫିସିଆଲ ଦିନିକିଆ**

## ଭାରତ-ଏ'କୁ ଜିତାଇଲେ ମିନୁ

ମୋହାଲି, ୨୫।୯ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ-ଏ ମହିଳା ଦଳ ବିପକ୍ଷରେ ଶୁକ୍ରବାର ଏଠାରେ ଖେଳାଯାଇଥିବା ତୃତୀୟ ଅନଅଫିସିଆଲ ଦିନିକିଆ ମ୍ୟାଚକୁ ଭାରତ-ଏ ଦଳ ୪ ୱିକେଟରେ ଜିତିନେଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ-ଏ ଦଳ ୫୦ ଓଭରରେ ୯ ୱିକେଟ ହରାଇ ୩୬୨ ରନ କରିଥିଲା। ଦଳ ପକ୍ଷରୁ ଚାର୍ଲି ନଟ୍ ୧୦୯ ରନର ଶତକୀୟ ପାଳି ଖେଳିଥିଲେ। ଭାରତ-ଏ ପକ୍ଷରୁ ବୈଷ୍ଣବୀ ଶର୍ମା ଓ ନିକି ପ୍ରସାଦ ୪ଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ ଭାରତ-ଏ ଲଢ଼ୁଆ ପ୍ରଦର୍ଶନ କରି ୪୮.୨ ଓଭରରେ ୬ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମିନୁ ମାନି ୫୬ ବଲରେ ୮୮ ରନର ଅପରାଜିତ ଦମ୍‌ଦାର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏଥିସହ ଭାରତ-ଏ ୨-୧ରେ ସିରିଜ ବିଜୟୀ ହୋଇଛି।

## ବ୍ରିଜ୍‌କେଙ୍କ ଶତକ; ଅଷ୍ଟ୍ରେଲିଆ ପରାସ୍ତ

ଡର୍ବାନ, ୨୫।୯ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୬୭ ରନରେ ବିଜୟୀ ହୋଇଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ମାଥ୍ୟୁ ବ୍ରିଜ୍‌କେ (୧୧୨)ଙ୍କ ଶତକ ବଳରେ ୫୦ ଓଭରରେ ୮ ୱିକେଟ ହରାଇ ୨୯୭ ରନ କରିଥିଲା। ଜବାବରେ ପ୍ରତିପକ୍ଷ ବାମହାତୀ ସ୍ପିନର କେଶବ ମହାରାଜ (୯.୨-୨-୨୦-୪)ଙ୍କୁ ସାମ୍ନା କରି ନ ପାରି ଅଷ୍ଟ୍ରେଲିଆ ୪୧.୨ ଓଭରରେ ୨୩୦ ରନରେ ଅଲ୍‌ଆଉଟ୍ ହୋଇଥିଲା।

**ହକି ଇଣ୍ଡିଆ ବିବାଦ**

## ଦିଲୀପଙ୍କ ସମର୍ଥନରେ ପୂର୍ବତନ ହକି ଖେଳାଳି

ନୂଆଦିଲ୍ଲୀ,୨୫।୯ (ଏଜେନ୍ସି)

ହକି ଇଣ୍ଡିଆରେ ବଢ଼ୁଥିବା ଆଭ୍ୟନ୍ତରୀଣ ବିବାଦ ମଧ୍ୟରେ ପୂର୍ବତନ ଅନ୍ତର୍ଜାତୀୟ ହକି ଖେଳାଳିମାନେ ସଂଘର ସଭାପତି ଦିଲୀପ ତିର୍କୀଙ୍କ ସମର୍ଥନରେ ଆଗକୁ ଆସିଛନ୍ତି। ସଂଘର ପରିଚାଳନାରେ ତୁରନ୍ତ ସଂସ୍କାର ଆଣିବା ସହ ନିର୍ବାଚନ ପର୍ଯ୍ୟନ୍ତ ପୂର୍ବତନ ଖେଳାଳିଙ୍କୁ ନେଇ ଏକ ଅନ୍ତରୀଣ କମିଟି ଗଠନ ପାଇଁ ସେମାନେ ଦାବି କରିଛନ୍ତି। ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ମେଜର ଧ୍ୟାନଚାନ୍ଦ ନ୍ୟାସନାଲ୍ ଷ୍ଟାଡିୟମ୍ ବାହାରେ ପୂର୍ବତନ ଖେଳାଳିମାନେ ପ୍ରତିବାଦ କରିଥିଲେ। ଜାଫର ଇକବାଲ, ଭାସ୍କରନ୍ ଓ ଅଶୋକ କୁମାରଙ୍କ ସମେତ ଅନେକ ପୂର୍ବତନ ଖେଳାଳି ଏହି ଗୋଷ୍ଠୀରେ ଅଛନ୍ତି। ଅନୁମତି ନମିଳିବାରୁ ସେମାନେ ଷ୍ଟାଡିୟମ୍‌ର ଗେଟ୍ ନମ୍ବର ୭ ବାହାରେ ପ୍ଲାକାର୍ଡ ଧରି ପ୍ରତିବାଦ କରିଥିଲେ। ୧୯୮୪ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସର ଭାରତୀୟ ଦଳର ସଦସ୍ୟ ଭିନୀତ କୁମାର ଓ ରୋମିଓ ଜେମ୍ସ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ପୂର୍ବତନ ମହିଳା ଅଧିନାୟିକା ଅସୁନ୍ତା ଲାକ୍ରା ମଧ୍ୟ ପ୍ରତିବାଦରେ ଥିଲେ। ଗତ ୧୨ ତାରିଖରେ ହକି ଇଣ୍ଡିଆର ମହାନିର୍ଦ୍ଦେଶକ ଆର୍‌କେ ଶ୍ରୀବାସ୍ତବଙ୍କଠାରୁ ସମସ୍ତ କ୍ଷମତା ପ୍ରତ୍ୟାହାର ଏବଂ ତିର୍କୀଙ୍କ ନିର୍ଦ୍ଦେଶ ଅମାନ୍ୟ କରିଥିବା ନେଇ ସ୍ପଷ୍ଟୀକରଣ ମଗାଯିବା ପରେ ବିବାଦ ତୀବ୍ର ହୋଇଥିଲା। ପରେ ତିର୍କୀଙ୍କ ଅନୁମତି ବିନା କାର୍ଯ୍ୟକାରୀ ବୋର୍ଡ ବୈଠକ ଡକାଯିବା ନେଇ ମଧ୍ୟ ମତଭେଦ ବଢ଼ିଥିଲା। ପ୍ରତିପକ୍ଷ ଗୋଷ୍ଠୀ ପୂର୍ବତନ ଖେଳାଳି, ଜଣେ ଅବସରପ୍ରାପ୍ତ ବିଚାରପତି କିମ୍ବା ଆଇନ ବିଶେଷଜ୍ଞ ଏବଂ କ୍ରୀଡ଼ା ମନ୍ତ୍ରଣାଳୟ କିମ୍ବା ସାଇର ଜଣେ ପର୍ଯ୍ୟବେକ୍ଷକଙ୍କୁ ନେଇ ଅନ୍ତରୀଣ କମିଟି ଗଠନ ଦାବି କରିଛି। ୧୯୭୮ ଏସୀୟ କ୍ରୀଡ଼ାର ରୌପ୍ୟ ପଦକ ବିଜେତା ପ୍ରମୋଦ ବାଟଲାଓ ହକି ଇଣ୍ଡିଆରେ ସଂସ୍କାରର ଆବଶ୍ୟକତା ଥିବା କହିଛନ୍ତି।




## ଆର୍ଥିକ ସଙ୍କଟ: ୱେଷ୍ଟଇଣ୍ଡିଜ୍ ଖେଳାଳିଙ୍କ ପାଉଣା କଟିବ

ଚେନ୍ନାଇ,୨୫।୯ (ଏଜେନ୍ସି): ଆର୍ଥିକ ସଙ୍କଟ ମଧ୍ୟରେ ୱେଷ୍ଟଇଣ୍ଡିଜ୍ କ୍ରିକେଟ ବୋର୍ଡ ବଡ଼ ଆର୍ଥିକ ପଦକ୍ଷେପ ନେଇଛି। ଅନ୍ତର୍ଜାତୀୟ ଖେଳାଳିଙ୍କ ଦରମାରେ ୨୫ ପ୍ରତିଶତ କାଟ କରାଯିବା ସହ ଘରୋଇ ଖେଳାଳିଙ୍କ ଚୁକ୍ତି ଅବଧି ୧୨ ମାସରୁ ୭ ମାସକୁ ହ୍ରାସ କରାଯାଇଛି। ବୋର୍ଡ ଅନୁଯାୟୀ, ଅନ୍ତର୍ଜାତୀୟ ଖେଳାଳିଙ୍କ ୧୨ ମାସିଆ ଚୁକ୍ତି ବଜାୟ ରହିବ। ଖର୍ଚ୍ଚ କମାଇବା ଏବଂ ୨୦୨୭ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଓ ମୁଖ୍ୟ ବିଶ୍ୱକପ୍ ପାଇଁ ଦଳକୁ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେଇ ଚଳିତବର୍ଷର ପୁରୁଷ ସୁପର-୫୦ ଏବଂ ମହିଳା ଟି-୨୦ ବ୍ଲେଜ୍ ପ୍ରତିଯୋଗିତାକୁ ବାତିଲ କରାଯାଇଛି।୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସରେ କ୍ରିକେଟର ପ୍ରତ୍ୟାବର୍ତ୍ତନ ଏବଂ ଆସନ୍ତାବର୍ଷ ଲିମାରେ ପାନ୍ ଆମେରିକାନ୍ ଗେମ୍ସରେ କ୍ରିକେଟର ଆରମ୍ଭକୁ ଦୃଷ୍ଟିରେ ରଖି ସମ୍ବଳର ପୁନଃବିନ୍ୟାସ ଆବଶ୍ୟକ ହୋଇଛି। ଏହାସହ ବୋର୍ଡ ଆଇସିସିଠାରୁ ୧୬ ନିୟୁତ ଆମେରିକୀୟ ଡଲାର ଋଣ ମଧ୍ୟ ପାଇଛି। ଆସନ୍ତା ଏକ ବର୍ଷରେ ଏହା ତିନିଟି କିସ୍ତିରେ ମିଳିବ।

**● ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ**

## ଅଷ୍ଟ୍ରେଲିଆ-ଏ'କୁ ୧୬୨ ରନରେ ହରାଇଲା ଭାରତ-ଏ

ପୁଡୁଚେରୀ, ୨୫।୯ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ-ଏ ବିପକ୍ଷରେ ଏଠାରେ ଚାଲିଥିବା ଚାରିଦିବସୀୟ ପ୍ରଥମ ଅନଅଫିସିଆଲ ଟେଷ୍ଟରେ ଭାରତ-ଏ ୧୬୨ ରନରେ ବିଜୟୀ ହୋଇଛି। ୩୬୩ ରନର ଟାର୍ଗେଟକୁ ପିଛା କରିଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ-ଏ ଶୁକ୍ରବାର ଚତୁର୍ଥ ଦିବସରେ ୫୫.୧ ଓଭରରେ ୨୦୦ ରନ କରି ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଫର୍ଗୁସ ଓନେଲ ୪୭, ନାଥନ ମ୍ୟାକସ୍ୱିନୀ ୩୫ ଓ ଜନସନ ସାଙ୍ଗା ୨୬ ରନ କରିଥିଲେ। ଘରୋଇ ଦଳର ବୋଲରଙ୍କ ମଧ୍ୟରେ ତୁଷାର ଦେଶପାଣ୍ଡେ (୩/୧୪), ସାମ୍ସ ମୁଲାନୀ (୩/୫୭), ଅଂଶୁଲ କାମ୍ବୋଜ (୨/୨୫) ଓ ତନୁଷ କୋଟିଆନ (୨/୫୭) ମିଳିତ ଭାବରେ ୧୦ଟି ଯାକ ୱିକେଟ ବାଣ୍ଟି ନେଇଥିଲେ। ପୂର୍ବରୁ ଏହି ମ୍ୟାଚର ପ୍ରଥମ ପାଳିରେ ଭାରତ-ଏ'ର ୩୩୪ ରନ ଜବାବରେ ଅଷ୍ଟ୍ରେଲିଆ-ଏ ୧୭୧ ରନରେ ସୀମିତ ରହିଥିଲା। ଫଳରେ ୧୬୩ ରନରେ ଅଗ୍ରଣୀ ଥାଇ ଭାରତ-ଏ ଦ୍ୱିତୀୟ ପାଳିରେ ୧୯୯ ରନ କରିଥିଲା। ଉଭୟ ପାଳିରେ ଯଥାକ୍ରମେ ୧୧୩ ଓ ୪୬ ରନର ପାଳି ଖେଳିଥିବା କୁମାର କୁଶାଗ୍ର ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ବିଜୟ ସହ ଦେବଦତ୍ତ ପଡିକଲଙ୍କ ନେତୃତ୍ୱାଧୀନ ଭାରତ-ଏ ଦୁଇ ମ୍ୟାଚବିଶିଷ୍ଟ ସିରିଜରେ ୧-୦ରେ ଆଗୁଆ ରହିଛି। ସିରିଜର ଅନ୍ତିମ ଟେଷ୍ଟ ସେପ୍ଟେମ୍ବର ୨୯ରୁ ଏଠାରେ ଆରମ୍ଭ ହେବ।

**ରଣଜୀ ଟ୍ରଫି ୨୦୨୬-୨୭ ସିଜନ**

## କିଟ୍‌ରେ ୨, ବାରବାଟୀରେ ଗୋଟିଏ ମ୍ୟାଚ୍ ଖେଳିବ ଓଡ଼ିଶା

ଭୁବନେଶ୍ୱର, ୨୫।୯ (ସମିସ)

ଭାରତୀୟ ଘରୋଇ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରତିଯୋଗିତା ରଣଜୀ ଟ୍ରଫିର ୯୨ତମ ସଂସ୍କରଣ ଅକ୍ଟୋବର ୧୧ ତାରିଖରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି। ଏହିକ୍ରମରେ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ପକ୍ଷରୁ ରଣଜୀ ଟ୍ରଫି ସମେତ ୨୦୨୬-୨୭ ସିଜନର ସମସ୍ତ ପ୍ରତିଯୋଗିତାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଏଲିଟ୍ ଗ୍ରୁପ୍-ସି'ରେ ସ୍ଥାନ ପାଇଥିବା ଓଡ଼ିଶା ସିନିଅର ପୁରୁଷ ଦଳ ଗୁଜରାଟ ବିପକ୍ଷରେ ଖେଳି ରଣଜୀ ଟ୍ରଫିରେ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ଅକ୍ଟୋବର ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ। ସେହିଭଳି ଚଳିତ ସିଜନରେ ଓଡ଼ିଶା ଦଳ ଘରୋଇ ପରିବେଶରେ ୩ଟି ରଣଜୀ ଟ୍ରଫି ମ୍ୟାଚ୍ ଖେଳିବ। ଯେଉଁଥିରେ ଦୁଇଟି ମ୍ୟାଚ୍ କିଟ୍ ଗ୍ରାଉଣ୍ଡରେ ଯଥାକ୍ରମେ ସର୍ଭିସେସ (୨୬ରୁ ୨୯ ଅକ୍ଟୋବର) ଓ ଝାଡ଼ଖଣ୍ଡ (୨ରୁ ୫ ନଭେମ୍ବର) ବିପକ୍ଷରେ ଏବଂ ଦିଲ୍ଲୀ ସହ ବାରବାଟୀରେ ଜାନୁଆରୀ ୧୭ରୁ ଖେଳିବାର କାର୍ଯ୍ୟସୂଚୀ ରହିଛି। ଗତବର୍ଷ ଭଳି ଏଥର ମଧ୍ୟ ରଣଜୀ ଟ୍ରଫି ଦୁଇ ଭାଗରେ ଖେଳାଯିବ।

ଅପରପକ୍ଷରେ ଜାତୀୟ ସିନିଅର ଟି-୨୦ ପ୍ରତିଯୋଗିତା ସୟଦ ମୁସ୍ତାକ ଅଲି ଟ୍ରଫିରେ ଓଡ଼ିଶା ଏଲିଟ ଗ୍ରୁପ୍-ଡି'ରେ ସ୍ଥାନ ପାଇଛି। ଓଡ଼ିଶା ପ୍ରଥମ ମ୍ୟାଚରେ ଗୁଜରାଟ ସହ ନଭେମ୍ବର ୧୪ରେ ଖେଳିବ। ଏହାପରେ ନଭେମ୍ବର ୧୬ରେ ବିଦର୍ଭ, ୧୮ରେ ଛତିଶଗଡ଼, ୨୦ରେ ଉତ୍ତରାଖଣ୍ଡ, ୨୨ରେ ଗୋଆ, ୨୪ରେ ମୁମ୍ବଇ ଓ ଶେଷ ମ୍ୟାଚରେ ହାଇଦ୍ରାବାଦକୁ ୨୬ ତାରିଖରେ ଭେଟିବ। ଓଡ଼ିଶାର ସମସ୍ତ ମ୍ୟାଚ୍ କୋଲକାତାରେ ଅନୁଷ୍ଠିତ ହେବ। ସେହିଭଳି ସିନିଅର ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିଜୟ ହଜାର ଟ୍ରଫି ଡିସେମ୍ବର ୧୪ରୁ ଆରମ୍ଭ ହେବ। ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ପୁଡୁଚେରୀ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ଡିସେମ୍ବର ୧୬ରେ ଆସାମ, ୧୯ରେ ବେଙ୍ଗଲ, ୨୧ରେ ଉତ୍ତରପ୍ରଦେଶ, ୨୪ରେ ତ୍ରିପୁରା, ୨୭ରେ କେରଳ ଓ ୨୯ରେ କର୍ଣ୍ଣାଟକ ସହ ଶେଷ ଲିଗ୍ ମ୍ୟାଚ୍ ଖେଳିବ। ବିଜୟ ହାଜରେ ଟ୍ରଫିରେ ଗ୍ରୁପ୍-ଡି'ର ସମସ୍ତ ମ୍ୟାଚ ରାଞ୍ଚିରେ ଅନୁଷ୍ଠିତ ହେବ।

**ଓଡ଼ିଶାର ରଣଜୀ ଟ୍ରଫି କାର୍ଯ୍ୟସୂଚୀ**

| ତାରିଖ | ପ୍ରତିପକ୍ଷ | ଭେନ୍ୟୁ |
|---|---|---|
| ୧୧ରୁ ୧୪ ଅକ୍ଟୋବର | ଗୁଜରାଟ | ଅହମ୍ମଦାବାଦ |
| ୧୮ରୁ ୨୧ ଅକ୍ଟୋବର | କେରଳ | ଥିରୁଅନନ୍ତପୁରମ |
| ୨୬ରୁ ୨୯ ଅକ୍ଟୋବର | ସର୍ଭିସେସ୍ | ଭୁବନେଶ୍ୱର |
| ୨ରୁ ୫ ନଭେମ୍ବର | ଝାଡ଼ଖଣ୍ଡ | ଭୁବନେଶ୍ୱର |
| ୧୭ରୁ ୨୦ ଜାନୁଆରୀ | ଦିଲ୍ଲୀ | କଟକ |
| ୨୪ରୁ ୨୭ ଜାନୁଆରୀ | ମହାରାଷ୍ଟ୍ର | ପୁନେ |
| ୧ରୁ ୪ ଫେବୃଆରୀ | ବେଙ୍ଗଲ | କୋଲକାତା |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY